


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ବୁଧବାର ୧୪ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 APRIL 2021
Vol.No. 32 ■ No. 95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିର୍ବାଚନ କମିଶନରଙ୍କ ଆଦେଶ ବିରୋଧରେ ଧାରଣାରେ ବସିଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ପଶ୍ଚିମବଙ୍ଗ,୧୩/୦୪ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଚାଲିଛି କର ବା ମର ଯୁଦ୍ଧ । ଆପତ୍ତିଜନକ ଭାଷଣ ଦେଇଥିବା ନେଇ ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ୨୪ ଘଂଟିଆ ପ୍ରଚାର ବନ୍ଦ ଆଦେଶ ଦେଇଥିଲେ ନିର୍ବାଚନ କମିଶନର । ଏହାକୁ ବିରୋଧ କରି ଆଜି ମମତା ବାନାର୍ଜୀ ଧାରଣାରେ ବସିଛନ୍ତି । ମମତା ବାନାର୍ଜୀ କୋଲକତାର ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସି ନିର୍ବାଚନ କମିଶନରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି । ଧାରଣା ବେଳେ ବି ଦିଦି ହ୍ୱିଲ ଚେୟାରରେ ବସିଥିବା ଦେଖିବାକୁ ମିଳିଛି । କହିରଖୁ କି ଏକ ନିର୍ବାଚନୀ ସଭାରେ ହିନ୍ଦୁ-ମୁସଲିମ ଭୋଟକୁ ନେଇ କିଛି ଆପତ୍ତିଜନକ ଭାଷଣ ହେଇଥିଲେ ମମତା । ଏହାକୁ ନେଇ ନିର୍ବାଚନ କମିଶନ ଏଭଳି ଆଦେଶ ଦେଇଥିଲେ । ଯାହାଫଳରେ ମମତା ବାନାର୍ଜୀ ସୋମବାର ରାତି ୮ ଟାରୁ ମଙ୍ଗଳବାର ରାତି ୮ ଟା ପର୍ଯ୍ୟନ୍ତ କୌଣସି ସ୍ଥାନରେ ନିର୍ବାଚନୀ ସଭା କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ ତାଙ୍କ ଆଦେଶରେ କହିଥିଲେ । ହେଲେ ଆଜି ରାତି ୮ ଟା ପରେ ମମତା ବାନାର୍ଜୀ ୨ ଟି ସଭାକୁ ସମ୍ବୋଧିତ କରିବେ ବୋଲି ଜଣାପଡିଛି ।

# ବାଲେଶ୍ୱରର ବିକାଶ ପାଇଁ ୧୫୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ତାମୂଳିଆ ଗେଟ ଫ୍ଲାଏଓଭର - ଷ୍ଟେସନ୍ ଛକ ମୁଖ୍ୟ ରାସ୍ତା ହେବ ୬ ଲେନ୍
- ବୁଢ଼ାବଳଙ୍ଗ ନଦୀବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୫୩ କୋଟି ଟଙ୍କା



ଭୁବନେଶ୍ୱର,୧୩/୦୪ (ନି.ପ୍ର): ବାଲେଶ୍ୱର ମ୍ୟୁନିସିପାଲିଟି ଅଂଚଳର ସାମଗ୍ରିକ ବିକାଶ ପାଇଁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ରେ ୧୫୫ କୋଟି ଟଙ୍କାର କ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଘୋଷଣା ଅନୁଯାୟୀ ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୮ କୋଟି ଟଙ୍କା ବ୍ୟୟ ରେ ବାଲେଶ୍ୱର ସହଦେବଖୁଂଟା ବସଷ୍ଟାଣ୍ଡର ବିକାଶ କରାଯିବ। ତୁମୂଳିଆ ଗେଟ ଫ୍ଲାଏଓଭର ଠାରୁ ଷ୍ଟେସନ୍ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଛଅ ଥାକିଆ କରାଯିବ। ଏହା ସହିତ ଏ ରାସ୍ତାରେ ଆଧୁନିକ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ କରାଯିବ। ବାଲେଶ୍ୱର ମ୍ୟୁନିସିପାଲିଟିର ସବୁ ମୁଖ୍ୟ ରାସ୍ତାର ଉନ୍ନତିକରଣ କରାଯିବ। ଏଥିରେ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଏହା ସହରରେ ଟ୍ରାଫିକ ସମସ୍ୟା ଦୂର କରିବାରେ ସହାୟକ ହେବ। ସେହିପରି ବାଲେଶ୍ୱର ମ୍ୟୁନିସିପାଲିଟି ୧୪ କୋଟି ଟଙ୍କା ବ୍ୟୟରେ ମଲ୍ଟିପରପୋଜ୍ ଇଣ୍ଡୋର ହଲ୍, ସ୍ୱିମିଂ ପୁଲ୍ ଆଦି ଉନ୍ନତ କ୍ରୀଡା ଭିତିଭୂମିର ବିକାଶ କରାଯିବ । ▶▶ପୃଷ୍ଠା ୭

## କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହେବା ଘଟଣା ପୋଲିସ ଉପରେ ବର୍ଷିଲେ ବିଜେପି ନେତା ବିଜୟ ମହାପାତ୍ର

ଭୁବନେଶ୍ୱର,୧୩/୦୪ (ନି.ପ୍ର): କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହେବା ଘଟଣାରେ ପୋଲିସ ଉପରେ ବର୍ଷିଲେ ବିଜେପି ନେତା ବିଜୟ ମହାପାତ୍ର । ଫେରାରର ସତ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି । ସୁପରିକଳ୍ପିତ ଓ ଯୋଜନାବଦ୍ଧ ଭାବେ ହାଇଦରକୁ ଫେରାର କରାଯାଇଛି ବୋଲି କହିଛନ୍ତି ବିଜୟ ମହାପାତ୍ର । ଏସଟିଏଫର ଦାୟିତ୍ୱ କୁଖ୍ୟାତ ଅପରାଧୀଙ୍କ ଉପରେ ନଜର ରଖିବା । ଏଠି ଏସଟିଏଫ କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏସଟିଏଫ ମୁଖ୍ୟ, କଟକ ଡ଼ିସିପି, ଆଇନ ଶୃଂଖଳା ଏଡ଼ିଜି ଓ ପୋଲିସ ଡ଼ିଜି କେବଳ ଲଜ୍ଜା ▶▶ପୃଷ୍ଠା ୭

## ପିପିଲିରେ କେନ୍ଦ୍ରମନ୍ତ୍ରୀଙ୍କ ବିଶାଳ ନିର୍ବାଚନୀ ରୋଡ୍ ଶୋ'



ପିପିଲି /ଭୁବନେଶ୍ୱର,୧୩/୦୪ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସମର୍ଥନରେ ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି । ଏହି ଅବସରରେ ପିପିଲିରେ ଶାନ୍ତି ଓ ବିକାଶ ପାଇଁ ଜନସାଧାରଣଙ୍କୁ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ତଥା ବିଜେପିକୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ସେହିପରି ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ଓ ପୋଲିସ ଡିଜିଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ପିପିଲି ଏବଂ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ବିଶାଳ ନିର୍ବାଚନୀ ରୋଡ ଶୋ' କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପିପିଲି ହେଉଛି ଆମ ସଭ୍ୟତା, ମହାପ୍ରଭୁ ଜଗନ୍ନାଥ ତଥା ଓଡ଼ିଆ ସଂସ୍କୃତିର ମୁଖଶାଳା। ଆମେ ଯେତେବେଳେ ମହାତ୍ମା ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଛେ ସେହି ସମୟରେ ପୁରୀ ଜିଲ୍ଲା ପିପିଲିରେ ଉପନିର୍ବାଚନ ହେଉଛି। ୧୯୩୮ ମସିହାରେ ମହାତ୍ମା ଗାନ୍ଧି କସ୍ତୁରବାଙ୍କ ସହିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମହାଦେବ ଦେଶାଇ ପୁରୀ ଜିଲ୍ଲାର ପିପିଲି- ଡ଼େଲାଙ୍ଗ ତଥା ବେରବୋଇ ଅଂଚଳରେ ୮ ଦିନ ରହିଥିଲେ। ଏହି ସମୟରେ ତାଙ୍କ ସାଙ୍ଗରେ ଥିଲେ ଡା. ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ▶▶ପୃଷ୍ଠା ୭

## ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୩/୦୪ (ନି.ପ୍ର): ଆଜି ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଧାନସଭା ପରିସରରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ସୂଚନା ଲୋକ ସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଟଣୀ ବିଧାୟକ ସୁରେଶ ରାଉତରାୟ ମାଲ୍ୟାର୍ପଣ କରିଛନ୍ତି। ଉଲ୍ଲେଖନୀୟ ଯେ ଆଜି ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ। ୧୯୪୮ ମସିହା ଆଜିର ଦିନ (ଏପ୍ରିଲ ୧୩ ତାରିଖ)ରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ଭାବେ ଗଠିତ ହୋଇଥିଲା।

## କାଳବୈଶାଖୀ ସମ୍ଭାବନା, ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଆଭ୍ୟନ୍ତର, ଉତର, ଦକ୍ଷିଣ ଓ ଉପକୂଳ ଜିଲ୍ଲା ଗୁଡିକରେ କାଳବୈଶାଖୀ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ର ସୂଚନା ଅନୁଯାୟୀ ଜାରି ସତର୍କ ସୂଚନା ମତାବକ ଆଜି (ମଙ୍ଗଳବାର) ଅପରାହ୍ନ ୧ଟା ୩୦ରୁ ଆସନ୍ତାକାଲି ବୁଧବାର ସକାଳ ୮ଟା୩୦ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ , କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହିତ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି। କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବୁଧବାର ସକାଳ ଠାରୁ ଗୁରୁବାର ସକାଳ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି , ରାୟଗଡା. ଗଜପତି, ▶▶ପୃଷ୍ଠା ୭

## 'ସାଗରିକା'ର ବିଷୁବ ସଂଖ୍ୟା ଲୋକାର୍ପିତ



ବାଲେଶ୍ୱର, ୧୩/୪ (ନି.ପ୍ର): ରାଷ୍ଟ୍ରୀୟ ନବବର୍ଷ ଅବସରରେ ଧ୍ୱନିପ୍ରତିଧ୍ୱନି କାର୍ଯ୍ୟାଳୟ ପରିସରରେ ସାହିତ୍ୟ ପତ୍ରିକା 'ସାଗରିକା'ର ବିଷୁବ ସଂଖ୍ୟା ନିରାଡ଼ମ୍ବର ଭାବେ ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଦୀର୍ଘବର୍ଷର ସାଗରିକାର ଜୟଯାତ୍ରାକୁ ପ୍ରଶଂସା କରି ରାଜ୍ୟରେ ବହୁ ନୂତନ ପିଢ଼ିର ଲେଖକ ଲେଖିକା ସୃଷ୍ଟି କରିବା ଦିଗରେ ସାଗରିକାର ନିରନ୍ତର ପ୍ରୟାସ ବାଲେଶ୍ୱର ମାଟିକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ । ସାହିତ୍ୟ ଏକ ଏକ ସମୟଖଣ୍ଡର ସତ୍ୟଶୀଳ ପ୍ରତିଛବି ବହନ କରିଥାଏ । ଉଭୟ ସମାଜ ଜୀବନ ଓ ପାରିବାରିକ ଜୀବନରେ ଯେଉଁ ଦ୍ରୁତ ପରିବର୍ତ୍ତନ ଘଟି ନାନା ଅସଙ୍ଗତି ପରିଲକ୍ଷିତ ହୁଏ ତାହାକୁ ଲେଖକମାନେ ନିଜ ନିଜର ଲେଖାରେ ପ୍ରତିଫଳନ କରି ସମାଜରେ ମୂଲ୍ୟବୋଧ ପ୍ରତିଷ୍ଠା କରିବାରେ ସବୁକାଳରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ଆସିଛନ୍ତି ବୋଲି ଆଜିର ଏହି ପତ୍ରିକା ଉନ୍ମୋଚନ ଅବସରରେ ଅତିଥିଗଣ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଲେଖିକା ଅଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, ଅଭିନନ୍ଦନର ସଂପାଦକ ଜଗଦୀଶ ମିଶ୍ର, ସମାଜ ଉତ୍ତର ଓଡ଼ିଶା ସଂସ୍କରଣରର ଡେସ୍କ ଇନଚାର୍ଜ ଶଶିରଂଜନ ମଲ୍ଲିକ, କବି ପ୍ରୀତିଲେଖା ଦାସ, ହିମାଂଶୁ ଦାସ, ଆଇନଜୀବି ଗୟାଧର କର ପ୍ରମୁଖ ଯୋଗ ଦେଇଥିଲା ବେଳେ ସାଗରିକାର ସଂପାଦିକା କବି ସୈରିନ୍ଧ୍ରୀ ସାହୁ ଓ ପରିଚାଳନା ସଂପାଦକ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ତାଙ୍କ ପତ୍ରିକା ସଂପାଦନା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

## ୨୪ଘଂଟାରେ ୧ ଲକ୍ଷ ୬୧ ହଜାର ୭୩୬ ସଂକ୍ରମିତ : ୮୭୯ ମୃତ

ଭୁବନେଶ୍ୱର,୧୩/୦୪ (ନି.ପ୍ର): ଦେଶରେ କରୋନା ମିଟର ଉପରମୁହାଁ । ହୁ ହୁ ହୋଇ ବଢ଼ିବାରେ ଲାଗିଛି ସଂକ୍ରମଣଙ୍କ ସଂଖ୍ୟା । ଗତ ୨୪ଘଂଟାରେ ଦେଶରେ ୧ ଲକ୍ଷ ୬୧ ହଜାର ୭୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗୋଟିଏ ଦିନରେ ୮୭୯ ଜଣଙ୍କ ମୃତ୍ୟୁ ହୋଇଛି । ଆଜିର ସଂକ୍ରମଣକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ କୋଟି ୩୬ ଲକ୍ଷ ୮୯ ହଜାର ୪୫୩ରେ ପହଂଚିଛି । ୨୪ ଘଂଟାରେ ସୁସ୍ଥ ହୋଇଛନ୍ତି ୯୭ ହଜାର ୧୬୮ଜଣ । ଦେଶରେ ମୋଟ ସୁସ୍ଥ ୧କୋଟି ୨୨ଲକ୍ଷ ୫୩ ହଜାର ୬୯୭ ରହିଛି । ଦେଶରେ ମୋଟ ସକ୍ରିୟ ସଂଖ୍ୟା ୧୨ ଲକ୍ଷ ୬୪ ହଜାର ୬୯୮ ଥିବା ବେଳେ ମୃତ୍ୟୁ ସଂଖ୍ୟା ରହିଛି ୧ ଲକ୍ଷ ୭୧ ହଜାର ୫୮ ।


DADLS - 02

ସତ୍ୟମେବ ଜୟତେ

### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଆଜିର ଦିବସ ହେଉ 'କରୋନା' ବିରୋଧରେ ଆମର ବିଜୟ ସଂକଳ୍ପ ଦିବସ । ଆସନ୍ତୁ, 'କରୋନା' ସଂକ୍ରମଣକୁ ପ୍ରତିହତ କରି ଓଡ଼ିଶାର ନବକଳେବରରେ ସାମିଲ ହେବା ।

(ଗଣେଶୀ ଲାଲ)

OIPR : 15001/13/0002/2122

DADLS - 02

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ଆମେ ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା ।

ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0002/2122

DADLS - 02



### ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ମହାନ୍ ଐତିହ୍ୟ, ଅନନ୍ୟ ସଂସ୍କୃତି ଓ ସମୃଦ୍ଧ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ନୂଆ ବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଆନନ୍ଦ ଉତ୍ସାହ ଭରିଦେଉ, ଏହାହିଁ ମୋର କାମନା ।

କରୋନା ମହାମାରୀକୁ ମୁକାବିଲା କରି ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0002/2122

# ମୋ ସ୍କୁଲ ଅଭିଯାନର ସଫଳତାକୁ ନେଇ ସମ୍ବର୍ଦ୍ଧନା ଉତ୍ସବ

## ବିଦ୍ୟାଳୟ ଆଲୁମୋନିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ




ବାଲେଶ୍ୱର,୧୩/୪ (ନି.ପ୍ର): ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନର ସଫଳତାକୁ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲା ସ୍କୁଲ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଏଥିରେ ପୌରୋହିତ୍ୟ କରିବା ସହ ମୋ ସ୍କୁଲ ଅଭଯାନ ସଫଳତାରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସାଙ୍ଗକୁ ଶୈକ୍ଷିକ ପରିବେଶ ସୃଷ୍ଟିରେ କିପରି ସହାୟକ ହୋଇଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ସଦର ବିଧାୟକ ସ୍ୱରୂପ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବାରେ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତି 'ମୋ ସ୍କୁଲ ଅଭିଯାନ'କୁ ଆଶାତୀତ ସଫଳତା ମିଳିପାରିଛି ବୋଲି କହିଥିଲେ। ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାରେ ମୋ ସ୍କୁଲ ଅଭିଯାନ ସେତୁବନ୍ଧ ସଦୃଶ ହୋଇପାରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ବିଦ୍ୟାଳୟର ଆଲୁମୋନି କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରିଥିଲେ। ମୋ ସ୍କୁଲ ଅଭିଯାନ ଜିଲା ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆ ଏଥିରେ ଯୋଜନାର ତଥ୍ୟ ଉପସ୍ଥାପନ କରିଥିବା ବେଳେ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲାସ୍କୁଲ ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ କୁମାର ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ସ୍କୁଲର ପୁରାତନ ଛାତ୍ରୀ ଶିକ୍ଷୟିତ୍ରୀ ମଧୁମିତା ବାନାର୍ଜୀ ସ୍କୁଲକୁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

# ମନ୍ତ୍ରୀଙ୍କ ପାନୀୟ ଜଳ ଯୋଗାଣ ସମୀକ୍ଷା : ଜଳ ଯୋଗାଣ କର୍ମଚାରୀଙ୍କ ଛୁଟି ବାତିଲ୍

ଭୁବନେଶ୍ୱର,୧୩/୪ (ନି.ପ୍ର): ଗ୍ରାମାଂଚଳ ଓ ସହରାଂଚଳ ଜଳ ଯୋଗାଣ କର୍ମଚାରୀଙ୍କ ଛୁଟି ବାତିଲ୍। ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ପାନୀୟଜଳ ପାଇଁ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିଲାଗି ଦାୟିତ୍ୱରେଥିବା ଅଧିକରୀମାନେ ବିନା ଅନୁମତିରେ ସଦରମହକୁମା ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଜଳକ୍ଲିଷ୍ଟ ଅଂଚଳମାନଙ୍କରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ପଚଂାୟତିରାଜ , ପାନୀୟ ଜଳ , ଆଇନ , ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଦିନ ସମୀକ୍ଷା କରି ଏହି ସୂଚନା ଦେଇଛନ୍ତି । ଅପରପକ୍ଷରେ ପାନୀୟ ଜଳ ଯୋଗାଣ ପାଇଁ ୩ ଟି ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ଗ୍ରାମାଂଚଳରେ ଜଳଯୋଗାଣ ସମସ୍ୟା ଜନିତ ଅଭିଯୋଗ ପାଇଁ ଦେୟମୁକ୍ତ ୧୯୧୬ ନମ୍ବରରେ ଅଭିଯୋଗ କରିପାରିବେ । ସହରାଂଚଳରେ ପାନୀୟ ସଂପର୍କିତ ସମସ୍ୟା ବା ଅଭିଯୋଗ ନିମନ୍ତେ ୧୫୫୩୫୯ ଏବଂ ୧୮୦୦୩୪୫୬୭୮୪୩ ଦୁଇଟି ଦେୟମୁକ୍ତ ଟେଲିଫୋନ ରହିଛି ।
ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଜଳକ୍ଲିଷ୍ଟ , ନୂତନ ଭାବେ ଗଢି ଉଠିଥିବା ପଡାଗ୍ରାମ ଓ ୭୦ ରୁ ଅଧିକ ଜନ ସଂଖ୍ୟା ପାଇଁ ଏକ ନୂତନ ନଳକୂପ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସୌରଚାଳିତ ନଳକୂପ ଗୁଡିକୁ ୧୫ ଦିନ ମଧ୍ୟରେ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ଗ୍ରାମପଚଂାୟତ , ବ୍ଲକ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ସମସ୍ତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟରେ ମରାମତି , ରକ୍ଷଣାବେକ୍ଷଣ ଓ ତଦାରଖ ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଆହୁରିମଧ୍ୟ ପ୍ରତି ଶନିବାର ବ୍ଲକ୍ ସ୍ତରରେ ଓ ମଙ୍ଗଳବାର ଜିଲ୍ଲାସ୍ତରରେ ସମୀକ୍ଷା କରାଯାଇ ପରିସ୍ଥିତିର ମୁକାବିଲା ପାଇଁ କୁହାଯାଇଛି । ରାଜ୍ୟର ୧୧୪ ଟି ସହରାଂଚଳ ମଧ୍ୟରୁ ଆଜି ସୁଦ୍ଧା ୯୪ ଟି ସହରାଂଚଳରେ ୬୫୦ ଟି ଜଳକ୍ଲିଷ୍ଟ ସ୍ଥାନକୁ ଚିହ୍ନଟ କରାଯାଇଛି । ମୋଟ ୧୨ ଲକ୍ଷ ୧୭ ହଜାର ଗୃହ ମଧ୍ୟରୁ ୮,୩୦,୦୦୦ ଗୃହକୁ ପାନୀୟ ଜଳ ସଂଯୋଗ କରାଯାଇଛି । ସହରାଂଚଳରେ ଥିବା ୩୬୯୩୨ ଟି ନଳକୂପକୁ କାର୍ଯ୍ୟକ୍ଷମ ରଖା ଯାଇଛି । ଆବଶ୍ୟକ ସ୍ଥଳେ ଜରୁରୀ ମରାମତି କାରାଯାଇ ଜଳ ଯୋଗାଣ ଅବ୍ୟାହତ ରଖିବାକୁ ୧୬୧ ଗୋଟି ଭ୍ରାମ୍ୟମାଣ ଦଳ ନିୟୋଜିତ ହୋଇଛନ୍ତି । ୧୫୬ ଟି ନିୟନ୍ତ୍ରଣ କକ୍ଷ ଓ ମୋ ସରକାର କେନ୍ଦ୍ର ସ୍ଥାପନ କରାଯାଇ ପାନୀୟଜଳ ସଂପର୍କରିତ ଅଭିଯୋଗ ଗ୍ରହଣ ଓ ୨୪ ଘଂଟା ମଧ୍ୟରେ ସମାଧାନ ବ୍ୟବସ୍ଥା କରାଯାଇଛି । ଯୋଗାଇ ଦିଆଯାଉଥିବା ପାଣିର ଗୁଣବତା ନିୟମିତ ଭାବେ ପରୀକ୍ଷା କରାଯାଉଛି । ୨୬ ଟି ସହର ପାଇଁ ବିଭିନ୍ନ ନଦୀରେ ୩୦ ଗୋଟି କ୍ରସବନ୍ଧ ନିର୍ମାଣ କରାଯାଇ ଗ୍ରୀଷ୍ମ ସମୟରେ ଜଳ ଯୋଗାଣକୁ ସୁନିର୍ଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣା ପଡିଛି ।

# ଅଧାପନ୍ତରିଆ କାର୍ଯ୍ୟ ଶେଷ ଲାଗି ଆର୍‌ଡି ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର,୧୩/୪ (ନି.ପ୍ର): ଜଳେଶ୍ୱର ନୂଆବଜାରରୁ ନାମ୍ପୋ ଅଭିମୁଖେ ଯାଇଥିବା ପୁର୍ତ୍ତବିଭାଗ ଓ ଆର୍‌ଡି କାର୍ଯ୍ୟରେ ଶିଥିଳତା ଲାଗି ଆଜି ଅଲାଲପୁରର ବହୁ ବ୍ୟକ୍ତି ରାଜଘାଟସ୍ଥିତ ଆର୍‌ଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଆନ୍ଦୋଳନ କରିଥିଲେ । ଏହି ରାସ୍ତାର ଆର୍‌ଡି ବିଭାଗ ମାତ୍ର ୨୦୦ ମିଟର ରାସ୍ତାର ମରାମତି ଓ ଗାର୍ଡୱାଲ ନିର୍ମାଣ ଲାଗି ୯ଲକ୍ଷ ଟଙ୍କାର ଟେଣ୍ଡର ଜନୈକ ଠିକାଦାର ନେଇଛନ୍ତି । କାର୍ଯ୍ୟ ଅଧାପନ୍ତୁରିଆ ହୋଇ ପଡି ରହିଥିବାରୁ ଆଜି କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, କାଦେମ୍ବିନୀ ରାୟ, ସୁଜିତ୍ ଦେ, ରଂଜିତ୍ ଗିରି, ସନ୍ଦିପ ରାୟ, କିରଣବାଳା ସିଟି, ପ୍ରମିଳା ଦାସ, ଅନୀତା ରଣା, କନକଲାତା ପାତ୍ର, ରାକେଶ ପରିଡା, ସନ୍ୟାସୀ କୁଣ୍ଡୁ, ଉମେଶ ପରିଡା, ସନ୍ୟାସୀ ଭୂୟାଁ, ପ୍ରଶାନ୍ତ ଜେନା, ସୁଶାନ୍ତ ଜେନା, ରବିନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଆର୍‌ଡିର ସହକାରୀ ନିର୍ବାହୀ ଯନ୍ତ୍ରୀ ଲମ୍ବୋଦର କର ସ୍ମାରକପତ୍ର ଗ୍ରହଣ କରିବା ସହିତ ଅତିଶୀଘ୍ର କାର୍ଯ୍ୟ ତଦାରଖ ଓ ତଦନ୍ତ ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ

ଭଦ୍ରକ,୧୩/୪ (ନି.ପ୍ର): ବାବା ସାହେବ ଆମ୍ବେଦକରଙ୍କ ୧୩୦ତମ ଜନ୍ମ ଜୟନ୍ତୀ ତଥା ସମରସତ୍ତା ଦିବସ ଅବସରରେ ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ଭଦ୍ରକ ଜିଲ୍ଲା ସଭାପତି ବିକାଶ ଶ୍ରେଷ୍ଠାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ଭଦ୍ରକ ବିଧାନସଭା ନେତା ଡ଼ଃ ପ୍ରଦୀପ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ବାସୁଦେବପୁର ବିଧାନସଭା ନେତା ମାଧବାନନ୍ଦ ମଲ୍ଲିକ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ଜିଲ୍ଲା



ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜିଲ୍ଲା ଆଇଟି ସେଲ ପ୍ରମୁଖ ଶଶାଙ୍କ ଶେଖର ମିଶ୍ର, ସତ୍ୟବ୍ରତ ଦାସ,ବୃଷଭାନୁ ସାହୁ, ଶଶାଙ୍କ ଶେଖର ଦାସ, ପୁଷ୍ପକାନ୍ତ ସାହୁ,ରଜନୀକାନ୍ତ ଦାସ,ବିଜୟ ନାୟକ,ସରୋଜ କୁମାର ପରିଡା, ଦୀପକ ରଂଜନ ନାୟକ, ସବୀର ଦାସ, ମହେଶ୍ୱର ଧଳ, ପ୍ରମୋଦ ସାମଲ, ସୌମ୍ୟ ରଞ୍ଜନ ପ୍ରଧାନ, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଦ୍ରକ ମେଡ଼ିକାଲ ବ୍ଲଡ ବ୍ୟାଙ୍କ ସହଯୋଗରେ ଏହି ଶିବିର ହୋଇଥିଲା।

# ପିପିଲିରେ ନିର୍ବାଚନୀ ହିଂସାକୁ ନେଇ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୧୩/୪ (ନି.ପ୍ର): ପିପିଲି ନିର୍ବାଚନୀ ହିଂସାକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡିର ୫ ଜଣିଆ ଟିମ୍ । ପିପିଲିରେ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ସମେତ ବିଜେଡି କର୍ମୀଙ୍କ ଉପରେ ବିଜେପି ନେତାମାନେ ଆକ୍ରମଣ କରିବାସହ କର୍ମୀଙ୍କ ପରିବାର ମହିଳାମାନଙ୍କୁ ଦୁର୍ବ୍ୟବହାର ହୋଇଥିବା ନେଇ ବିଜେଡି ସିଇଓଙ୍କ ନିକଟରେ ଅଭିଯୋଗ କରିବା ସହ ଦାବିପତ୍ର ପ୍ରଦାନ କରିଛି।
ଦଳ ଅଭିଯୋଗ କରିଛି ଯେ ଗତକାଲି ବିଜେପି କର୍ମୀମାନେ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣରେ ମନ୍ତ୍ରୀଙ୍କ ଗାଡି ଭାଙ୍ଗିରୁଜି ଯାଇଛି। ଏଥିସହ ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଛି। ଏଥିରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ ଜଣେ ଡେଲାଙ୍ଗ ଡାକ୍ତରଖାନାରେ ଓ ଜଣେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଡେଲାଙ୍ଗ ଡାକ୍ତରଖାନାରେ ଚିକିତ୍ସାଧୀନ କର୍ମୀଙ୍କ ପରିବାରର ମହିଳା ସଦସ୍ୟମାନେ ସେମାନଙ୍କୁ ଭେଟିବାକୁ ଯାଇଥିବା ବେଳେ ବିଜେପି କର୍ମୀମାନେ ଦୁର୍ବ୍ୟବହାର କରିଥିବା ବିଜେଡି ଅଭିଯୋଗ କରିଛି। ବିଜେଡିର ୫ ଜଣିଆ ଟିମରେ ସୁଲତା ଦେଓ, ଶ୍ରୀମୟୀ ମିଶ୍ର, ସାଂସଦ ସସ୍ମିତ ପାତ୍ର ,ସୁଜିତ କୁମାର ଓ ଲେନିନ ମହାନ୍ତି ଥିଲେ।

# ଜରୁରୀ ନଥିଲେ ମେଡିକାଲ ନଯିବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

ଭୁବନେଶ୍ୱର,୧୩/୪ (ନି.ପ୍ର): ଅତି ଜରୁରୀ ନଥିଲେ ମେଡିକାଲ ଯାଆନ୍ତୁ ନାହିଁ। ରାଜ୍ୟରେ ଏବେ ସଂକ୍ରମଣ ବଢ଼ିବାରେ ଲାଗିଛି , ତେଣୁ ଏପରି ସ୍ଥିତିରେ ମେଡିକାଲ ଭଳି ଗହଳି ସ୍ଥାନକୁ ଆସି ସଂକ୍ରମଣକୁ ଘରକୁ ନେଇ ଯାଆନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ନିବେଦନ କରିଛି । ସେହିପରି ସମସ୍ତଙ୍କୁ ସାମାଜିକ ଦୂରତା ପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗତ କିଛି ଦିନ ହେଲା ବିଭିନ୍ନ ସ୍ଥାନରେ ଡାକ୍ତରମାନେ କୋଭିଡ୍ ସଂକ୍ରମିତ ହେବା ଦେଖିବାକୁ ମିଳୁଛି । ଯାହାପରେ ସ୍ୱାସ୍ଥ୍ୟ ବିଭାଗ ଏନେଇ ତତ୍ପରତା ପ୍ରକାଶ କରିବା ସହିତ ହସ୍ପିଟାଲରେ କୋଭିଡ୍ ନିୟମ କଡ଼ାକଡ଼ି କରିବା ସହ ଭିଡ଼ ନକରିବାକୁ କହିଛନ୍ତି ।

# ବିଶିଷ୍ଟ ଜନନାୟକ ସ୍ୱର୍ଗତଃ ଗଦାଧର ଗିରିଙ୍କ ୮୩ତମ ଜୟନ୍ତୀ ପାଳିତ

ବାଲିଆପାଳ,୧୩/୪ (ନି.ପ୍ର): ବାଲିଆପାଳ ବ୍ଲକର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ବିଧାୟକ ସ୍ୱର୍ଗତଃ ଗଦାଧର ଗିରିଙ୍କ ୮୩ ତମ ଜନ୍ମ ଜୟନ୍ତୀ ପାଳିତହୋଇଯାଇଛି । କରୋନା କଟକଣା ଯୋଗୁଁ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବେ ପାଳନ କରାଯାଇଛି।ସୁରଡିହା ବାତ୍ୟାଆଶ୍ରୟସ୍ଥଳୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଦସ୍ର ଗିରି ସ୍ମୃତିବିକାଶ ପରିଷଦର ସଭାପତି ଧିରେନ୍ଦ୍ରନାଥ ହାଜିରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପରିଷଦର ଆବାହକ ତଥା ସ୍ୱର୍ଗତଃ ଗିରିଙ୍କ ସୁପୁତ୍ର ବିକାଶ ଗିରି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଙ୍କ ବାପାଙ୍କ ସ୍ମୃତି ଚାରଣ କରିବା ସହ ସମାଜରେ ଅନ୍ୟାୟ, ଅତ୍ୟାଚାର, ଦୁର୍ନିତି ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚାର ସଭାପତି ଅରବିନ୍ଦ ବେହେରା,ପ୍ରତାପପୁର ପଞ୍ଚାୟତର ସରପଞ୍ଚ ଅନନ୍ତ କୁମାର ଜେନା, ଜଗତିପୁର ପଞ୍ଚାୟତର ଭାଜପା ସଭାପତି ନାରାୟଣ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଭକ୍ତଚରଣ ଦାସ, ବିଦ୍ୟାଧର ପରିଡା, ଝାଡେଶ୍ୱର ଦାସ, ମନୋରଞ୍ଜନ ଜେନା, ଦେବାନନ୍ଦ ପିଲା,ସୃଷ୍ଟିଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଗିରିଙ୍କ ବାଲିଆପାଳ ବାସିଙ୍କ ପାଇଁ



ରହିଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିବା ସହ ସେ ଦେଖିଥିବା ସୁନାର ବାଲିଆପାଳ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ । ପିତବାସ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳ ସମ୍ପଦ ମନ୍ତ୍ରୀଙ୍କ ଲୁଣି ଘେରି ବନ୍ଧ ନିର୍ମାଣ କାର୍ଯ୍ୟ ପରିଦର୍ଶନ

ଭୁବନେଶ୍ୱର,୧୩/୪ (ନି.ପ୍ର): ଆଜି ରାଜ୍ୟ ଜଳସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖରିବନ୍ଧରୁ ଆଇ.ଏନ୍.ଏସ୍ ଚିଲିକା ଏବଂ ଚନ୍ଦରପୁଟଠାରୁ କୁମଣ୍ଡଳ ପର୍ଯ୍ୟନ୍ତ ସମୁଦ୍ର ତଟ କ୍ଷୟ ନିରୋଧୀ ଲୁଣି ଘେରି ବନ୍ଧ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି । ନାବାର୍ଡ ସହାୟତାରେ କରାଯାଉଥିବା ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ଅବଶିଷ୍ଟ କାର୍ଯ୍ୟକୁ ଶୀର୍ଘ ସଂପୂର୍ଣ୍ଣ କରିବାକୁ ମନ୍ତ୍ରୀ ଶ୍ରୀ ଦାସ, ବିଭାଗୀୟ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ମୁଖ୍ୟ ଯନ୍ତ୍ରୀ, ବନ୍ୟା ନିୟନ୍ତ୍ରଣ ତଥା ବି.ଏମ୍. ଲୋୟର ମହାନଦୀ ବେସିନ୍ , ଅଧିକ୍ଷଣ ଯନ୍ତ୍ରୀ, ସେଣ୍ଟ୍ରାଲ ଜଳସେଚନ ସର୍କଲ ଏବଂ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀମାନେ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

# ରାଜ୍ୟକୁ ଟିକା ଯୋଗାଇଦେବା ପାଇଁ ପୁଣି ଚିଠି ଲେଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩/୪ (ନି.ପ୍ର): ଓଡ଼ିଶାକୁ ସ୍ୱଳ୍ପ ଓ ଅନିୟମିତ ଭାବେ କୋଭିଡ୍-୧୯ ଟିକା ଯୋଗାଣ ହେତୁ ରାଜ୍ୟରେ ଟିକାକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଆଜି ପର୍ଯ୍ୟନ୍ତ ରାଜ୍ୟ ମୋଟ ୪୬ ଲକ୍ଷ ୮ ହଜାର ୬୫୦ ଡୋଜ୍ ଟିକା ପାଇଥିବାବେଳେ ସେଥି ମଧ୍ୟରୁ ୪୨ ଲକ୍ଷ ୭୧ ହଜାର ୮୭୦ ଡୋଜ କୋଭିସିଲ୍ଡ ହୋଇଥିବାବେଳେ ତା' ମଧ୍ୟରୁ ୩ ଲକ୍ଷ ୩୬ ହଜାର ୭୮୦ ଡୋଜ୍ କୋଭାକ୍ସିନ୍ ଟିକା ଅଟେ । ବର୍ତ୍ତମାନ ରାଜ୍ୟର ଟିକାକରଣ ଉପକେନ୍ଦ୍ରଗୁଡ଼ିକରେ କୌଣସି ଟିକା ଉପଲବ୍ଧ ନଥିବାବେଳେ ମାତ୍ର ୧ ଲକ୍ଷ ୫୯ ହଜାର ୪୩୯ ଡୋଜ୍ କୋଭିସିଲଡ୍ ଏବଂ ୭୧ ହଜାର ୧୦ ଡୋଜ୍ କୋଭାକ୍ସିନ୍ ଟିକାର ବଂଟନ ପ୍ରକ୍ରିୟା ରାଜ୍ୟରେ ଚାଲୁ ରହିଛି । ରାଜ୍ୟରେ ଯେତିକି କୋଭିସିଲଡ୍ ଟିକା ରହିଛି ତାହା ଦ୍ୱାରା ମାତ୍ର ଦିନକର ଟିକାକରଣ କାର୍ଯ୍ୟ ସମ୍ଭବ ହୋଇପାରିବ ।
ଏଠାରେ ସୂଚନାଯୋଗ୍ୟ ଯେ ଅପ୍ରେଲ ମାସ ୩ ତାରିଖ ଗୋଟିଏ ଦିନରେ ରାଜ୍ୟରେ ୧୪୭୬ଟି ଟିକାକରଣ କେନ୍ଦ୍ରରେ ୨ ଲକ୍ଷ ୭୧ ହଜାର ୪୮୦ ଜଣ ହିତାଧିକାରୀ ଟିକା ନେଇଥିଲେ । ତା'ପରଠାରୁ ଟିକାର ଅଭାବ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଟିକା ଯୋଗାଣରେ ଅନିୟମିତତା ଯୋଗୁଁ ରାଜ୍ୟ ହାରାହାରି ଅଧା ଅର୍ଥାତ୍ ପ୍ରାୟ ୭୦୦ ଟିକା କେନ୍ଦ୍ର ବନ୍ଦ କରିବାକୁ ବାଧ ହୋଇଛି । ଏହି ଭଳି ସ୍ୱଳ୍ପ ଓ ଅନିୟମିତ ଟିକା ଯୋଗାଣ ଯୋଗୁ ଆଗୁଆ ଟିକାଦାନ କେନ୍ଦ୍ର ଖୋଲିବା ସଂପର୍କରେ ଯୋଜନା କରିବା ଓ ଜନସାଧାରଣଙ୍କୁ ଟିକା ଗ୍ରହଣ ସଂପର୍କରେ ସୂଚନା ପ୍ରଦାନ ସମ୍ଭବ ହୋଇପାରୁ ନାହିଁ । ଯଦିଓ ଆମର ଦୈନିକ ୩ ଲକ୍ଷ ଟିକା ଦେବାର କ୍ଷମତା ରହିଛି, ଏବେ ଏହି ସଂଖ୍ୟା ୧ ଲକ୍ଷକୁ ଖସିଆସିଛି । ଏହିଭଳି ପରିସ୍ଥିତିରେ ଆମ ପକ୍ଷରେ 'ଟିକାଦାନ ଉତ୍ସବ'କୁ ଠିକ୍ ଭାବେ ପାଳନ କରିବା ସମ୍ଭବ ହେଉ ନାହିଁ।
ଏ ସଂପର୍କରେ ଗତ ୭ ତାରିଖ ଦିନ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆବଶ୍ୟକ ଟିକା ପ୍ରଦାନରେ ବିଳମ୍ବ ହେତୁ ଏହି ମର୍ମରେ ଆଜି ପୁନର୍ବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖି ରାଜ୍ୟରେ ଟିକା ଯୋଗାଣର ସମସ୍ୟା ବିଷୟରେ ଅବଗତ କରିବା ସହ ଅତ୍ୟନ୍ତ ପକ୍ଷେ ୧୦ ଦିନ ପାଇଁ ୨୫ ଲକ୍ଷ ଡୋଜ୍ କୋଭାସିଲଡ୍ ଟିକା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ଯଦ୍ୱାରା କି ରାଜ୍ୟରେ ଟିକାଦାନ କାର୍ଯ୍ୟକ୍ରମ ସୁଚାରୁ ରୂପେ ସଂପାଦିତ ହୋଇପାରିବ ।

# କନ୍ଧମାଳ ଜିଲ୍ଲାରେ ପୁନର୍ବାର ଖୋଲିବ ସମସ୍ତ କୋଭିଡ ହସପିଟାଲ

କନ୍ଧମାଳ,୧୩/୪ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କୋଭିଡର ଦ୍ୱିତୀୟ ସଂକ୍ରମଣକୁ ଦେଖି ସଂକ୍ରମିତ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ଜିଲ୍ଲାରେ ପୁର୍ବରୁ ହୋଇଥିବା ଟିଏମସି ଗୁଡିକୁ ଖୋଲିବାକୁ ନିଷ୍ପତି ନେଇଛି ଜିଲ୍ଲା ପ୍ରଶାସନ । ଏହି ସଂକ୍ରାନ୍ତରେ ଆଜି ଏକ ଭିଡିଓ କନ୍‌ଫରେସିଙ୍ଗ ଜରିଆରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ଅଧ୍ୟକ୍ଷତାରେ ଏହି ଟିଏମସି ଗୁଡିକର ପରିଚାଳନା ଏବଂ ସଂକ୍ରମିତଙ୍କୁ କିଭଳି ଉପଯୁକ୍ତ ସେବା ଯୋଗାଇ ଦିଆଯିବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପଜିଲ୍ଲାପାଳ, ମେଡିକାଲ ଅଫିସର, ସିଡିପିଓ, ପୌରନିର୍ବାହୀ ଅଧିକାରୀ ଏବଂ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲାର ପୁର୍ବରୁ ରହିଥିବା ଟିଏମସି ଗୁଡିକ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତି ନିଆଯାଇଛି । ଜିଲ୍ଲାର ସମସ୍ତ ସିଏଚସି ଗୁଡିକରେ ଜ୍ୱର ପରୀକ୍ଷା କରାଯିବା ଏବଂ ଫ୍ଲୁରେ ସଂକ୍ରମିତ ଥିବା ରୋଗୀ ମାନଙ୍କୁ ମାସ୍କ ପିନ୍ଧିବାକୁ ବାଧ୍ୟ କରାଯିବା ଭଳି ପଦକ୍ଷେପ ମାନ ନିଆଯିବାକୁ ମଧ୍ୟ ନିଷ୍ପତି ନିଆଯାଇଥିବା ଜଣାପଡିଛି ।

# ଖଣି ଚୋରି ରୋକିବାକୁ ନୂଆ ନିୟମ

ଭୁବନେଶ୍ୱର,୧୩/୪ (ନି.ପ୍ର): ଖଣି କାରବାରକୁ ଅଧିକ ସ୍ୱଚ୍ଛ , ସୁବ୍ୟବସ୍ଥିତ କରିବ ସହିତ ଖଣି ରାଜସ୍ୱ ଆଦାୟ , ଚୋରା ଖଣି କାରବାରକୁ ରୋକିବା ଓ ସରକାରୀ ଅର୍ଥର ବାଟମାରଣାକୁ ପ୍ରତିହତ କରିବାକୁ 'ଓଡିଶା ଖଣିଜ ପଦାର୍ଥ ଚୋରି, ବେଆଇନ୍ କାରବାର ନରାକରଣ ସଂଶୋଧନ ଅଧିନିୟମ -୨୦୨୧'କୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଓଡିଶା ଅଧସ୍ତନ ମଙ୍ଗଳ ସେବା (ନିଯୁକ୍ତି ଓ ଚାକିରି ସର୍ତାବଳୀ) ନିୟମ ୧୯୯୨ର ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଓଡିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ଯୋଗୁଁ ଏହି ସେବାର ଅନ୍ତର୍ଭୁକ୍ତ ସହାୟକ ଜିଲ୍ଲା ମଙ୍ଗଳ ଅଧିକାରୀ ପଦବୀକୁ ଉନ୍ନୀତ କରାଯାଇ ଓଡିଶା ମଙ୍ଗଳ ସେବା ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଯୋଗୁଁ ଅନୁସୂଚିତ ଜନଜାତି , ଅନୁସୂଚିତ ଜାତି , ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ। ସେହିପରି ଓଡିଶା ମଙ୍ଗଳ ସେବା (ନିଯୁକ୍ତି ଓ ଚାକିରି ସର୍ତାବଳୀ) ନିୟମ ୧୯୯୨ର ସଂଶୋଧନକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ମିଳିଛି। ଏହା ବ୍ୟତୀତ ଓଡିଶା ଲାବ୍ରୋଟାରୀ ଟେକ୍ନିସିଆନ୍ ସେବା ସଂଶୋଧନ ନିୟମ ୨୦୨୧ କୁ କ୍ୟାବିନେଟ୍ ଅନୁମୋଦନ କରିଛି।

# ବସ୍ତା ବିଧାୟକଙ୍କ ଦ୍ୱାରା ମାନ୍ଧତା-ପଞ୍ଝୁପାଳି ରାସ୍ତାର ଉନ୍ନତିକରଣ ଶୁଭ ଉଦ୍‌ଘାଟନ

ବାଲିଆପାଳ,୧୩/୪ (ନି.ପ୍ର): ଦୀର୍ଘଦିନର ଦାବି ପରେ ଆଜି ବାଲିଆପାଳ ବ୍ଲକର ଅନ୍ୟ ଏକ ମୁଖ୍ୟ ରାସ୍ତା ମାନ୍ଧାତା-ପଞ୍ଝୁପାଳି ରାସ୍ତାର୪୧ ଲକ୍ଷ ୫୦ ହଜାର ୬୭୬ ଟଙ୍କା ବିନିମୟରେ ହେବାକୁଥିବା ଉନ୍ନତ୍ତିକରଣ କାର୍ଯ୍ୟର ଶୁଭ ଉଦଘାଟନ ହୋଇଛି । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟର ଶୁଭ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ବିମଳ ସାହୁ, ପୂର୍ବତନ ଚେୟାରମ୍ୟାନ ଅଶ୍ୱିନୀ ଜେନା,ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ ଜୟକୃଷ୍ଣ ବେହେରା ସମେତ ଦଳୀୟ ନେତା କର୍ମୀ ମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଦୀର୍ଘଦିନ ମାନ୍ଧାତା ଠାରୁ ପଞ୍ଝୁପାଳି ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାଉପରେ ୧୦ରୁ ଉର୍ଦ୍ଧ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି । ଦୀର୍ଘଦିନ ଧରି ରାସ୍ତାଟି ମରାମତି ଅଭାବରୁ ମରଣଯନ୍ତାରେ ପାଲଟିଯାଇଥିଲା । ଫଳରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ବେଳେ ଏକାଧରକ ମୂଲ୍ୟବାନ ଜୀବନ ମଧ୍ୟ ଯାଇଛି । ଏହି ରାସ୍ତାଟିକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସିଙ୍କ ପକ୍ଷରୁ ଦାବି ହୋଇଆସୁଥିଲା । ଆଜି ଏହି ରାସ୍ତାର ଉନ୍ନତ୍ତିକରଣ ହେବା କୁ ନେଇ ଅଞ୍ଚଳବାସିଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ।

## ମହା ବିଷୁବ ସଂକ୍ରାନ୍ତି



ଡଃ ମାଙ୍ଗଳିକା ମହାପାତ୍ର

ଓଡ଼ିଶାର ପଣା ସଂକ୍ରାନ୍ତି, ମହା ବିଷୁବ ସଂକ୍ରାନ୍ତି, ଆମ ଓଡ଼ିଆମାନଙ୍କର ନୂଆ ବର୍ଷ ଭାବରେ ପାଳନ ହୁଏ । ସାଧାରଣତଃ ଏହା ଅପ୍ରେଲ ୧୪ ତାରିଖରେ ପଡେ । ଏହି ଦିନଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁର ବୋଲି ଧରା ଯାଇଥାଏ ।

ଓଡ଼ିଆ ସଂସ୍କୃତର ପଞ୍ଜିକା ଗଣନା ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ । ଭୌଗୋଳିକ ବିଶେଷତ୍ୱ ନେଇ ଦିନ ଓ ରାତି ସମାନତା ଗୁରୁତ୍ୱକୁ ଧରି ଧାର୍ମିକ ଦୃଷ୍ଟି କୋଣରୁ ଏହି ଦିନ ତାର ପ୍ରାଥମିକତା ବହନ କରେ । ଏହିଦିନ ଅଶେଷ ପୁଣ୍ୟ ପ୍ରାପ୍ତି କରେ ବୋଲି ଗ୍ରହଣ କରାଯାଏ । ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ କରିବାକୁ ସଂକ୍ରାନ୍ତି କୁହନ୍ତି । ପ୍ରତି ଇଂରାଜୀ ମାସ ୧୩ ତାରିଖରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟଙ୍କର ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଚଳନ ହୁଏ। ଏହାକୁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି କୁହାଯାଏ ।

ହିନ୍ଦୁ ନବବର୍ଷର ଆରମ୍ଭ ଚୈତ୍ର ଶୁକ୍ଳ ପ୍ରତିପଦରୁ ହିଁ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖାକୁ ପାରିହୋଇ ଉତ୍ତର ଆଡ଼କୁ ଅର୍ଥାତ୍ କର୍କଟ କ୍ରାନ୍ତି ଆଡ଼କୁ ଗତି କରନ୍ତି ।

ବିଷୁବ ସଂକ୍ରାନ୍ତିଠାରୁ ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାର ମାନଙ୍କରେ ଦେବ ଦେବୀଙ୍କ ପାଖରେ ପୂଜା, ଭୋଗ, ହୋମ ଆଦି କରାଯାଇଥାଏ । ଏହି ସମୟରେ ସୂର୍ଯ୍ୟ କିରଣ ବୃଦ୍ଧି ପାଇଥାଏ । ଏହା ସହିତ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହୁଏ ଓ ବୁଟ ଛତୁ ମଧ୍ୟ ଗ୍ରହଣ କରାଯାଇଥାଏ । ଦେହର ତାପକୁ ସହଜ ଅବସ୍ଥାକୁ ଆଣିବାକୁ ପଣା ପାନ କରା ଯାଇଥାଏ । ବିଭିନ୍ନ ଦେବ ଦେବୀଙ୍କ ମନ୍ଦିରରେ ଛତୁ ଓ ପଣାର ଭୋଗ ମଧ୍ୟ କରା ଯାଇଥାଏ । ରାସ୍ତା କଡ଼ରେ ପଥିକ ମାନଙ୍କର ତୃଷା ନିବାରଣ ପାଇଁ ଜଳଛତ୍ର ଖୋଲା ଯାଇଥାଏ । ଏଥିପାଇଁ ଏହି ସଂକ୍ରାନ୍ତିର ଅନ୍ୟ ନାମ 'ଜଳସଂକ୍ରାନ୍ତି' ।ଏହି ସଂକ୍ରାନ୍ତିଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ପବିତ୍ର ଝାମୁ ବ୍ରତର ଉଦଯାପନ କରାଯାଏ । ଏହାକୁ ପାଟୁଆ ଯାତ୍ରା ମଧ କୁହାଯାଏ । ସୂର୍ଯ୍ୟ ମେଷ ରାଶିକୁ ଗମନ କରନ୍ତି । ଏହା ସୌର ବୈଶାଖର ପ୍ରଥମ ଦିବସ । ଏହି ଦିନଠାରୁ ନୂତନ ଶକାବ୍ଦ ଗଣନା ର ଆରମ୍ଭ ହୁଏ । ଓଡିଆ ନବ ବର୍ଷର ଆରମ୍ଭ ବିଜ୍ଞାନ ସମ୍ମତ । ଏହି ପଦ୍ଧତି ଓଡ଼ିଶାର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ଶତାନନ୍ଦ ଆଚାର୍ଯ୍ୟଙ୍କଠାରୁ ଚଳି ଆସୁଥିବାର ଅନୁମାନ କରାଯାଏ ।



ଏହିଦିନ ଏକ ଛୋଟ ମାଠିଆରେ ପଣା ରଖି ତୁଳସୀ ଚଉରାମୂଳରେ ବାନ୍ଧି ଦିଆଯାଏ । ମାଠିଆରେ ଥିବା ଛୋଟ କଣାରୁ ଧିରେ ଧିରେ ପାଣିଝରେ ଯାହା ବର୍ଷାର ଆଗମନକୁ ସୂଚାଇଥାଏ । ଛତୁଆ, ଦହି, ଗୁଡ଼, କଦଳୀ ଓ ନଡ଼ିଆ କୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ କରାଯାଏ ।ବେଲ ପଣା ରେ ବଟା ଭାଙ୍ଗ ମିଶାଇ ଭାଙ୍ଗ ପଣା ମଧ୍ୟ ସେବନ କରାଯାଇଥାଏ ।

ଏହିଦିନ ମଧ୍ୟ ହନୁମାନ ଜୟନ୍ତୀ । ଏହି ଦିବସର ମହାନତା ହିନ୍ଦୁ ଓ ବୌଦ୍ଧ ମାନଙ୍କ ପାଇଁ ସର୍ବାଧିକ । ଏ ପର୍ବ ଖାଲି ଓଡ଼ିଶାରେ ନୁହେଁ ଭାରତ ବର୍ଷର । ଉତ୍ତର ଓ ମଧ୍ୟ ଭାରତର ବୈଶାଖୀ, ଆସାମର ବିହୁ, ବଙ୍ଗଳାର ପୋହୋଲା ବୈଶାଖ, ତାମିଲନାଡୁର ପୁଆଣ୍ଡୁ ..ଏମିତି ବିଭିନ୍ନ ନାମିତ ହେଲେ ବି ଏ ଦିବସ ବର୍ଷ ଆରମ୍ଭର ଉତ୍ସବ ସୂଚକ ।

ଏ ବର୍ଷ ଏ ପର୍ବ ଭିନ୍ନ । ୧୯୧୯ ଏପ୍ରିଲ୍ ୧୩ ତାରିଖରେ ଅମୃତସର ଜାଲିଆନ ୱାଲାବାଗ୍ ନରସଂହାର, ଏ ବର୍ଷ କରୋନା ମହାମାରୀ କବଳରେ ସମଗ୍ର ବିଶ୍ୱ କବଳିତ । ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କୁ ପ୍ରଣାମ କରି ଧନୀ, ଗରିବ, ରାଜା, ଫକୀର ସଭିଏଁ ଏକାକାର ହୋଇ ବିଶ୍ୱ ମଙ୍ଗଳ ପାଇଁ ଆଶୀର୍ବାଦ ଭିକ୍ଷା କରିବା ।

ସର୍ବେ ସନ୍ତୁ ନିରାମୟ ।

+ ପ୍ଲଟ ନଂ ୩୫୩, ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

## ଆଧ୍ୟାତ୍ମିକ ପୃଷ୍ଠଭୂମି ଓ ଦଣ୍ଡନାଚ



କିଶୋର ମହାନ୍ତି



ଓଡ଼ିଶାର ଲୋକନାଟ୍ୟ ପରଂପରାରେ ଦଣ୍ଡନାଚ ଏକ ଅନନ୍ୟ ଆକର୍ଷଣୀୟ ଲୋକନାଟ୍ୟ । ଏହା ସାଧାରଣତଃ ଆମର ଗଡ଼ଜାତ ଅଞ୍ଚଳ ଢେଙ୍କାନାଳ, କଟକ ତଥା ସମ୍ବଲପୁର ଜିଲ୍ଲାର କେତେକାଂଶରେ ଏହି ଲୋକନାଟ୍ୟର ପ୍ରଭାବ ଅଦ୍ୟାବଧି ରହି ଆସିଛି । ଖ୍ରୀଷ୍ଟିୟ ନବମ-ଦଶମ ଶତାବ୍ଦୀରେ ଦକ୍ଷିଣପୂର୍ବ ଭାରତରେ ବୌଦ୍ଧଧର୍ମର ଅଧୋଗତି ଏବଂ ଶୈବ ମତର ପ୍ରାବଲ୍ୟ ହିଁ ଏହି ପରମ୍ପରାର ସୂତ୍ରପାତ ହୋଇଥିଲା ବୋଲି ଗବେଷକମାନଙ୍କର ମତ ।

ଏହି ଲୋକନୃତ୍ୟ ଓଡ଼ିଶାର ଭାକ୍ତିକ ପରମ୍ପରା ସହ ଓତଃପ୍ରୋତ ଭାବେ ଜଡ଼ିତ । ଶିବପୂଜନ, ଶିବ ଆରାଧନା ହିଁ ଏହାର ମୂଳଲକ୍ଷ୍ୟ । ଦଣ୍ଡଯାତ୍ରା ପ୍ରାୟତଃ ଏକ ଶୈବାନୁଷ୍ଠାନ । ଶିବପୂଜନ ସହ ଶାକ୍ତ ପରମ୍ପରାର ଅପୂର୍ବ ସମନ୍ୱୟ ଘଟିଛି ଏହି ଦଣ୍ଡଯାତ୍ରାରେ । ଏହି ଦଣ୍ଡଯାତ ବା ନାଟ ପଛରେ ଦୁଇଟି ବିଶିଷ୍ଟ ତାତ୍ପର୍ଯ୍ୟ ଲକ୍ଷ୍ୟ କରାଯାଇଥାଏ । ପ୍ରଥମଟି ହେଲା ଦଣ୍ଡବରଣ କରି ବା ନିଜକୁ କଷ୍ଟ ଦେଇ ଆରାଧ ଦେବତାଙ୍କଠାରୁ ଦୟା ବା କରୁଣା ଉଦ୍ରେକ କରିବା ଏବଂ ୨ୟଟି ହେଲା ଶିବଙ୍କର ପ୍ରତୀକ ରୂପେ ସାତ୍ତ୍ୱିକ ଭାବାପନ୍ନ ହୋଇ ଦଣ୍ଡ ବା ବେତପୂଜା । ଏହି ପୂଜାକୁ କେତେକ ମେରୁ ପୂଜା ବୋଲି କହିଥାନ୍ତି । ଏହା ରୁଦ୍ରେକା ବ୍ରତ ବୋଲି ପରିଚିତ । ମେଷ ସଂକ୍ରାନ୍ତିର ୧୩ଦିନ ପୂର୍ବରୁ ଏହା ଆରମ୍ଭ ହୋଇ ମେଷ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ । ଏହି ବ୍ରତ ଆଚରଣ ବହୁ ଦୁଃସାଧ ତଥା କଷ୍ଟକର । ଆଚାଣ୍ଡାଳ ବ୍ରାହ୍ମଣ ଏହି ବ୍ରତ ଆଚରଣ କଲାବେଳେ ବହୁ ଆଚାର ବିଚାର ମଧ୍ୟରେ ଜୀବନ ଅତିବାହିତ କରିଥାଏ । ତେର ଦିନ ପର୍ଯ୍ୟନ୍ତ ଶିବ ପାର୍ବତୀଙ୍କ ନିକଟରେ ନିଜର ଏକାଗ୍ର ଚିତ୍ତକୁ ସମର୍ପଣ କରି ଏବଂ ଲୋଭ, ପାପ, କ୍ଷୁଧା, ତୃଷା ଦୂର କରି ଈଶ୍ୱରଙ୍କ ପଦ ଲଗନରେ ନିଜକୁ ଜଡ଼େଇ ଦେବାର ଧର୍ମ ହେଉଛି ଦଣ୍ଡବ୍ରତ ।

ରାତିରେ ଏମାନେ ବିଶ୍ରାମ କରି ଦିନବେଳା ଚୈତ୍ର ବୈଶାଖ ମାସ ଖରାରେ ଗାଁ ଗାଁ ବୁଲି ନାଚଗୀତ କରିଥାନ୍ତି । ଏହି ଦଣ୍ଡନାଚରେ ଶିବ-ପାର୍ବତୀ, ଫକୀର-ଫକୀରାଣୀ, ଯୋଗୀ-ଯୋଗୀଆଣୀ, ବାଇଧନ, ବୀଣାକାର, ଚଢ଼େଇଆ-ଚଢ଼େଇଆଣୀ, ପତ୍ର ସଉରା ପତ୍ରସଉରାଣୀ ପ୍ରଭୃତି ବିଭିନ୍ନ ଭୂମିକାରେ ଢୋଲ ମହୁରୀ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥାନ୍ତି ଏବଂ ଗୀତ ମଧ ଗାଇଥାନ୍ତି । ଏହି ଦଣ୍ଡନାଚର ଗୀତରେ ଭଜନ, ଜଣାଣ, ଚଉତିଶା, ଚଉପଦୀ, କାଳ୍ପନିକ ବିଷୟବସ୍ତୁ ତଥା ପୌରାଣିକ କିମ୍ବଦନ୍ତୀ ବିଷୟମାନ ଗାୟନ କରାଯାଇଥାଏ । ପ୍ରଶ୍ନୋତ୍ତର ଛନ୍ଦରେ ବିଭିନ୍ନ ପାରମ୍ପରିକ, ସାମାଜିକ ସମସ୍ୟା ଉତ୍ଥାପନ କରାଯାଇ ଦର୍ଶକଙ୍କର ମନର ଭାବ ସଂଗୀତ ମାଧ୍ୟମରେ ଚିତ୍ତ ବିନୋଦନ କରିଥାନ୍ତି । ଏଠାରେ ନିମ୍ନବର୍ଗର ଚରିତ୍ରମାନଙ୍କର ଅବତାରଣା ହୋଇଥିବାରୁ ବିଭିନ୍ନ ଗ୍ରାମ୍ୟ ଭିତ୍ତିକ ସମସ୍ୟା ବ୍ୟକ୍ତିଗତ କଥା ଉପସ୍ଥାପିତ ହୋଇଥାଏ । ଏହି ଦଣ୍ଡନାଚର ପ୍ରକାରଭେଦ ମଧ ରହିଛି । ଯଥା- ଧୂଳିଦଣ୍ଡ, ପାଣିଦଣ୍ଡ, ବନଦଣ୍ଡ, ଅଗ୍ନିଦଣ୍ଡ ଇତ୍ୟାଦି । ଏହି ବ୍ରତ ଆଚରଣରେ ଯେଉଁମାନେ ଅଂଶଗ୍ରହଣ କରିଥାନ୍ତି ସେମାନେ ଈଶ୍ୱର ପାର୍ବତୀଙ୍କର ଭକ୍ତ ଦଣ୍ଡୁଆ ବା ଦଣ୍ଡବ୍ରତ ଧାରୀ । ଏହି ପରିପ୍ରେକ୍ଷୀରେ କବିରତ୍ନ ଭିକାରୀ ଚରଣ ଦାସ "ଦଣ୍ଡ ଫଳଶ୍ରୁତି" ଗୀତରେ ଲେଖିଛନ୍ତି-

କର୍ଣ୍ଣମନ ଦେଇ ଶୁଣ ପଣ୍ଡିତେ
କହିବି ଦଣ୍ଡବତ ଫଳ ଗୀତେ
କଳିକାଳରେ ଏହି ବ୍ରତ
ସାର ସ୍ୱୟଂ ମହାଦେବ
କଲେ ପ୍ରଚାର
କାଳିକା ଯେ ଅଧିଷ୍ଠାତ୍ରୀ
ନିଜ ଧାମ ଛାଡ଼ି କଳର ମଧ୍ୟରେ
ଆସିଣେ ବିଜେ କରନ୍ତି
+++

ଏହି ଦଣ୍ଡଯାତ୍ରା ବା ଦଣ୍ଡବ୍ରତର ପ୍ରାଚୀନ ପରଂପରା ରହିଛି, ଏବଂ ଏହା ପୌରାଣିକ କିମ୍ବଦନ୍ତୀ ଉପରେ ପର୍ଯ୍ୟବେସିତ । ମୁଖ୍ୟତଃ ଏହି ଦଣ୍ଡନାଚରେ ତେରଜଣ ପାଟ ଦଣ୍ଡୁଆ ଥାଆନ୍ତି । ଦଣ୍ଡୁଆଙ୍କ ମଧ୍ୟରେ କାଳିସୀଙ୍କଠରେ ଈଶ୍ୱରଙ୍କର ପରିପ୍ରକାଶ ଘଟେ । ଏହି ନାଚର ଭୋକ୍ତାମାନେ ଫଳମୂଳ, କଞ୍ଚା, ସିଝା ପରିବା, ପଇଡ଼, କ୍ଷୀର ଇତ୍ୟାଦି ସେବନ କରିଥାନ୍ତି । ଏହି ଦଣ୍ଡୁଆ ବା ଭୋକ୍ତାମାନେ ଲିଆପଣା ଓ ସିଝା ମୁଗ ମଧ ଖାଇଥାନ୍ତି । ପାରଂପରିକ ଲୋକନାଟ ଭାବରେ ଆମର ଲୋକପ୍ରିୟ ଦଣ୍ଡନାଚ ପରିଚିତ ପ୍ରଦାନ କରିଥିଲେ ହେଁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନା, ଶୈବ ଓ ଶାକ୍ତ ପରଂପରା ଅନନ୍ୟ ଧର୍ମୀୟ ଅନୁଷ୍ଠାନ ଏହା ନିଃସନ୍ଦେହରେ କୁହାଯାଇପାରେ । ଆଞ୍ଚଳିକ ଭିତ୍ତିରେ ଏହା ପରିବେଷଣ କରାଗଲେ ମଧ - ଲୋକନାଟ ମଧ୍ୟରେ ଏହା ଅଗ୍ରଗଣ୍ୟ ।

ଏହା ସଂଗୀତ ଧର୍ମୀ ଅଭିନୟାତ୍ମକ ଏବଂ ସର୍ବୋପରି ଧର୍ମୀୟ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରେ । ବୀଣାକାର ଓ ବୀଣାକାରୁଆଣୀଙ୍କର ଅଭିନୟ ପ୍ରଦର୍ଶନ ସହ ଏହାର ଅଭିନୟ ଶେଷ ହୁଏ, ଏମାନଙ୍କର ଗୀତ ଅଧିକ ତତ୍ତ୍ୱ ପ୍ରଧାନ ଓ ଉପଦେଶାତ୍ମକ । ମହାବିଷୁବ ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପିତ ହୋଇଥାଏ । ଏହାର ଅଧିକାଂଶ ଗୀତରେ ଢ଼ଗନୃତ୍ୟ, ଡାଲଖାଇ ନୃତ୍ୟ, ରସକୋଳି ପ୍ରଭୃତି ଲୌକିକ ନୃତ୍ୟ ଯେପରି ବିନିଯୁକ୍ତ ସେହିପରି କାବ୍ୟ ପ୍ରଚଳିତ ବହୁ ନୃତ୍ୟର ପ୍ରଚଳନ ଏଥିରେ ଦେଖିବାକୁ ମିଳିଥାଏ । ଶହ ଶହ ବର୍ଷଧରି- ଏହିପୂଜା ଜନସାଧାରଣଙ୍କୁ ଧର୍ମାନୁଗତ ଓ ସେମାନଙ୍କର ଚିତ୍ତବିନୋଦନରେ ଯେ ପ୍ରଭୂତ ସହାୟତା କରି ପାରିଛି ଏଥିରେ ତିଳେହେଲେ ସଂନ୍ଦେହର ଅବକାଶ ନାହିଁ । ପ୍ରାଚୀନତା ଯେପରି ଅନୁସଂଧାନ ସାପେକ୍ଷ ସେହିପରି ଏହାସହ ପ୍ରଚଳିତ ସାହିତ୍ୟର ସଂରକ୍ଷଣ ଓ ପୁର୍ନଉଦ୍ଧାର ଏକାନ୍ତ ଆବଶ୍ୟକ ।

+ ମୋ:୯୪୩୭୭୨୮୪୭୫

## କବିତା

### ନବବର୍ଷ...

ବିମଳଚାନ୍ଦ ପଟ୍ଟନାୟକ

ବିମାତାର ଚକଚକିଆ ପ୍ରସାଧନ ଆଗେ
ଫିକା ଫିକା ଲାଗୁଛ ତମେ,
ହେମାଳ ତ ଫେରିଯାଇଛି
ପତ୍ରଝଡା ଓ ନବପଲ୍ଲବର
ଘଡିସନ୍ଧି କାଳରେ
ନବ ଉନ୍ମାଦନାରେ ପୂର୍ଣ୍ଣା
ପୁଷ୍ପ ସମ୍ଭାରରେ ବି
କୁଆଡେ ହଜଯାଇଛ ତୁମେ!

ଇଚ୍ଛା ଥିଲେ ବି କିଣିପାରେନି ତୁମ ପାଇଁ
ସମ୍ବଲପୁରୀ, ବରମପୁରୀ କି
ବୋମକେଇରୁ ଖଣ୍ଡେ,
କୁହାଯାଏ, ଏସବୁ କୁଆଡେ
ନୁହେଁ ଯୁଗପୋଯୋଗୀ!
ଆଉ ଜରି ଚୁମୁକି ଲଗା
ଲୁଗାରେ ତୁମକୁ ଦେଖିବା
ମୋର କଳ୍ପନାର ବାହାରେ !!

ତୁମ ଆସିବାକୁ ନଥାଏ କାହାର ଅପେକ୍ଷା
ତୁମ ସ୍ଥିତିର ସ୍ଥିରତା ପ୍ରତି
ସଂବିତ ମାନଙ୍କର ନାହିଁ ଜମା ନିଘା।
ତୁମ ପାଇଁ ହୁଏନାହିଁ ପାର୍ଟି,
ହୁଏନାହିଁ ବାଣ ରୋଷଣୀର ଜିରୋନାଇଟ୍,
ଆସନାହିଁ ତୁମେ ଅଧରାତିରେ ଲୁଚିଛପି,
ମାହେନ୍ଦ୍ର ବେଳାର ମହେନ୍ଦ୍ର ଛୁଇଁ
ଉତ୍ତରିଥାଅ ଡେଇଁ ପଡି ପ୍ରେମର ଆନିକଟ୍ ।
ହେଲେ ତୁମ ପ୍ରବାହିତ ପ୍ରୀତିର ପରଶକୁ
ସାଉଁଟିବାରେ ହୀନମନା ସବୁ ଅନିଚ୍ଛୁକ।

ପଣାର ପିଆଲା ଆଡରେ
ମାରୁତିର ପତାକା ଫଡଫଡରେ
ସାହି, ଗଳି, ଛକ, ଅଫିସର
ଜୟନ୍ତୀର ଗହଳିରେ
ଥରେ ଅଧେ ହୁଏ ତୁମ ସ୍ମୃତିଚାରଣ,
ଭାବ ଓ ଭବ୍ୟର ଆଟିକା ଭାଙ୍ଗିଦେଇ
ଇତିହାସକୁ କଣ,
କିଏ ପଠେଇ ପାରିବ ସମନ?

ଏବେ ତୁମେ କାଗଜର କପାଳରେ
ବିଧାନ- ବିଧି ଦ୍ୱାରା
ରଚିତ ଜାତକର ଫଳାଫଳ,
ଭାସିଚାଲିଛ ଅଣାୟତ୍ତ ମଙ୍ଗର ନୌକାରେ,
ଘରଢିଙ୍କିଙ୍କ ଗହଣରେ ପାଉନାହିଁ ଥଳକୂଳ!
କେଶରୀ ସନ୍ତାନ ତୁମ ଧରିଅଛି
କର୍କଟର ବେଶ,
ତଥାପି କନାରୁ ଆସେ
କିଛି କିଛି କର୍ପୂରର ବାସ,
ସେ ବାସର ପରଶରେ ନିଜକୁ ମହକାଇ
ପାଉଛି ଥୋଡାଏ ଆତ୍ମସନ୍ତୋଷ!!!

+ରୟତ କଲୋନୀ
ରାୟଗଡା ୭୬୫୦୦୧
(ମୋ) ୭୦୦୮୨୩୨୬୦୬

### ଓଡ଼ିଆ ନବ ବର୍ଷ ...

କୁନା ସେଠୀ



ପୁଲକିତ ଆଜି ପାଣି ଓ ପବନ
ପୁଲକିତ ଜଳ, ସ୍ଥଳ
ପୁଲକିତ ପୁଣି ଜୀବଜନ୍ତୁ ଯେତେ
ପୁଲକିତ ଲତା, ଦଳ ।

ଦେହେ ଶିହରଣ କରଇ ପବନ
ବସନ୍ତ ପରଶ ଦେଇ
ପଶୁ, ପକ୍ଷୀ ଗଣ କୁରଳି ଉଠନ୍ତି
ବସନ୍ତ ସଙ୍ଗୀତ ଗାଇ ।

ଓଡ଼ିଆ ଜାତିଟା ଓଡ଼ିଆ ମାଟିଟା
ଓଡ଼ିଶାରେ ଅଛି ରହି
ଓଡ଼ିଶା ପରିକା ରାଇଜଟେ ନାହିଁ
ଓଡ଼ିଆ ସଂସ୍କୃତି ନେଇ ।

ଏଇଠି ପାଇବା ବାର ମାସ ପର୍ବ
ଯାନି ଯାତରାର ମଜା
ଏଇଠି ଖାଇବା କେତେ ପିଠା ପଣା
କେତେ ସେତ ମିଠା ଖଜା ।

ଏହି ଜାତିର ତ ହୃଦୟେ ଲେଖିଛି
ଦାନ, ଧର୍ମ, ପୁଣ୍ୟ କର୍ମ
ଏହି ଜାତି ସଦା ମଥାକୁ ଟେକିଛି
ଅତିଥିର ବୁଝି ମର୍ମ ।

ନ ଥିଲା ଏଇଠି ପାଶ୍ଚାତ ସଂସ୍କୃତି
ନ ଥିଲା ପାଶ୍ଚାତ ଢଙ୍ଗ
ନଥିଲାରେ ପୁଣି ପାଶ୍ଚାତ ମହକ
ନ ଥିଲା ତାହାର ରଙ୍ଗ ।

ପ୍ରତିଟି କରମେ ନିହିତ ରହିଛି
କିଛିତ ମହତ ଗାଥା
ତାହାରି ଖାଦ୍ୟ ତ ଔଷଧ ସମାନ
ରହିଛି ଓଡ଼ିଆ କଥା ।

ପ୍ରତିଟି ପରବ ରୋଗ ନାଶ କାରୀ
ଦ୍ରବ୍ୟ ନେଇ ଆବିର୍ଭାବ
ପ୍ରତି ଦିଅ ପାଇଁ ଅଲଗା ଭୋଗଟି
ଶରୀର ପାଇଁ କି ଲାଭ ।

ଓଡ଼ିଆ କାହାଣୀ ବୀରତାର ବାଣୀ
ଓଡ଼ିଆ ମନର ଭାଷା
ଡରି ନାହିଁ କେବେ ଡରିବାର ନାହିଁ
ଲଢ଼ିବା ତାହାର ନିଶା ।

ମାଆ ମାଟି ପାଇଁ ଜୀବନ ଦେବାକୁ
ପୁଅ ତାର ଦେଖ ଠିଆ
ବିପଦ ବେଳରେ ସିଂହର ଭଳିଆ
ଦେଖାଇ ତାହାର ହିଆ ।

ନାରୀ ପୁରୁଷର ପୋଷାକ ବାଣ୍ଟ ଇ
ଓଡ଼ିଆ ମର୍ଯ୍ୟାଦା କଥା
ଆପାଦ ମସ୍ତକ ପୋଷାକେ ଆବୃତ
ସମ୍ମାନ ତାହାର ମଥା ।

ଆଇମା କାହାଣୀ ବଖାଣେ ତା ବାଣୀ
ଅତୀତ ଗୌରବ ଗାଥା
ଇତିହାସ ହୋଇ ରହିଛି ରହିବ
ହଜିବ ନାହିଁ ସେ ପ୍ରଥା ।

ଇଂରେଜୀ ଭଳିଆ ଓଡ଼ିଆ ବି ପା ଳେ
ତାହାରି ନୂଆ ବରଷ
ଯହିଁରେ ନିହିତ ଆନ୍ତରିକତାର
ସ୍ନେହ ଓ ଶ୍ରଦ୍ଧା ପରଶ ।

ଭୋଜି ଭାତ, ମାଛ ମାଂସର ଆସର
ନଥାଏ ନଥାଏ ଏଠି
ପଣା ସଂକ୍ରାନ୍ତିରେ ପଣା ଢୋକେ ପିଇ
ଆନନ୍ଦେ ପଡ଼ଇ ଉଠି ।

ନୂଆ ପାଞ୍ଜି ଦେଖି ନିଜକୁ ସଜାଡି
ଡାକେ ନାରାୟଣ ରଖ
ନୂଆ ବରଷରୁ ନୂତନ ମନରେ
ଗମଇ କରମ ପାଖ ।

କରମ ତା ଧର୍ମ କରମ ତା ମର୍ମ
କରମ ସକଳ ତୀର୍ଥ
ସୁକର୍ମ ବଳରେ ନିଜେ ବଳିଆନ
ବଳି ଆନ ତାର ପଥ ।

ଜଗତର ହିତ ଅଟେ ତାର କାମ୍ୟ
ଜଗତ ପାଇଁ କି ଠିଆ
ତାଆର ସଂସ୍କୃତି ତାର ପରମ୍ପରା
ବତାଏ ତାହାକୁ ରାହା ।

ଏହି ନବ ବର୍ଷେ ଶୁଭେଚ୍ଛା ଜଣାଇ
କରୁଛି ଶୁଭ କାମନା
ମନରୁ ପୋଛିଣ୍ ସରବ ଦୁଃଖକୁ
ସୁଖେ ଦିଅ ନୂଆ ଭାବନା ।
ଲିଭିଯାଉ ଯେତେ ଅମା ଅନ୍ଧକାର
ଜୀବନ ହେଉ ସୁଗମ
ଜଗତର ନାଥ ଜଗତ ଠାକୁର
ସହାୟ ହୁଅନ୍ତୁ ତୁମ ।
ଜୟ ଜଗନ୍ନାଥ

+ଭୂତସରସୀଙ୍ଗି



## ପଣା ସଂକ୍ରାନ୍ତି



ବିଜୟଲକ୍ଷ୍ମୀ ପାଣିଗ୍ରାହି



ବୈଶାଖ ମାସ ଶୁକ୍ଳପକ୍ଷରେ ଯେଉଁ ସଂକ୍ରାନ୍ତି ପଡେ ତାହାକୁ ଆମେ ପଣା ସଂକ୍ରାନ୍ତି ଭାବେ ପାଳନ କରୁ। ଏହି ଦିବସକୁ ପାରମ୍ପରିକ ଉତ୍କଳୀୟ ନବ ବର୍ଷ ଭାବରେ ମଧ ପାଳନ କରାଯାଏ।ଏହା ବ୍ୟତୀତ ଏହି ଦିନକୁ ମହାବିଷୁବ ସଂକ୍ରାନ୍ତି, ମେଷ ସଂକ୍ରାନ୍ତି, ଜଳ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଭାବରେ ପାଳନ କରାଯାଇଥାଏ। ଓଡ଼ିଆ ପରମ୍ପରା ଅନୁସାରେ ବାର ମାସରେ ବାରଗୋଟି ସଂକ୍ରାନ୍ତି ପଡିଥାଏ ଯାହାର ନିର୍ଦ୍ଦିଷ୍ଟ ଏକ ତିଥି ନ ଥାଏ। ସଂକାନ୍ତି ଦିନଠାରୁ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରନ୍ତି। ସମସ୍ତ ରାଶି ମଧ୍ୟରେ ପ୍ରଥମ ରାଶି ମେଶରାଶିକୁ ଏହି ଦିନ ସ୍ୱର୍ଯ୍ୟ ପ୍ରଥମେ ପ୍ରବେଶ କରନ୍ତି ତେଣୁ ବର୍ଷର ଆରମ୍ଭ ହୁଏ ବୋଲି ଆମେ ଏହି ଦିନକୁ ହିନ୍ଦୁ ନବବର୍ଷ ଭାବେ ପାଳନ କରିଆସିଛୁ।

ଏହି ଦିବସଠାରୁ ସୂର୍ଯ୍ୟ ବିଷୁବ ରେଖାର ନିକଟତର ହୋଇଥାନ୍ତି । ଆମ ଭାରତ ବିଷୁବରେଖା ନିକଟରେ ଅବସ୍ଥିତ ହୋଇଥିବାରୁ ଏହି ଦିନଠାରୁ ଗ୍ରୀଷ୍ମ ପ୍ରବାହ ବଢିଥାଏ। ଧରାପୃଷ୍ଠରେ ବସନ୍ତ ଋତୁ ବିଦାୟ ନେବା ସହ ଗ୍ରୀଷ୍ମ ଋତୁର ଆଗମନ ହୋଇଥାଏ।ଗ୍ରୀଷ୍ମପ୍ରବାହରୁ ବସୁଧାକୁ ରକ୍ଷା କରିବାକୁ ଯାଇ ଏହିଦିନ ସୂର୍ଯ୍ୟଙ୍କୁ ଶୀତଳ ଜଳ ପ୍ରଦାନ କରି ପୂଜାର୍ଚ୍ଚନା କରାଯାଏ। ଆମ ହିନ୍ଦୁ ଧର୍ମରେ ଦାନ କୁ ସର୍ବୋଚ୍ଚ ସ୍ଥାନରେ ରଖାଯାଇଛି। ତେଣୁ ଏହି ସଂକ୍ରାନ୍ତିରେ ବସ୍ତ୍ର, ପାଦୁକା, ଛତା, ତାଳପତ୍ର ବିଂଛଣା ଏବଂ ଜଳ ଦାନ କରାଯାଇ ଥାଏ। ଏହି ସମୟରେ ପ୍ରାୟତଃ ଭିନ୍ନ ଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା ଥିବା ଦେଖାଯାଇଥାଏ।

ଗ୍ରୀଷ୍ମ ପ୍ରବାହରୁ ବସୁନ୍ଧରାକୁ ରକ୍ଷା କରିବାକୁ ଯାଇ ଏହିଦିନ ଚଉରା ଉପରେ ଏକ ବସୁନ୍ଧରା ଠେକି ବନ୍ଧାଯାଇଥାଏ। ଯାହାକୁ କେହି କେହି ପଣା ଠେକି ବୋଲି ମଧ କୁହନ୍ତି ।ତୁଳସୀ ଚଉରାକୁ ନୂଆ ବସ୍ତ୍ର ପିନ୍ଧାଇ ପଞ୍ଚାମୃତ ସିଞ୍ଚନ କରିବା ପରେ ବ୍ରାହ୍ମଣଙ୍କ ଦ୍ୱାରା ପ୍ରଥମେ ଠେକିରେ ଜଳାଭାରଣ ହୁଏ। ତାପରେ ଘରର ମହିଳାଙ୍କ ଦ୍ୱାରା ଏକ ମାସ ପର୍ଯ୍ୟନ୍ତ ଠେକିରେ ଜଳାଭାରଣ ହେଉଥାଏ। ଠିକ ଏକମାସ ପରେ ବୃଷ ସଂକ୍ରାନ୍ତି ଦିନ ଗାଧୋଇ ସାରିବା ପରେ ପଣା ଠେକି ଖୋଲାଯାଇ ଜଳାଶୟରେ ବିସର୍ଜନ କରାଯାଏ। ମାସେ ମଧ୍ୟରେ ଏହି ପଣା ଠେକିରୁ କୁଶାଗ୍ର ଦେଇ ଜଳ ବୁନ୍ଦା ତୁଳସୀ ବୃକ୍ଷରେ ନିୟମିତ ପଡୁଥାଏ ।ଏହା ଦ୍ୱାରା ଆମେ ସମସ୍ତେ ସଚେତନ ହେଉ ଯେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭିନ୍ନ ଭିନ୍ନ ଉପଚାର କରି କିପରି ପ୍ରାଣୀ ଜଗତ ତଥା ଉଦ୍ଭିଦ ଜଗତ ସୁରକ୍ଷିତ ରହିବେ। ଘରବାହାରେ ,ଖୋଲା ସ୍ଥାନରେ ପାତ୍ରରେ ପାଣି ତୋରାଣୀ ରଖି ପ୍ରାଣୀ ଜଗତକୁ ସହଯୋଗ କରିଥାଉ ।ଛାତ ଉପରେ ଖୋଲା ସ୍ଥାନରେ ପାଣି ପାତ୍ର ରଖିବା ଦ୍ୱାରା ପକ୍ଷୀ ମାନେ ମଧ ଉପକୃତ ହୋଇଥାନ୍ତି। ତେଣୁ ମଣିଷ ଭାବରେ ବାଟୋଇ ମାନଙ୍କୁ ହେଉ ଅବା ଅତିଥିମାନଙ୍କୁ ଆମେ ଜଳ ଦାନ କରିଥାଉ। ଏହି ସଂକ୍ରାନ୍ତି ଠାରୁ ଜଳର ମାହାତ୍ମ୍ୟ ଉପଲବ୍ଧି କରାଯାଉଥିବାରୁ ଏହାକୁ ଜଳ ସଂକ୍ରାନ୍ତି କୁହାଯାଇଥାଏ।

ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାପାଇଁ ଭିନ୍ନ ଭିନ୍ନ ପଣା କରି ପୂଜା କରିବା ସହ ସେବନ ତଥା ବଣ୍ଟନ କରାଯାଇଥାଏ। ତେଣୁ ଏହି ଦିବସକୁ ପଣା ସଂକ୍ରାନ୍ତି କୁହାଯାଇଥାଏ ।ଶାଗୁ ପଣା, ଆମ୍ବ ପଣା, କଦଳୀ ପଣା, ଦହି ପଣା, ଲେମ୍ବୁ ପଣା, ବେଲ ପଣା, ଗୁଡ଼ଲିଆ ପଣା, ନଡ଼ିଆ ପଣା, ପାଳୁଅ ପଣା କରାଯାଇ ଥାଏ। ଆଜିକାଲି ବିଭିନ୍ନ ଫଳର ରସକୁ ମଧ ପାନୀୟ ଭାବରେ ଗ୍ରହଣ କରାଯାଉଛି।

ହିନ୍ଦୁ ଘରର ପ୍ରତି ପୂଜା ପର୍ବର କିଛି ସ୍ୱତନ୍ତତା ରହିଛି। ଗ୍ରୀଷ୍ମକାଳୀନ ଏହି ପର୍ବ ପାଳନର ମଧ ବିଶେଷତ୍ୱ ରହିଛି ।ସୂର୍ଯ୍ୟଙ୍କର ପ୍ରଖର କିରଣ ଭାରତରେ ପଡୁଥିବାରୁ ଏହି ସମୟରେ ହଜମ ପ୍ରକ୍ରିୟା ଭଲ ହୋଇଥାଏ ।ତେଣୁ ଏହି ପଣା ସଂକ୍ରାନ୍ତିରେ ଗରିଷ୍ଠ ଖାଦ୍ୟ ପୂଜନ୍ର ବ୍ୟବସ୍ଥା ରହିଛି ।ମୁଖ୍ୟ ଭୋଗ ସାମଗ୍ରୀ ଭାବରେ ଛତୁଆ ସହିତ ପଣା ପୂଜା ହୋଇଥାଏ।

ଆମ ଦେଶ ଭାରତ ଏକ କୃଷି ପ୍ରଧାନ ଦେଶ। ଋତୁକାଳୀନ ସମସ୍ତ ଖାଦ୍ୟ ଦ୍ରବ୍ୟର ଉପଯୋଗ କରି ପୂଜାପର୍ବ ଓ ପ୍ରକୃତି ମଧ୍ୟରେ ଏକ ନିବିଡ଼ ସମ୍ପର୍କ ଗଢିଛନ୍ତି ଭାରତୀୟ ।ସେଥିପାଇଁ ଋତୁକାଳୀନ ଶସ୍ୟ,ଫଳ ପନିପରିବାକୁ ନେଇ ପ୍ରସ୍ତୁତ ହୁଏ ଭୋଗ ସାମଗ୍ରୀ ।ଜମିରୁ ଅମଳ ହୋଇଥିବା ମୁଗ ,ଡାଲି ଜାତୀୟ ତଥା ଶସ୍ୟ କୁ ନେଇ ଛତୁଆ ପ୍ରସ୍ତୁତ ହୁଏ ତା ସହିତ ବେଲ ଆଦି ଫଳକୁ ନେଇ ପଣା ପ୍ରସ୍ତୁତି ହୋଇଥାଏ।

ଏହି ଦିନଠାରୁ ସୌର ଉପାସକ ମାନଙ୍କର ପୂଜା ଆରମ୍ଭ ହେବା ବେଳେ ଆରମ୍ଭ ହୋଇଥିବା ପାଟୁଆ ଯାତ୍ରା ବା ଦଣ୍ଡ ଯାତ୍ରା ଏହି ଦିନରେ ଶେଷ ହୋଇଥାଏ। ଏହା ସହିତ ଶକ୍ତିପୀଠ ମାନଙ୍କରେ ଚୈତ୍ର ମାସରେ ଆରମ୍ଭ ହୋଇଥିବା ଝାମୁଯାତ୍ରା ମଧ ଏହିଦିନ ହିଁ ସମାପ୍ତ ହୋଇଥାଏ।

ସଙ୍କଟ ମୋଚନ ପ୍ରଭୁ ଶ୍ରୀ ହନୁମାନଙ୍କର ଏହିଦିନ ଜନ୍ମୋତ୍ସବ ପାଳନ କରାଯାଏ। ଏହି ଦିନକୁ ମହାବୀର ଜୟନ୍ତୀ ଭାବରେ ଜଣାଯାଏ। ରୁଦ୍ର ଅବତାର ହନୁମାନଙ୍କର ପୂଜାରେ ଶିବ ଓ ଶକ୍ତି ଉଭୟଙ୍କୁ ଆରାଧନା କରାଯାଇଥାଏ ।ଏହି ଦିନ ଶୁଭଫଳ କାମନା କରି ଏକ ସଙ୍ଗରେ ସୂର୍ଯ୍ୟ, ହନୁମାନ, ଗଣେଶ, ବୃନ୍ଦାବତୀ,ଶିବ, ଶକ୍ତି,ଏବଂ ଶାଳଗ୍ରାମଙ୍କୁ ପୂଜା କରାଯାଇଥାଏ ।ତେଣୁ ବାସ୍ତବିକ ଏହା ଏକ ପବିତ୍ର ଦିବସ।

+ ଶିକ୍ଷୟିତ୍ରୀ, କୁନ୍ଦୁରା, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମସ୍ୟାର ସମାଧାନ ହେଉ....

ସାରା ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ସକାଶେ ସରକାରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସଭିଁଏ ଏବେ ଗଳଦ୍‌ଘର୍ମ ହୋଇପଡ଼ିଛନ୍ତି। କିନ୍ତୁ ଏଥିରୁ ତତ୍କାଳ ତ୍ରାହି ମିଳି ପାରିନାହିଁ। ବିପଦକୁ ସମ୍ମୁଖୀନ ହେବା ହେଉଛି ଧୌର୍ଯ୍ୟବାନ୍ ବ୍ୟକ୍ତିର ଶକ୍ତି। ଏହା ଜଣେ ବ୍ୟକ୍ତି ପକ୍ଷେ ହେଉ ଅବା ସମାଜ ପାଇଁ ହେଉ, ଉଭୟ କ୍ଷେତ୍ରରେ ପ୍ରଯୁଜ୍ୟ। ତେଣୁ ସରକାର ଏ ଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରି ଚାଲିଛନ୍ତି। କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦେଶକୁ ଆକ୍ରାନ୍ତ କରିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ପଦାଧିକାରୀମାନଙ୍କ ସହ ନିୟମିତ ଭାବେ ଆଲୋଚନା, ପରାମର୍ଶ କରି ଆସୁଛନ୍ତି। ଉଚ୍ଚସ୍ତରୀୟ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇ ଅହୋରାତ୍ର ଏ ଦିଗରେ ରଣନୀତିକ କାର୍ଯ୍ୟପନ୍ଥା ଆପଣାଯାଉଛି। କରୋନା ମହାମାରୀ ନିୟନ୍ତ୍ରଣ ସକାଶେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଟିକାକରଣ କାର୍ଯ୍ୟକ୍ରମକୁ ଇତିମଧ୍ୟରେ ଆହୁରି ବ୍ୟାପକ କରାଯାଇଛି। ପ୍ରତିଦିନ ରେକର୍ଡ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଜୀବନ ରକ୍ଷାକାରୀ ଟିକା ଦିଆଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକମାନଙ୍କ ମନରେ ଏଥିପାଇଁ ଅହେତୁକ ଆଶଙ୍କା ସୃଷ୍ଟି ହୋଇଥିଲା। କିନ୍ତୁ ବୈଜ୍ଞାନିକ ଓ ଚିକିତ୍ସକମାନଙ୍କ ସର୍ବସମ୍ମତ ମତ ହେଲା, ଟିକା ଗ୍ରହଣ ହିଁ କରୋନା ବିପଦରୁ ରକ୍ଷା ପାଇବାର ଏକମାତ୍ର ଉପାୟ। ଖୁସିର କଥା, ଇତିମଧ୍ୟରେ ଦେଶର ଦଶ କୋଟିରୁ ଅଧିକ ଲୋକ ଏହି ଟିକା ନେଇ ସାରିଛନ୍ତି ଓ ଲୋକଙ୍କ ମନରୁ ଟିକା ପ୍ରତି ଥିବା ଅନାସ୍ଥା ଭାବ ଦୂର ହୋଇସାରିଛି। ଏବେ ଟିକା ଗ୍ରହଣ କରିଥିବା ହିତାଧିକାରୀମାନେ ଯେତିକି ଆଶ୍ୱସ୍ତ, ତାହା ନେବାଲାଗି ଅନ୍ୟମାନେ ସେତିକି ଆଗ୍ରହୀ। ଏହା ସୂଚିତ କରେ ଯେ, କରୋନା ବିରୁଦ୍ଧରେ ସବୁ ସ୍ତରରେ ସଂଗ୍ରାମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଟିକାକରଣକୁ ଅଧିକ ତୀବ୍ର କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶବାସୀଙ୍କୁ ପୁଣି ଥରେ ଆହ୍ୱାନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁସାରେ, ଏବେ ଦେଶରେ ଆରମ୍ଭ ହୋଇଛି 'ଟିକା ଉତ୍ସବ'। ଏପ୍ରିଲ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୧୪ ତାରିଖ ଦିନ ଶେଷ ହେବ। ଅର୍ଥାତ୍ , ମହାନ୍ ସମାଜ ସଂସ୍କାରକ ଜ୍ୟୋତିବା ଫୁଲେଙ୍କ ଜୟନ୍ତୀରୁ ଆରମ୍ଭ ହୋଇ ଆମ୍ବେଦକର ଜୟନ୍ତୀରେ ଶେଷ ହେବ। ଏହାକୁ ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ ଦେଇଥିବା ଆଖ୍ୟାର ଅର୍ଥ ହେଲା- ଟିକାକରଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା। ଏହି ବ୍ୟାପକତା ପ୍ରଦାନରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଚାରୋଟି ପରାମର୍ଶ ଦେଇଛନ୍ତି। ତାହା ହେଲା- ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃପକ୍ଷେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟିକା ନେବାଲାଗି ପ୍ରୋତ୍ସାହିତ କରିବ। ପ୍ରତ୍ୟେକ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିଙ୍କୁ ଟିକାକରଣ ନିମନ୍ତେ ପ୍ରବର୍ତ୍ତାଇ ତାଙ୍କୁ ଟିକାଦାନରେ ସହଯୋଗ କରିବ। ପ୍ରତ୍ୟେକ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିଙ୍କ ଜୀବନ ରକ୍ଷାରେ ସହାୟକ ହେବ। ଅର୍ଥାତ, ମାସ୍କ ନିଜେ ପିନ୍ଧିବା ସହ ଅନ୍ୟକୁ ତାହା ପିନ୍ଧିବା ଓ ଅନ୍ୟାନ୍ୟ କୋଭିଡ ନିୟମ ଅନୁପାଳନ ନିମନ୍ତେ ପ୍ରୋତ୍ସାହିତ କରିବା। କୋଭିଡ ସଂକ୍ରମଣର ଶୃଙ୍ଖଳକୁ ତୁଟାଇବା ଲାଗି ଏହା ମଧ୍ୟ ଏକ ମାନବୀୟ ଶୃଙ୍ଖଳ ବୋଲି କୁହାଯାଇପାରେ। ଏବଂ ପ୍ରଧାନମନ୍ତ୍ରୀଙ୍କ ଚତୁର୍ଥ ଓ ଶେଷ ପରାମର୍ଶଟି ହେଲା 'ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍' ସ୍ଥାପନରେ ବ୍ୟକ୍ତି, ଗୋଷ୍ଠୀ ଓ ପ୍ରଶାସନର ସହଯୋଗ। ଯେହେତୁ ଲକଡାଉନ୍ ଭଳି କଟକଣା ପର୍ଯ୍ୟାୟକୁ ଏବେ ଯାଉନାହୁଁ, କରୋନା ସଂକ୍ରମଣକୁ ଅଧିକ ସଂକ୍ରମିତ ନହେବାକୁ ଦେବାର ସବୁଠାରୁ ବଡ଼ ସାଧନଟି ହେଲା- ପ୍ରତି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରି, ସେ ସଂସ୍ପର୍ଶରେ ଆସିଥିବା ସୀମିତ କ୍ଷେତ୍ରକୁ ଏଭଳି କ୍ଷୁଦ୍ର କଣ୍ଟେନମେଣ୍ଟ ଜୋନ୍ ଭାବେ ଅନ୍ୟମାନଙ୍କଠାରୁ ଅପହଂଚ ରଖିବା। ଏହାଦ୍ୱାରା ପ୍ରଧାନମନ୍ତ୍ରୀ କରୋନା ସଂଗ୍ରାମରେ ଅଧିକ ଜନସହଯୋଗ କାମନା କରିଛନ୍ତି।

## ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ସମଗ୍ର ମୂଲ୍ୟାଙ୍କନ ଜରୁରୀ



ଡ ସମନ୍ୱୟ ନନ୍ଦ

ଡ. ଭୀମରାଓ ରାମଜୀ ଆମ୍ବେଦକର ଭାରତର ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟର ସମଗ୍ର ମୂଲ୍ୟାଙ୍କନ କରା ଯାଇ ନାହିଁ। ତାଙ୍କୁ ବର୍ତ୍ତମାନ ଯାଏ କେବଳ ଦଳିତ ବର୍ଗର ନେତା ଭାବେ ସ୍ଥାପିତ କରା ଯାଇଛି। ତେଣୁ ତାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟର ସଠିକ ମୂଲ୍ୟାଙ୍କନ ନ କରା ଯିବା ତାଙ୍କ ପ୍ରତି ଅନ୍ୟାୟ।

ଯଦି ଅଧ୍ୟୟନ ଦୃଷ୍ଟିରୁ ଦେଖିବା ତେବେ ଆମ୍ବେଦକର ଜଣେ ଏକାଧାରରେ ଅର୍ଥନୀତିଜ୍ଞ, ଆଇନ ବିଶାରଦ, ଶିକ୍ଷାବିଦ, ସମାଜଶାସ୍ତ୍ରୀ ଥିଲେ। ସେ ଧର୍ମ ଶାସ୍ତ୍ରର ମର୍ମଜ୍ଞ ଥିଲେ। ହିନ୍ଦୁ ସମାଜର ଆଭ୍ୟନ୍ତରୀଣ ରୋଗ ସହିତ ଲଢେଇ ଲଢି ସେ ଦେଶର ସାମାଜିକ ଜୀବନରେ ଖ୍ୟାତି ଅର୍ଜନ କରିଥିଲେ।

ଡା ଆମ୍ବେଦକର ମୂଳ ରୂପରେ ଜଣେ ଅର୍ଥନୀତିଜ୍ଞ ଥିଲେ ଏହା ଖୁବ କମ ଲୋକଙ୍କୁ ଜଣା। ବୋଧ ହୁଏ ଏହାକୁ ଜାଣି ଶୁଣି କାହାକୁ ଅବଗତ କରା ଯାଇ ନାହିଁ। ଯେତେବେଳେ ସେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପଢୁଥିଲେ ସେତେବେଳେ ଅର୍ଥନୀତିରେ ସ୍ନାତକୋତର ଡିଗ୍ରୀ ପାଇଁ ସେ ଏକ ରିସର୍ଚ୍ଚ ପେପର ଲେଖିଥିଲେ। ତାଙ୍କର ରିସର୍ଚ୍ଚ ପେପରଟି ସେତେବେଳେ ଭାରତ ଉପରେ ଶାସନ କରୁଥିବା ଇଂରେଜ ସରକାରଙ୍କ ଦ୍ୱାରା ଭାରତର ଆର୍ଥିକ ଶୋଷଣ ସମ୍ପର୍କିତ ଥିଲା। ବିଷୟଟି ଥିଲା 'ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଶାସନ ଓ ବିତୀୟ ପରିଚାଳନା'। ଏହି ରିସର୍ଚ୍ଚ ପେପରକୁ ୧୯୧୫ ମସିହାରେ ସେ ମୂଲ୍ୟାଙ୍କନ ପାଇଁ ଜମା କରାଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ତାଙ୍କର ଏହି ରିସର୍ଚ୍ଚ ପେପର ସମ୍ପର୍କରେ କେବେ ହେଲେ ଆଲୋଚନା ହୁଏ ନାହିଁ।

୧୯୭୯ ମସିହାରେ ଆମ୍ବେଦକରଙ୍କ ଉପରେ ଅନୁସନ୍ଧାନ କରୁଥିବା ବସନ୍ତ ମୁନ ଖୁବ ପରିଶ୍ରମ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏହି ରିସର୍ଚ୍ଚ ପେପରକୁ ପ୍ରାପ୍ତ କରିବା ପରେ ଆମ୍ବେଡକରଙ୍କ ବୌଦ୍ଧିକ ଜ୍ଞାନର ଏହି ପକ୍ଷ ସର୍ବସାଧାରଣରେ ଆସି ପାରିଥିଲା।

ଏହି ରିସର୍ଚ୍ଚ ପେପରରେ ଡ. ଆମ୍ବେଡକର ଯାହା ନିଷ୍କର୍ଷ ବାହାର କରିଛନ୍ତି ତାହା ଉପରେ ଦୃଷ୍ଟି ପକାଇବା। ଡ. ଆମ୍ବେଦକରଙ୍କ ନିଷ୍କର୍ଷ ଥିଲା ଯେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିଶୁଦ୍ଧ ଭାବେ ଏକ ବେପାରୀ ସଂସ୍ଥା ଥିଲା ଯାହାର ଏକ ମାତ୍ର ଉଦ୍ଦେଶ୍ୟ ତାର ଅଂଶଧାରକ ମାନଙ୍କୁ ଅଧିକରୁ ଅଧିକ ଲାଭ ପ୍ରଦାନ କରିବା ଥିଲା। ଆମ୍ବେଡକରଙ୍କ ମତରେ କୌଣସି ନିର୍ଦ୍ଦେଶକ ମଣ୍ଡଳୀର ଯୋଗ୍ୟତା ବା ଦକ୍ଷତା ଏହାକୁ ନେଇ ମାପ କରା ନ ଯାଇ ପାରେ ଯେ ସେ ଭାରତରେ ଜନ କଲ୍ୟାଣ ପାଇଁ କେତେ ବ୍ୟୟ କରୁଛି। ସେ ଇଂଲଣ୍ଡରେ ଥିବା ତାଙ୍କର ଶେୟର ହୋଲଡଲ ମାନଙ୍କୁ କେତେ ଅଧିକ ଲାଭ ଦେଇ ପାରିବ କମ୍ପାନୀର ମାପ ତା ଉପରେ ନିର୍ଭର କରିବ। ଏହି ଅନୁସନ୍ଧାନ ପେପରରେ ଆମ୍ବେଦକର ପ୍ରଥମ ଥର ପାଇଁ ଇଂରେଜ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତୀୟ ମାନଙ୍କ ଆର୍ଥିକ ଶୋଷଣ ସମ୍ପର୍କ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରିଥିଲେ।

ଅର୍ଥନୀତି ବିଷୟରେ ଡ. ଆମ୍ବେଦକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକଟି ହେଲା 'ବ୍ରିଟିଶ ଭାରତରେ ପ୍ରାନ୍ତୀୟ ବିତ ବ୍ୟବସ୍ଥାର ବିକାଶ- ସାମ୍ରାଜ୍ୟବାଦୀ ବିତ ବ୍ୟବସ୍ଥାରେ ପ୍ରାନ୍ତୀୟ ବିକେନ୍ଦ୍ରୀକରଣ' ଥିଲା। ଏହି ରିସର୍ଚ୍ଚ ପ୍ରବନ୍ଧ ମଧ୍ୟ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ହିଁ ପ୍ରସ୍ତୁତ ହୋଇଥିଲା। ସେତେବେଳର ବିତୀୟ ପରିଚାଳନା ବିଷୟର ଅଧିକୃତ ବିଦ୍ୱାନ ଏଡବିନ ଆରଏ ସେଲିଗମେନ ତାଙ୍କର ଗାଇଡ ଥିଲେ।

ଆମ୍ବେଡକରଙ୍କୁ ଏହି ଅଧ୍ୟୟନ କରିବା ସମୟରେ କେତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ତାହା ଜାଣିବା ଉଚିତ ହେବ। ଆମ୍ବେଡକର ନିଜେ ଲେଖିଛନ୍ତି – 'ମୋତେ ଏହି ଅଧ୍ୟୟନ ଅଥବା ଅନୁସନ୍ଧାନ କାର୍ଯ୍ୟ କଲା ବେଳେ ଏହି ବିଷୟରେ ପ୍ରାରମ୍ଭିକ ସୂଚନା ପାଇଁ ମଧ୍ୟ ପୁସ୍ତକ ଉପଲବ୍ଧ ନ ଥିଲା। 'ବାସ୍ତବରେ ଭାରତରେ ଏହି ବିଷୟରେ କେହି କୌଣସି କାମ କରି ନ ଥିଲେ। କିନ୍ତୁ ଇଂରେଜ ସାମ୍ରାଜ୍ୟର ଭାରତକୁ ଶୋଷଣ କରୁଥିବା ନୀତି ସମ୍ପର୍କରେ ଜାଣିବାକୁ ହେଲେ ତାହାର ଲୋକ ବିତୀୟ ତଥା ତା ପରେ ଏହା ଆଗକୁ ଏହାର ବିକେନ୍ଦ୍ରୀକରଣକୁ ଜାଣିବା ଆବଶ୍ୟକ ଥିଲା।

କେବଳ ସେତିକି ନୁହେଁ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସ୍ପଷ୍ଟ କରିବା ପାଇଁ



ଆମ୍ବେଦକର ବ୍ରିଟିଶ ଭାରତରେ ସ୍ଥାନୀୟ ବିତ ପୁସ୍ତକ ମଧ୍ୟ ଲେଖୁଥିଲେ ଓ ସେ ଆଶା କରୁଥିଲେ ଯେ ଏହି ପୁସ୍ତକ ଶୀଘ୍ର ପୂରା ହୋଇ ଯିବ।

ବାବା ସାହେବ ତାଙ୍କର ଏହି ତିନୋଟି ପୁସ୍ତକରେ ଭାରତରେ ଇଂରେଜ ମାନଙ୍କର ଶୋଷଣର ଅର୍ଥନୀତିକୁ ସ୍ପଷ୍ଟ କରିଥିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟର ଡ ସେଲିଗେମନ ଡ ଆମ୍ବେଦକରଙ୍କର ଏହି ଅନୁସନ୍ଧାନ କାର୍ଯ୍ୟ ଉପରେ ଲେଖିଛନ୍ତି – ମୋ ଜାଣିବାରେ ଏହି ବିଷୟରେ ଏତେ ବିସ୍ତୃତ ଅଧ୍ୟୟନ କେବେ ହେଲେ କରା ଯାଇ ନାହିଁ।

ଏହା କଣ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯେଉଁ ଅର୍ଥନୀତିଜ୍ଞ ଜଣକ ଇଂରେଜ ମାନଙ୍କର ଅର୍ଥନୀତିର ଗଭୀର ଅଧ୍ୟୟନ କରି ତାକୁ ଭାରତ ବିରୋଧୀ ବୋଲି ପ୍ରମାଣିତ କରିଥିଲେ, କେବଳ ଭାଷଣ ଜରିଆରେ ନୁହେଁ ବରଂ ଏକାଡେମିକ ଜଗତରେ ଅକାଟ୍ୟ ତର୍କ ଜରିଆରେ ଏହାକୁ ପ୍ରମାଣିତ କରିଥିଲେ ତାଙ୍କର ବ୍ୟକ୍ତିତ୍ୱର ଏହି ପକ୍ଷ ଉପରେ କେବେ ହେଲେ ଚର୍ଚ୍ଚା ଆଲୋଚନା ହୁଏ ନାହିଁ।

ବାବା ସାହେବଙ୍କ ଅର୍ଥନୀତିଜ୍ଞ ଭାବେ ତାଙ୍କର ଏହି ରୂପ ଜନସାଧାରଣଙ୍କ ସାମନାକୁ ଆସି ନାହିଁ। ବିଦେଶୀ ଶାସକଙ୍କୁ ରାଜନୈତିକ ସ୍ତରରେ ଆକ୍ରମଣ କରିବା ଓ ତାଙ୍କର ପର୍ଦ୍ଦାଫାସ କରିବାରେ ଅନେକ ରାଜନୈତିକ ନେତା ସେମାନଙ୍କର ଭୂମିକା ଗ୍ରହଣ କରିଥାଇ ପାରିଥାନ୍ତି କିନ୍ତୁ ବୌଦ୍ଧିକ ଜଗତରେ ବିଦେଶୀ ସାମ୍ରାଜ୍ୟବାଦୀ ଶକ୍ତିଙ୍କର ଅମାନବୀୟ ଚେହେରାର ପର୍ଦ୍ଦାଫାସ କରିବା ପାଇଁ ବାବା ସାହେବ ତାଙ୍କର ହିଁ ଅସ୍ତ୍ର ଅର୍ଥନୀତିକୁ ପ୍ରୟୋଗ କରି ଯେଉଁ ଐତିହାସିକ କାର୍ଯ୍ୟ କରିଥିଲେ ତାହାର ତିଳେ ହେଲେ ଆଲୋଚନା ହୁଏ ନାହିଁ।

ବାବା ସାହେବ ଅନୁସୁଚିତ ଜାତି ସମାଜର ସମସ୍ୟାକୁ ନେଇ ବୌଦ୍ଧିକ ଚିନ୍ତନ କରିଥିଲେ, ଏହାର ସମାଧାନ ପାଇଁ ବ୍ୟବହାରିକ ଉପାୟ ବତାଇଥିଲେ ଓ ତାହାକୁ ପ୍ରାପ୍ତ କରିବାକୁ ଆନ୍ଦୋଳନ ମଧ୍ୟ କରିଥିଲେ। କିନ୍ତୁ ଏହି ସମସ୍ତ ପ୍ରକ୍ରିୟାକୁ ଏକାଙ୍ଗୀ ଦୃଷ୍ଟିକୋଣରେ ଦେଖା ଯାଉଛି ଓ ତାଙ୍କୁ ସମାଜର ଏକ ବର୍ଗର ନେତା ବୋଲି କହି ପ୍ରଚାରିତ କରା ଯାଉଛି। ତେବେ କଣ ବାବା ସାହେବଙ୍କ ପ୍ରୟାସ କଣ ଏକାଙ୍ଗୀ ଥିଲା ଓ ଭାରତୀୟ ବା ହିନ୍ଦୁ ସମାଜର ସମଗ୍ର ପ୍ରକ୍ରିୟା ଠାରୁ କଟି ଯାଇଥିଲେ। ବାସ୍ତବରେ ଏପରି ନ ଥିଲା। ସେ ଭଲ ଭାବେ ଜାଣିଥିଲେ ଯେ ଅନୁସୂଚିତ ଜାତି ସମାଜର ପ୍ରସଙ୍ଗ ହିନ୍ଦୁ ସମାଜର ଆନ୍ତରିକ ବ୍ୟବସ୍ଥାର ଅଂଶବିଶେଷ ଅଟେ ଓ ଏହା ସହ ଯୋଡି ହୋଇ ରହିଛି ଓ ଏହାର ସମାଧାନ ମଧ୍ୟ ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଦ୍ୱାରା ସମ୍ଭବ ଏବଂ ଏହାକୁ ନେଇ ସେ ପ୍ରୟାସରତ ଥିଲେ। ତେଣୁ ଯଦି ଦେଖା ଯିବ ତେବେ ବାବା ସାହେବଙ୍କୁ କୌଣସି ଏକ ବର୍ଗର ନୁହେଁ ବରଂ ସମ୍ପୂର୍ଣ୍ଣ ହିନ୍ଦୁ ସମାଜର ଉଦ୍ଧାରକ ବୋଲି କୁହା ଯାଇ ପାରେ।

ସେହିପରି ବାବା ସାହେବ ଭାରତୀୟ ସମାଜକୁ ବିଭାଜିତ କରିବା ଉଦ୍ଦେଶ୍ୟରେ ପାଶ୍ଚାତ୍ୟ ଓ କମ୍ୟୁନିଷ୍ଟ ମାନଙ୍କର ଥ୍ୟୋରୀ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅକାଟ୍ୟ ତର୍କ ମାଧ୍ୟମରେ ଧରାଶାୟୀ କରି ଥିଲେ। କମ୍ୟୁନିଷ୍ଟ ମାନଙ୍କର ସମାଜକୁ ଖଣ୍ଡ ଖଣ୍ଡ କରିବା ଓ ବିଭାଜିତ କରିବାର ପ୍ରୟାସକୁ ସେ ଭଲ ଭାବେ ବୁଝିଥିଲେ ଓ ଏହାର ବିରୋଧ କରୁଥିଲେ। ଭୀମରାଓଙ୍କ ବ୍ୟକ୍ତିତ୍ୱର ଏହି ସବୁ ପକ୍ଷ ବର୍ତ୍ତମାନ ମଧ୍ୟ ଅନାଲୋଚିତ ହୋଇ ରହିଛି ଓ ଏହା ଉପରେ ଆଲୋଚନା ହେଉ ନାହିଁ ତେଣୁ ଆଗାମୀ ଦିନରେ ତାଙ୍କର ବ୍ୟକ୍ତିତ୍ୱର ଏହି ପକ୍ଷକୁ ନେଇ ଆଲୋଚନା ହେଲେ ତାଙ୍କର ବିଶାଳ ବ୍ୟକ୍ତିତ୍ୱ ସମ୍ପର୍କରେ ଲୋକ ମାନଙ୍କୁ ଜଣା ପଡିବ।

ବୋଧ ହୁଏ ମହାତ୍ମା ଗାନ୍ଧୀ ଏହାକୁ ଭଲ ଭାବେ ବୁଝିଥିଲେ। ସେଇଥି ପାଇଁ ବୋଧ ହୁଏ ସମ୍ବିଧାନ ତିଆରି ପାଇଁ ପଣ୍ଡିତ ନେହେରୁ ଯେତେବେଳେ କୌଣସି ବିଦେଶୀ ସମ୍ବିଧାନ ବିଶେଷଜ୍ଞଙ୍କୁ ନିମନ୍ତ୍ରିତ କରିବା କଥା କହୁଥିଲେ ସେତେବେଳେ ଗାନ୍ଧୀଜୀ ନେହେରୁଙ୍କୁ କହିଥିଲେ ଯେ ଯେତେବେଳେ ଦେଶରେ ଆମ୍ବେଦକରଙ୍କ ଭଳି ଆଇନ ବିଶାରଦ ଅଛନ୍ତି ସେତେବେଳେ ବାହାରୁ କାହାକୁ ଖୋଜିବାର କଣ ଆବଶ୍ୟକତା ଅଛି ?

## ବାସନ୍ତୀ ମହାବିଷୁବ : ସୂର୍ଯ୍ୟ ବୃତ୍ତାନ୍ତ



ବିପିନ ବିହାରୀ ମହାନ୍ତି

ବିଜ୍ଞାନ ମତେ : ସୂର୍ଯ୍ୟ ହିଁ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ଯୋଗୁଁ ଦିନରାତି, ଋତୁ ପରିବର୍ତ୍ତନ, ଝଡ଼ ବର୍ଷା, ବାୟୁ ପ୍ରବାହ, ସାମୁଦ୍ରିକ ସ୍ରୋତ ଏବଂ ଏ ପୃଥିବୀ ଚଳଚଞ୍ଚଳ। ସୂର୍ଯ୍ୟ ବ୍ୟତିରେକ ପୃଥିବୀର ଜୀବସତ୍ତା ଏବଂ ଚଳଚଞ୍ଚଳତା ମୁହୂର୍ତ୍ତକ ମଧରେ ଠପ୍। ଅର୍ଥାତ୍ ଜଡ଼ ଓ ଜୀବନ୍ତ ମଧରେ ସୌର ଶକ୍ତିହିଁ ବିଦ୍ୟମାନ। ସେ ସ୍ରଷ୍ଟା, ସେ ପାଳନ କର୍ତ୍ତା ଏବଂ ସଂହାର କର୍ତ୍ତା। ଅର୍ଥାତ୍ ଭଗବାନ। ସେ ବିଷ୍ଣୁଙ୍କ ପରି ପରମାତ୍ମା। ଏଣୁ କାପିଳତନ୍ତ୍ରରେ ଯଥାର୍ଥରେ କୁହାଯାଇଛି :

ଆକାଶସ୍ୟ ଧିପୋ
ବିଷ୍ଣୁଃ। ଅଗ୍ନିଶୈବ ମହେଶ୍ୱରୀ।
ବାୟୋଃସୂର୍ଯ୍ୟଃ କ୍ଷିତେରୀଶୋ
ଜୀବନସ୍ୟ ଗଣାଧିପଃ॥
ଗୁରୁବୋଯୋଗ ନିଷଣାତାଃ
ପ୍ରକୃତି ପଞ୍ଚଧା ଗଣମ୍,
ପରୀକ୍ଷ୍ୟ କୁର୍ଯ୍ୟୁଃ
ଶିଷ୍ୟାଣାଂ ଅଧିକାର ବିନିର୍ଣ୍ଣୟମ୍॥

ଅର୍ଥାତ୍ ଆକାଶର ଅଧିପତି ବିଷ୍ଣୁ, ଅଗ୍ନିର ମହେଶ୍ୱରୀ। ବାୟୁ ତତ୍ତ୍ୱର ଅଧିପତି ସୂର୍ଯ୍ୟ, ପୃଥିବୀର ଶିବ ଏବଂ ଜଳର ଅଧିପତି ଗଣେଶ ଅଟନ୍ତି। ଏହାର ତାତ୍ପର୍ଯ୍ୟ ଏହି ଯେ ଏହି ପଞ୍ଚ ଦେବଙ୍କ ମଧରେ ସୂର୍ଯ୍ୟ ମଧ ବିଷ୍ଣୁ ଏବଂ ଶିବ ଇତ୍ୟାଦିଙ୍କ ପରି ପରମାତ୍ମା ଅଟନ୍ତି। ଏ ପରମାତ୍ମା ଶରୀର ମଧରେ ଆତ୍ମା ରୂପେ ବିରାଜମାନ। ଏଣୁ ଆତ୍ମା ଓ ପରମାତ୍ମା ଉଭୟେ ଚେତନଶୀଳ। ଏହି ଚେତନ ଶୀଳତାହିଁ, ଚଳ ଚଞ୍ଚଳତା ମୁଖ୍ୟ କାରଣ। ପଞ୍ଚଦେବଙ୍କ ପରି ସୂର୍ଯ୍ୟ ବିନା ଜଳ ବିହୁନ ଜୀବନ ସଦୃଶ। ସମସ୍ତ ବେଦ, ସ୍ମୃତି, ପୁରାଣ, ରାମାୟଣ ଏବଂ ମହାଭାରତ ଆଦି ଗ୍ରନ୍ଥରେ ଭଗବାନ ସୂର୍ଯ୍ୟଙ୍କ ମହିମା ଦ୍ୱାରା ପରିପୁଷ୍ଟ। ବିଜୟ, ସୁନ୍ଦର ସ୍ୱାସ୍ଥ୍ୟ ଲାଭାର୍ଥେ ତଥା କୁଷ୍ଠାଦି ବ୍ୟାଧି ନିବାରଣାର୍ଥେ ବିଭିନ୍ନ ଅନୁଷ୍ଠାନ ତଥା ସ୍ତୋତ୍ରମାନଙ୍କର ବର୍ଣ୍ଣନା ଏହି ଗ୍ରନ୍ଥମାନଙ୍କରେ ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। ଏହିମତେ ସୂର୍ଯ୍ୟ ମହିମା ଯୁଗେଯୁଗେ ଅଦ୍ୱିତୀୟ ଅଟେ।

ଗାୟତ୍ରୀ ମନ୍ତ୍ରରେ ସୂର୍ଯ୍ୟ ହିଁ ଧେୟ ଦେବତା :

'ତତ୍ ସବିତୁର୍ବରେଣ୍ୟମ୍'। ସବିତା ଶବ୍ଦ ସୂର୍ଯ୍ୟଙ୍କର ପର୍ଯ୍ୟାୟସୂଚକ ଅଟେ। ଭାନୁର୍ହଂସ ସହସ୍ରାଂଶୁ ସ୍ତପନଃ ସବିତା ରବିଃ (ଅମର ୧।୩।୩୬)। ଅର୍ଥାତ୍ ଭାନୁ, ହଂସ ସହସ୍ରାଂଶୁ, ତପନ, ସବିତା, ଏବଂ ରବି ଇତ୍ୟାଦି ସୂର୍ଯ୍ୟ ଦେବତାଙ୍କର ଭିନ୍ନ ନାମ ଅଟନ୍ତି। ପ୍ରତ୍ୟକ୍ଷତଃ ସୂର୍ଯ୍ୟ ମଣ୍ଡଳ ଜଡ଼ ପ୍ରତୀତ ହେଲେ ହେଁ ତାଙ୍କର ଅଭିମାନୀ ଦେବତା ଚେତନା ଅଟନ୍ତି : ଯୋ ଙ୍କସ୍ମାବାଦିତ୍ୟେ ପୁରୁଷଃ ସୋଙ୍କସା ବହମ। ସେ ଅଧାତ୍ମ-ସୂର୍ଯ୍ୟ, ସେ ଜ୍ୟୋତିମାନଙ୍କର ଜ୍ୟୋତି ଏବଂ ଜ୍ୟୋତିସ୍ମତୀ ଯୋଗ ପ୍ରବୃତ୍ତିର କାରଣ ଅଟନ୍ତି।' ସେ ଏକମାତ୍ର ଜଗତର ପୋଷକ, ଏକାକୀ ଗମନଶୀଳ (ଅବାସ୍ତବ ଗତି), ସମସ୍ତଙ୍କର ନିୟନ୍ତା, ରଶ୍ମିମାନଙ୍କର ସ୍ରୋତ, ରସମାନକୁ ଗ୍ରହଣ କରୁଥିବା ସୂର୍ଯ୍ୟ। ସେ ପୁଣି ପ୍ରଖରାଶ୍ମି। ଏଣୁ ଯଥାର୍ଥରେ କୁହାଯାଇଛି : ହେ ପ୍ରଜାପତି ପୁତ୍ର! ଆପଣ ନିଜର କିରଣମାନଙ୍କୁ ଦୂର କରନ୍ତୁ ଏବଂ ଆପଣଙ୍କର ତାପଜ ଜ୍ୟୋତିକୁ ଶାନ୍ତ କରନ୍ତୁ। ଆପଣଙ୍କର ଯେଉଁ ଅତ୍ୟନ୍ତ କଲ୍ୟାଣମୟ ରୂପ ଅଛି, ତାକୁ ମଧ ମୁଁ ଦେଖି ପାରୁଛି; ମୁଁ ଭୃତ୍ୟପରି ମାଗୁନାହିଁ। ଅପିତୁ ଆଦ୍ୟମଣ୍ଡଳସ୍ଥ ଯେଉଁ ପୁରୁଷ ଅଛନ୍ତି ବା ପ୍ରାଣ ବୁଦ୍ଧ୍ୟା ସ୍ୱରୂପରେ ଯେଉଁ ଆଦିତ୍ୟ ପୁରୁଷ ସମସ୍ତ ଜଗତକୁ ପୂର୍ଣ୍ଣ କରିଅଛନ୍ତି କିମ୍ବା ଯିଏ ଶରୀର ରୂପ ପୁରରେ ଶୟନ କରିବା କାରଣ ପୁରୁଷ ନାମରେ ଅଭିହିତ, ସେ ମୁଁ ହିଁ ଅଟେ। "ପୂଷନ ଏକର୍ଷେ ଯମ ସୂର୍ଯ୍ୟ ପ୍ରାଦାପତ୍ୟ ବ୍ୟୁହ ରଶ୍ମୀନ ସମୁହ ତେଜୋ ଯତ୍ ଯେ ରୂପଂ କଲ୍ୟାଣତମଂ ତତ୍ ତେ ପଶ୍ୟାମି ଯୋଙ୍କସାବସୌ ପୁରୁଷଃ ସୋ ଅଙ୍କହମସ୍ମି। : ଈଶାବାସ୍ୟୋପନିଷଦ : ୧୬

ଶଙ୍କରା ଚାର୍ଯ୍ୟଙ୍କ ମତରେ ଆଦିତ୍ୟଙ୍କ ଠାରେ ଜ୍ୟୋର୍ତିମଣ୍ଡଳ ରୂପ ଭୂତାଂଶ ଅଚେତନ ଅଟେ; କିନ୍ତୁ ଦେବାତ୍ମା ଅଧିଷ୍ଠାତା ଚେତନ ହିଁ ଅଟନ୍ତି। ଯେମିତି ଆମ ଶରୀର ବସ୍ତୁତଃ ଅଚେତନ ଅଟେ; ପରନ୍ତୁ ପ୍ରତ୍ୟେକ ଶରୀରର ଅଧିପତି ଜୀବତ୍ମା ଚେତନ ଅଟନ୍ତି। ଏହାହିଁ ବିଜ୍ଞାନ ସମ୍ମତ। କେତେକଙ୍କ ମତରେ ସୂର୍ଯ୍ୟ କେବଳ ଅଗ୍ନିର ଗୋଳ ବା ଜଡ଼ - ଏ ସିଦ୍ଧାନ୍ତ ଆଦୌ ଠିକ୍ ନୁହେଁ। ସେ ଚେତନ ଅଟନ୍ତି। ସେ ଭୀମ ଏବଂ କାନ୍ତ। ସେ ଜଡ଼ ଓ ଜୀବ; ସେ ପ୍ରସନ୍ନ ଓ ଅପ୍ରସନ୍ନ। ଏଣୁ ଯଥାର୍ଥରେ ପୂଜ୍ୟ। ଅଦିତ୍ୟ ହୃଦୟ ସ୍ରୋତ ଦ୍ୱାରା ଶ୍ରୀରାମ ସୂର୍ଯ୍ୟଙ୍କର ସ୍ତୁତି କରିଥିଲେ। ହନୁମାନ ସୂର୍ଯ୍ୟଙ୍କ ସାନ୍ନିଧରେ ଅଧୟନ କରୁଥିଲେ। ଶାମ୍ବ ସୂର୍ଯ୍ୟ ପୂଜା କରି ଶାପ ମୁକ୍ତ ଥିଲେ। ଏମିତି ବହୁ ଆଖ୍ୟାନ ଏବଂ ଉପାଖ୍ୟାନ ନେଇ ସୂର୍ଯ୍ୟଙ୍କର ପ୍ରସସ୍ତି ଗାନ କରାଯାଇଛି। ବେଦ ତାଙ୍କୁ ଚରାଚର ଜଗତର ଆତ୍ମା ବୋଲି କହିଛି।

'ସୂର୍ଯ୍ୟ ଆତ୍ମା ଜଗତଃ ତସ୍ଥୁଷଶ୍ଚ,' 'ବିଶ୍ୱସ୍ୟ ଭୁବନସ୍ୟ ଗୋପାଃ ସମାଧିରଃ'। (ଋକ୍‌ବେଦ ୧/୧୬୪/ ୨୧)।

ଏ ମନ୍ତ୍ରରେ ସୂର୍ଯ୍ୟଙ୍କୁ ବୁଦ୍ଧି ପ୍ରେରକ କହାଯାଇଛି : ଧିୟଂ ଈରୟୋତଃ ଧିରାଃ।'

ସୂର୍ଯ୍ୟ ଶବ୍ଦର ଉତ୍ପତ୍ତି ନେଇ ଯାହା ଜଣାଯାଏ :

ସୂର୍ଯ୍ୟଃ ସତେର୍ବା ସୁବତେବା । (୧୨/୨/୧୪) - ଯାସ୍କ।

ରଜସ୍ୱୟ ସୂର୍ଯ୍ୟଂ । (ସିଦ୍ଧାନ୍ତ କୌମୁଦୀ)

ସରତି (ଗଚ୍ଛତି) ଆକାଶେ ଇତି ସୂର୍ଯ୍ୟଃ, ଯଦ୍ ବା ଷୁପ୍ରେରଣେ, କ୍ୟପୋରୂଟ, 'ସୁବତି କର୍ମଣୀ ଲୋକଂ ପ୍ରେରୟତିତି ସୂର୍ଯ୍ୟଃ॥ - ପାଣିନି।

ଏଥିରୁ ପ୍ରମାଣ ହୁଏ ଯେ, ସୂର୍ଯ୍ୟ ଚେତନ ଅଟନ୍ତି ଏବଂ ପ୍ରେରକତା ଚେତନାର ଗୁଣ ଅଟେ। ସୂର୍ଯ୍ୟ ବ୍ୟତିରେକ ଏଣୁ ସୃଷ୍ଟି ଅସମ୍ଭବ।

ସୂର୍ଯ୍ୟ ହିନ୍ଦୁମାନଙ୍କର ଆରାଧ ଦେବତା। ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ଓଡ଼ିଶାରେ ନବବର୍ଷ ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ପାଳିତ ହୁଏ ଏହାକୁ ମହାବିଷୁବ ସଂକ୍ରାନ୍ତି କୁହନ୍ତି। ବସନ୍ତ ଋତୁରେ ଏହା ପଡୁଥିବରୁ ଏହାକୁ ମଧ ବାସନ୍ତୀ ମହାବିଷୁବ କୁହାଯାଏ। ମହାବିଷୁବ ବର୍ଷକରେ ଦୁଇଥର ପାଳନ କରାଯାଏ। ଗୋଟିଏ ବାସନ୍ତୀ ମହାବିଷୁବ, ବୈଶାଖରେ ଏବଂ ଅନ୍ୟଟି ଜଳ ମହାବିଷୁବ ସେପ୍ଟମ୍ବର ୨୩ରେ। କିନ୍ତୁ ବାସନ୍ତୀ ମହାବିଷୁବ ଠାରୁ ସୂର୍ଯ୍ୟଙ୍କର ଗତିନେଇ ବର୍ଷ ହିସାବ, ପାଞ୍ଜି ଦିଆରି ଇତ୍ୟାଦି କରାଯାଏ ବୋଲି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ନାନା ଯାନୀ ଯାତ୍ରା, ଉତ୍ସବ / ମହୋତ୍ସବ, ଘରେ ଘରେ ନୂତନ ବସ୍ତ୍ର, ସାଜ ସଜ୍ଜା, ପଣା, ଭୋଗରାଗ କେତେ କ'ଣ ହୁଏ। ପୁନଶ୍ଚ ଏହା ସୂର୍ଯ୍ୟଙ୍କ ପୂଜା ହେତୁ ତାଙ୍କ ଲାଗି ଅନେକ ଯାତ୍ରା : ଯଥା ଝାମୁଯାତ୍ରା, ଦଣ୍ଡନାଚ ଏବଂ ଅନେକ କିଛି ସମର୍ପିତ ହୁଏ। ଆସନ୍ତୁ ସେହି ସର୍ବମୟ କର୍ତ୍ତା ସୂର୍ଯ୍ୟଙ୍କ ପ୍ରଣାମ କରି ନିବେଦନ କରିବା : ହେ ସୂର୍ଯ୍ୟ ଦେବ! ଆଜି ଉଦୟ ହେବା ସଂଗେସଂଗେ ଆପଣ ଆମକୁ ନିଷ୍ପାପ କରିଦିଅନ୍ତୁ। ହେ ଅଦିତ, ଆମେ ମିତ୍ର ବରୁଣଦେବଙ୍କ ପ୍ରିୟ ପାତ୍ର ହେଉ; ହେ ଆଦ୍ୟମାନ (ଦାତା) ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ, ଆପଣଙ୍କ କୃପା ଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସୂର୍ଯ୍ୟଙ୍କ ଉପଲବଧି କରିବା। ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନଲୋକର ଭାସ୍କର କରନ୍ତୁ।

" ପ୍ରଭାକରାୟ ବିଦ୍‌ମହେ
ଦିବାକରାୟ ଧିମହୀ,
ତନ୍ନୋ ସୂର୍ଯ୍ୟ ପ୍ରଚୋଦୟାତ୍।
: ଗାୟତ୍ରୀ।

+ବିପିନ ବିହାରୀ ପାଠାଗାର,
ଜଟଣୀ
ଦୂରଭାଷ : ୯୯୩୮୩୪୧୩୮

## କବିତା କୋଣାର୍କ

### ଅସ୍ପୃଶ୍ୟ ବେଲ...

ବିନୟ ଭୂଷଣ ପାଣିଗ୍ରାହୀ



ଗଛରେ ପାଚୁଥିବା ବେଲକୁ
ନିତି ଥରେ ଗଣିନେଲାବେଳେ
ମନେମନେ ହିସାବ ଚାଲିଥାଏ
ପଡ଼ିଶାରେ ମୋଟ କେତେ ଘର
କା'ବାଡ଼ିରେ ନାହିଁ ବେଲଗଛ,
ଆଗୁଆ କହିଛି ଯିଏ
ନିହାତି ତ ନେବ ସିଏ
ଆଉ ଯିଏ କହିନାହିଁ
ତାକୁ ମଧ ଯାଚିକି ଦେବାକୁ ହେବ
ନଦେଲେ ଖୁଣ୍ଟା ଦେବ ଓର ଉଣ୍ଡି
ବର୍ଷସାରା ଫୁଲେଇବ ମୁହଁ।

କୋଉ ହୀରା, ମୋତି, ମାଣିକ୍ୟ ଯେ
ବାଣ୍ଟି ଦେଲେ କପାଳ ଉଜୁଡି ଯିବ!
ସେମାନେ ବି ଯାଚିବେ ନିହାତି
ନଡ଼ିଆ, କଦଳୀ ଅବା ଚଣାଛତୁ
ପଡିଶା ପଣରେ।

ହିନ୍ଦୁ ନବବର୍ଷର ପହିଲି ଦିନରେ
କାହାକୁ କଣ 'ନା' କରିହେବ ?
ହାୟରେ ଦଇବ,
କିଏ କଣ ଭାବିଥିଲା କେବେ
ଏମିତି ହେବ ଏସନ
କରୋନା ମହାମାରୀ ଡରେ
'ନା' ଆଉ 'ନାହିଁ' କୁ ମୁହଁରେ ମାଖି
ନୂଆବର୍ଷ ପାଳୁଥିଲା ବେଳେ
ବେଲ ସବୁ ପାଚିଯାଇ ଝଡି ପଡୁଥିବେ
ଛୁଇଁଦେଲେ ଅସ୍ପୃଶ୍ୟ ହେଇଯିବେ
କହିବାକୁ ପଡିବନି ଆଉ
ଏଥର ଏ ବେଲସବୁ ପଣା ପାଇଁ ନୁହଁ।

+ ହରସିଂହ ପୂର, ପୀରହାଟ ବଜାର
ଭଦ୍ରକ-୭୫୬୧୩୧
ମୋ: ୯୯୩୭୫୪୮୪୩୧/
୯୪୩୮୬୭୦୧୨୦

### ତୁମେ...

ସୁଦର୍ଶନ ମହାପାତ୍ର



ତୁମେ ଆସିଛ କି ପାହାନ୍ତି ପହରେ
ପକ୍ଷୀର କାକଳି ହୋଇ
ରାକା ରଜନୀର ହୃଦ ସ୍ପନ୍ଦନରେ
ଶବ୍ଦର ଶୃଙ୍ଗାର ହୋଇ
ପ୍ରୀତି ଫଲ୍ଗୁ ବୋଲି ହୋଇ
ନୂତନ ସମ୍ପର୍କ ଗଢ଼ି ତୋଳିବାକୁ
ସୀମା ସରହଦ ଡେଇଁ !!

ତୁମେ ଆସିଛ କି ଝରଣା ଛନ୍ଦରେ
କଳ କଳ ନାଦ ହୋଇ
ଠିକଣା ବାହିନ ପଥିକଟେ ପାଇଁ
ମରୁଝରଟିଏ ହୋଇ
ମନ ମଉସୁମୀ ହୋଇ
ତୁମେ ଆସିଛ କି ଗୋଟିଏ ଜନ୍ମର
କୋଟିଏ କାମନା ନେଇ !!

ତୁମେ ଆସିଛ କି ତଟିନୀ ତନୁରେ
ଛଳ ଛଳ ଗୀତି ହୋଇ
ପ୍ରାଚୀ ଗଗନରେ ବାଳ ଅରୁଣର
ଉଦୟ ରାଗଟେ ହୋଇ
ସ୍ତୁତିର ସ୍ତବକ ହୋଇ
ମୃଦୁ ମଳୟରେ କୋକିଳ କୁହୁରେ
ମନଛୁଆଁ ଗୀତ ହୋଇ !!

ତୁମେ ଆସିଛ କି ବର୍ଷା ବସନ୍ତର
ମିଳନ ମୁହୂର୍ତ୍ତ ହୋଇ
ବେଦନା ବିଧୁର ବୈଶାଖ ବୁକୁରେ
ଶୀତଳ ଚନ୍ଦନ ହୋଇ
ଅବାହନୀ ମନ୍ତ୍ର ହୋଇ
ମେଘ ମହ୍ଲାରର ମୂର୍ଚ୍ଛନାଟେ ସାଜି
ସୃଜନୀର ଇଚ୍ଛା ନେଇ !!

+କୁଞ୍ଜବିହାରୀ ଲେନ, କଟକ

## କବିତା କୋଣାର୍କ

### ତଥାସ୍ତୁର ଈଶ୍ୱର ...

କସ୍ତୁରୀ ଚରଣ ରାଉତ



ଭୋକ ନିଆଁରେ
ଆଉଟୁପାଉଟୁ ହେଇ ଜଳିଥିଲେ ବି
ଶୁଖିଲା ବାଲିରେ ଦରମଲା ଚେରକୁ
ଛାତିର ରକ୍ତରେ ଭିଜେଇ
ବଞ୍ଚେଇ ରଖିବାର ଚେଷ୍ଟା କରିଛ ।

ଅନେକ ରକ୍ତକ୍ଷରଣକୁ
ଭିତରେ ଚାପିରଖି
ଦେହସୁହା ଦୁଃଖରେ
ଉପରେ ଉପରେ ହସିଛ।

ମନ୍ତ୍ରସିଦ୍ଧ ଆସକ୍ତିକୁ ମୁଠେଇଧରି
ଅତିକ୍ରମ କରିଛ ଦୁସ୍ତର ଦୀର୍ଘପଥ
ଲୁଣମରା ମାଟିକାନ୍ଥ ପରି
ଆଉ କେତେଦିନ ଠିଆହୋଇ
ରହିପାରିଥାନ୍ତ..ବାପା..
ନହକା କ୍ଷେତର ଉର୍ବର ନିଃଶ୍ୱାସରେ
ଥରିଯାଇଛି ତମର ପାହାଡ଼ ପରି
ମଜବୁତ୍ ଛାତିଟା
ମରିଯାଇଛି ମନର ସରସତା
ସ୍ମୃତିଦଗ୍ଧ ଅଶାନ୍ତ ନିଆଁରେ
ଜଳିପୋଡ଼ି ଯାଇଛି ସଞ୍ଚିତ ସପନ
ଭୋଗିବାକୁ ପଡ଼ିଛି
ଅୟୁତ ଜନ୍ମର ବନବାସ
ଶୂନଶାନ କିଆରିର ମାଟିଗଦା ପରି
ସେମିତି ପଡ଼ିରହିଛ କାଳକାଳ ।

ତୁମେ କେବଳ ନିରୋଳା
ଶବ୍ଦଟିଏ ନୁହଁ ବାପା..
ତୁମେ ତଥାସ୍ତୁର ଈଶ୍ୱର
ସବୁ ସଙ୍କଟରେ ସାହସ ଯୋଗେଇ
ଜୀଇଁବାର ଖୋରାକ ।

କିଏ ବୁଝୁ କି ନ ବୁଝୁ
ପାଗଳ ପରି ନିଜକୁ ନିଜେ
କେତେ କ'ଣ କହିଛ
ମଥାନ ଉପରେ ଧୂ ଧୂ ସୂର୍ଯ୍ୟକୁ
ବେଖାତିର କରି
ମାଛରଙ୍କାର ଡେଣାରେ ଉଡ଼ିଛ
ହାତ ପାଆନ୍ତାର ଖୁସିକୁ ଛୁଉଁ ଛୁଉଁ
ଦୂରେଇଯାଇଛ ଅଜାଣତରେ
ଯୋଜନ ଯୋଜନ ଦୂରକୁ
ଯେଉଁଠୁ ଚାହିଁଲେ ବି
ଆଉ କେବେ ଫେରିବନି ।

+ମକୁନ୍ଦପୁର, ବାଙ୍କି, କଟକ
ମୋ:୮୯୧୭୩୯୭୩୪୮



# ବିଷୁବ ସ୍ୱତନ୍ତ୍ର ...



## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

■ ଡା. ଅଶ୍ୱିନୀ କୁମାର ଶତପଥୀ



ଭାରତବର୍ଷ ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଦେଶ। ଏହା ଈଶ୍ୱରଙ୍କ କ୍ରୀଡ଼ାଭୂମି ରୂପେ ଶାସ୍ତ୍ରରେ ବର୍ଣ୍ଣିତ। ଏହି ପବିତ୍ର ଭୂମିରେ ଭଗବାନ ରାମ, ଭଗବାନ କୃଷ୍ଣ ଅବତାର ଗ୍ରହଣ କରିଥିଲେ। ସୃଷ୍ଟିର ଆଦ୍ୟ ପ୍ରଭାତରୁ ପରମ ପାବନ ଓଁକାର ଧ୍ୱନୀ ଏବଂ ବୈଦିକ ଋଚାମାନ ଏହି ମାଟିରେ ନିନାଦିତ ହୋଇଆସିଛି। ପୃଥିବୀର ବିଭିନ୍ନ ସଭ୍ୟତାର ପ୍ରାଚୀନତା ସମ୍ବନ୍ଧରେ ସଠିକ ତଥ୍ୟ ଇତିହାସ ପୃଷ୍ଠାରେ ଲିପିବଦ୍ଧ ଥିବାସ୍ଥଳେ, ବିଶେଷଜ୍ଞ ତଥା ମନିଷୀମାନଙ୍କ ଦ୍ୱାରା ବୈଦିକ ସଭ୍ୟତାର ପ୍ରାଚୀନତାକୁ ଆକଳନ କରିବା ପାଇଁ ବାରମ୍ବାର ବିଫଳ ପ୍ରୟାସ କରାଯାଇଛି ମାତ୍ର। ସକଳ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ସାରା ବିଶ୍ୱକୁ ଯୁଗ ଯୁଗ ଧରି ଆଲୋକିତ କରି ଆସିଥିବା ଭାରତୀୟ ସନାତନ ସଂସ୍କୃତି ସମ୍ଭୂତ ଆମର ମହାନ୍ ପୂର୍ବୋଜମାନେ କେଉଁ ଅନାଦି ଅନନ୍ତ କାଳରୁ ଏକ ସଫଳ ଶାଶ୍ୱତ ଓ ସମୃଦ୍ଧ ରାଷ୍ଟ୍ର ଜୀବନ, ଏଇ ମାଟିରେ ପ୍ରତିଷ୍ଠା କରିବାର ଗୌରବ ଅର୍ଜନ କରିଥିଲେ। ଭାରତୀୟ ଚିକିତ୍ସା, ଗଣିତ, ବିଜ୍ଞାନ, ଦର୍ଶନ, ଜ୍ୟୋତିଷ ଶାସ୍ତ୍ର ତଥା କାଳ ଗଣନାର ଅନୁପମ ପଦ୍ଧତି ଆଜିବି ଆଧୁନିକ ପାଶ୍ଚାତ୍ର ବିଜ୍ଞାନୀମାନଙ୍କ ନିମନ୍ତେ ବିସ୍ମୟ ସୃଷ୍ଟି କରେ। ଆମ ସମୃଦ୍ଧ ସନାତନ ରାଷ୍ଟ୍ର ଜୀବନର ଗୌରବମୟ ସ୍ମୃତିକୁ ଧାରଣ କରି ଆବହମାନ କାଳରୁ ପ୍ରତିବର୍ଷ ନବ ସମ୍ବତ୍ସର ବା ସୃଷ୍ଟ୍ୟାରମ୍ଭ ଦିବସ ରୂପେ ଆମ ନିକଟରେ ଉପଗତ ହେଉଥିବା 'ଚୈତ୍ର ଶୁକ୍ଳ ପ୍ରତିପଦା'ର ପରମ ପୂଣ୍ୟତିଥିଟି ବାସ୍ତବରେ ପ୍ରତ୍ୟେକ ଭାରତୀୟଙ୍କ ସକାଶେ ଏକ ମହାନ ଉତ୍ସବ ଅଟେ।

ନବବର୍ଷ କହିଲେ ଆଜି ଆମ ଦେଶର ଅଧିକାଂଶ ବ୍ୟକ୍ତି ଜାନୁଆରୀ ପହିଲା ବା ଇଂରାଜୀ ନୂଆବର୍ଷକୁ ହିଁ ବୁଝନ୍ତି। ଇଂରାଜୀ ସଭ୍ୟତା ଏବଂ ସଂସ୍କୃତି ଏପରି ଭାବରେ ଆମର ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ, ସ୍ୱତ୍ୱର ଅଭିମାନ ଏବଂ ସ୍ୱଦେଶୀ ସଂସ୍କୃତି ଯେମିତି ଏଠି ସତାହୀନ। ଇଂରେଜମାନେ ଏ ଦେଶ ଛାଡ଼ିଗଲା ପରେ ମଧ ଆମେ ସେଇ ପରାଧୀନ ମାନସିକତାରୁ ଅଦ୍ୟାବଧି ମୁକ୍ତ ହୋଇପାରି ନାହୁଁ। ନବବର୍ଷର ପ୍ରାରମ୍ଭ ତିଥି ଭାବରେ ଜାନୁଆରୀ ପହିଲା ତାରିଖର ସେମିତି କିଛି ବୈଜ୍ଞାନିକ ବା ସାମାଜିକ ମହତ୍ୱ ଅଥବା ଦୃଷ୍ଟିଭଙ୍ଗୀ ନଥିଲେ ମଧ ଆମେ ଅନ୍ଧାନୁକରଣ ପୂର୍ବକ ଏହାକୁ ପାଳନ କରିଚାଲୁଁ। ଏହାପଛରେ ଥିବା ତଥ୍ୟଗତ ଆଧାର ବିଷୟରେ ଯଦି କେହି ଆମଠୁ ଜିଜ୍ଞାସା କରେ ତେବେ ଆମେ ନିରୁତର ହୋଇଯାଉଁ।

ଏହି ପରିପ୍ରେକ୍ଷୀରେ ଆମ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ସମ୍ବନ୍ଧରେ ଯଦି ଆମେ ବିଚାର କରୁଁ ତେବେ ଏହାର ପାରମ୍ପରିକ, ବୈଜ୍ଞାନିକ, ସାଂସ୍କୃତିକ ଓ ସାମାଜିକ ବିଶେଷତ୍ୱ ସହଜରେ ପ୍ରତୀୟମାନ ହୁଏ। ଏହି ଦିବସଟି ଆମର ରାଷ୍ଟ୍ରୀୟ ଗୌରବ, ସାଂସ୍କୃତିକ ବୈଭବ ତଥା ଆମର ମହାନ ପୂର୍ବୋଜମାନଙ୍କର ଶୌର୍ଯ୍ୟ ପରାକ୍ରମର ମୂକସାକ୍ଷୀ ଅଟେ। ଆମ ସଂସ୍କୃତିରେ ଏହି ତିଥିକୁ ନବ ସମ୍ବତ୍ସର ବା ନବବର୍ଷ ରୂପେ ପାଳନ କରାଯାଏ। ବୈଦିକ ସଂସ୍କୃତି ଅନୁଯାୟୀ ଏହା ବର୍ଷର ସର୍ବପ୍ରଥମ ଉତ୍ସବ ଅଟେ। କାରଣ ଏହି ଦିନ ସୃଷ୍ଟି କର୍ତ୍ତା ପିତାମହ ବ୍ରହ୍ମଙ୍କ ଦ୍ୱାରା ବ୍ରହ୍ମଣ୍ଡର ନୂତନ ସୃଷ୍ଟି କରାଯାଇଥିଲା। ଏହାର ପ୍ରମାଣ ନିମ୍ନୋକ୍ତ ଶ୍ଳୋକରୁ ଉପଲବ୍ଧ ହୁଏ:

'ଚୈତ୍ରେ ମାସି ଜଗଦ
ବ୍ରହ୍ମା ସସର୍ଜ ପ୍ରଥମେଽହନି।
ଶୁକ୍ଳ ପକ୍ଷେ ସମଗ୍ରେ ତୁ
ତଦା ସୂର୍ଯ୍ୟୋଦୟେ ସତି।'

ଏହି ପୂଣ୍ୟ ତିଥିରୁ ନବରାତ୍ର ଆରମ୍ଭ ହେଉଥିବାରୁ ଶକ୍ତି ଆରାଧନା ନିମନ୍ତେ ଏହି ଦିବସଟି ବଡ଼ ମହତ୍ୱପୂର୍ଣ୍ଣ ଅଟେ। ଚୈତ୍ର ଶୁକ୍ଳ ପ୍ରତିପଦାରୁ ଆରମ୍ଭ କରି ନଅଦିନ ପର୍ଯ୍ୟନ୍ତ ବାସନ୍ତିକ ନବରାତ୍ର ପାଳିତ ହୁଏ। ନିଖିଳବ୍ରହ୍ମାଣ୍ଡେଶ୍ୱରୀ ଜଗନ୍ମାତା ଆଦ୍ୟାଶକ୍ତିଙ୍କର ପୂଜା ଉପାସନା ମନୁଷ୍ୟକୁ ଆଧାତ୍ମିକ, ଆଧିଭୌତିକ, ଆଧିଦୈବିକ ଆଦି ତ୍ରିତାପରୁ ମୁକ୍ତକରି ଇହଲୌକିକ ତଥା ପରଲୌକିକ କଲ୍ୟାଣ ପ୍ରାପ୍ତି ନିମନ୍ତେ ସିଦ୍ଧି ପ୍ରଦାନ କରିଥାଏ। ବାସ୍ତବରେ ଏହି ଦିବସର ମହତ୍ୱ ଏବଂ ଶ୍ରେଷ୍ଠତ୍ୱ ଏତେ ବେଶୀ ଯେ ଶାସ୍ତ୍ରରୁ ଏହାର ଭୁରିଭୁରି ପ୍ରମାଣ ମିଳେ।

ଦ୍ୱାପର ଯୁଗରେ ଏହି ତିଥିରେ ଭଗବାନ କୃଷ୍ଣଙ୍କ ଦ୍ୱାରା ଧର୍ମରାଜ ଯୁଧିଷ୍ଠିରଙ୍କର ରାଜନୈତିକ ହୋଇ ଧର୍ମରାଜ୍ୟ ସ୍ଥାପିତ ହୋଇଥିଲା। ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷୋତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ପର୍ବ ଏହି ଶୁଭ ତିଥିରେ ଅନୁଷ୍ଠିତ ହୋଇଥିଲା। ସତ୍ୟ ଯୁଗର ପ୍ରାରମ୍ଭ ମଧ ଚୈତ୍ର ଶୁକ୍ଳ ପ୍ରତିପଦାର ଏହି ପୂଣ୍ୟତିଥିରୁ ହୋଇଥିବା ବିଷୟ, ଶାସ୍ତ୍ରରେ ଉଲ୍ଲେଖ ଅଛି। ପରମେଶ୍ୱରଙ୍କର ପ୍ରଥମ ଅବତାର ମତ୍ସ୍ୟରୂପର ପ୍ରାକଟ୍ୟ ମଧ ଏହି ପୂଣ୍ୟ ତିଥିରେ ହୋଇଥିଲା। 'ସ୍ମୃତି କୌସ୍ତୁଭ' ଅନୁଯାୟୀ-

'କୃତେ ଚ ପ୍ରଭବେ ଚୈତ୍ରେ
ପ୍ରତିପଚ୍ଛୁକ୍ଳପକ୍ଷଗା।
ରେବତ୍ୟାଂ ଯୋଗବିଷ୍ଣୁମ୍ଦେ
ଦିବା ଦ୍ୱାଦଶ ନାଡ଼ିକାଃ।
ମତ୍ସ୍ୟରୂପକୁମାର୍ଯ୍ୟାଁଚ
ଅବତୀର୍ଣ୍ଣୋ ହରିଃ ସ୍ୱୟମ୍।'

ଅର୍ଥାତ୍ ଏହି ତିଥିରେ ରେବତୀ ନକ୍ଷତ୍ରରେ ବିଷ୍କୁମ୍ଭ ଯୋଗରେ ଦିବା ଭାଗରେ ମତ୍ସ୍ୟରୂପୀ ଭଗବାନ ହରି ଅବତାର ଗ୍ରହଣ କରିଥିଲେ। ଏହିଦିନ ଠାରୁ ବିକ୍ରମ ସମ୍ବତ, ଶକାରୀ ବିକ୍ରମାଦିତ୍ୟଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିଲା। ଶକ ନାମକ ଏକ ଦର୍ଦ୍ଧର୍ଷ ଆକ୍ରମଣକାରୀ ଜାତିକୁ ଏହିଦିନ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରି ସେମାନଙ୍କ କବଳରୁ ଭାରତମାତାକୁ ରକ୍ଷା କରିଥିବା ରାଜା ବିକ୍ରମାଦିତ୍ୟ, ସେହି ସ୍ମୃତିରେ ବିକ୍ରମ ସମ୍ବତ ପ୍ରାରମ୍ଭ କରିଥିଲେ। ଏହିଦିନର ପବିତ୍ର ଅବସରରେ ଶିଖ୍‌ମାନଙ୍କର ଦ୍ୱିତୀୟ ଗୁରୁ ଅଙ୍ଗଦଦେବ ପ୍ରସିଦ୍ଧ ସମାଜରକ୍ଷକ ସନ୍ଥ ଝୁଲେଲାଲ ଜନ୍ମଗ୍ରହଣ କରି ଏହି ଦିବସର ମହତ୍ୱ ବଢ଼ାଇଥିଲେ। ଏହି ପୂଣ୍ୟତିଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ପ୍ରସିଦ୍ଧ ହିନ୍ଦୁ ସଂଗଠକ ଡଃ କେଶବ ବଳିରାମ ହେଡ୍‌ଗେୱାର ଜନ୍ମଗ୍ରହଣ କରିଥିଲେ ଏବଂ ଭାରତମାତାକୁ ପୁନଃ ବିଶ୍ୱଗୁରୁ ପଦରେ ଅଭିଷିକ୍ତ କରିବା ପାଇଁ ଅବିବାହିତ ସନ୍ନ୍ୟାସୀ ରୂପେ, ହିନ୍ଦୁ ଜାତି ମଧ୍ୟରେ ଅନ୍ଧବିଶ୍ୱାସ ଦୂରୀକରଣ ପୂର୍ବକ, ଐକ୍ୟ ଦେଶଭକ୍ତି, ଅନୁଶାସନ, ସ୍ୱଦେଶୀ ସ୍ୱାଭିମାନ, ତ୍ୟାଗ ଚରିତ୍ର ଆଦି ଗୁଣଗୁଡ଼ିକ ବିକଶିତ କରିବା ସକାଶେ, ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଏହି ଦିବସରେ ଆର୍ଯ୍ୟ ସମାଜ ନାମକ ଏକ ବିଖ୍ୟାତ ସଂସ୍କାରଧର୍ମୀ ସଂଗଠନର ପ୍ରାଣପ୍ରତିଷ୍ଠା, ଦେଶଭକ୍ତ ସନ୍ନ୍ୟାସୀ ମହର୍ଷି ଦୟାନନ୍ଦଙ୍କ ଦ୍ୱାରା କରାଯାଇଥିଲା। ଦେଶର ସ୍ୱାଧୀନତା ପ୍ରାପ୍ତି କ୍ଷେତ୍ରରେ ଏହି ସଂଗଠନର ଅମ୍ଳାନ ତପସ୍ୟା ଏବଂ ଅନନ୍ୟ ଭୂମିକା, ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଏହିସବୁ କାରଣରୁ ନବ ସମ୍ବତ୍ସରର ଏହି ପବିତ୍ର ଏବଂ ମହତ୍ୱପୂର୍ଣ୍ଣ ଦିବସଟି ଆମ ରାଷ୍ଟ୍ର ଜୀବନର ଅନେକ ଐତିହାସିକ ଗର୍ବ ଓ ଗୌରବର ବାର୍ତ୍ତା ବହନ କରେ। ଏହିଦିନ ପ୍ରଭାତରେ ଘରେ ଘରେ ଶଙ୍ଖଧ୍ୱନୀ ସହ ହୁଳହୁଳି ଆଦି ଦିଆଯାଏ। ଦ୍ୱାର ସାମ୍ନାରେ ଘଟସ୍ଥାପନ ଏବଂ ଗୃହର ଶୀର୍ଷଭାଗରେ ଧ୍ୱଜ ବା ଗେରୁଆ ପତାକା ଇତ୍ୟାଦି ରୋପଣ କରାଯିବା ସହିତ ଆମ୍ବଡାଳ ଆଦିରେ ଗୃହକୁ ସୁସଜ୍ଜିତ କରାଯାଏ। ଝୁଣା ଧୂପ ଦୀପ ନୈବେଦ୍ୟ ଦ୍ୱାରା ସୂର୍ଯ୍ୟ ପୂଜା ଦେବ ପୂଜା ଆଦି ସହ ଲୋକେ ନୂତନ ବସ୍ତ୍ର ପରିଧାନ କରନ୍ତି। ଶ୍ରଦ୍ଧାଳୁ ଭକ୍ତମାନେ ଏହିଦିନ ଶରୀରରେ ତୈଳ ମର୍ଦ୍ଦନ ପୂର୍ବକ ପ୍ରାତଃସ୍ନାନ ପରେ ସୁସଜ୍ଜିତ ବେଦି ଉପରେ ଶ୍ୱେତବସ୍ତ୍ର ପାରିଦେଇ ତା' ଉପରେ ହଳଦୀବୋଳା ଅକ୍ଷତ ଦ୍ୱାରା ଅଷ୍ଟଦଳ କମଳ ଅଙ୍କନ କରିଥାନ୍ତି। ଏହା ଉପରେ ବ୍ରହ୍ମାଙ୍କର ସୁବର୍ଣ୍ଣ ମୂର୍ତ୍ତି ସ୍ଥାପନ କରାଯାଏ ଏବଂ ଗଣେଶାମ୍ବିକା ପୂଜନ ପରେ 'ଓଁ ବ୍ରହ୍ମଣେ ନମଃ' ଆଦି ମନ୍ତ୍ରରେ ଭଗବାନ ବ୍ରହ୍ମାଙ୍କର ଷୋଡ଼ଶ ଉପଚାର ପୂଜନ, ସମ୍ବତ୍ସର ପୂଜନ, ଆଦି ବିଦ୍ୱାନ ବ୍ରାହ୍ମଣଙ୍କ ଦ୍ୱାରା ଆୟୋଜିତ କରାଯାଏ। ପୂଜାଉତାରୁ ବିଘ୍ନନାଶ ତଥା ସାରା ବର୍ଷ ପାଇଁ କଲ୍ୟାଣ କାମନା କରାଯାଇ ପିତାମହ ବ୍ରହ୍ମାଙ୍କୁ ନିମ୍ନମତେ ପ୍ରାର୍ଥନା କରାଯାଏ।

'ଭଗବଂସ୍ତ୍ୱତ୍ପ୍ରସାଦେନ
ବର୍ଷ କ୍ଷେମମିହାସ୍ତୁମେ।
ସଂବତ୍ସରୋପସର୍ଗା ମେ
ବିଲୟଂ ୟାନ୍ତ୍ୱଶେଷତଃ।'

ଏହିଦିନ ବ୍ରାହ୍ମଣ ଭୋଜନ, ଦୀନ ଦୁଃଖୀମାନଙ୍କୁ ଅନ୍ନ ବସ୍ତ୍ରାଦି ଦାନ, ଗୋସେବାଦି ପରେ ସ୍ୱୟଂ ଭୋଜନ ଗ୍ରହଣ କରିବା ବିଧି ରହିଛି। ଏହି ଦିବସରେ ପଂଚାଙ୍ଗ ଶ୍ରବଣର ପରମ୍ପରା ମଧ ପ୍ରଚଳିତ। ଆୟୁର୍ବେଦର ନିୟମ ଅନୁଯାୟୀ ଏହିଦିନ ନିମ୍ବପତ୍ର, ଲୁଣ, ଜିରା, ଗୋଲମରିଚ, ହେଙ୍ଗୁ, ମିଶ୍ରି, ଜୁଆଣୀ ଆଦି ଏକତ୍ର ମିଶ୍ରିତ କରି ଖାଲି ପେଟରେ ସେବନ କଲେ ବହୁବିଧ ରୋଗରୁ ମୁକ୍ତି ମିଳିଥାଏ ବୋଲି କୁହାଯାଇଛି। ଆଜିକାଲି ନୂତନ ବର୍ଷ ଉପଲକ୍ଷେ ଅଭିନନ୍ଦନ ପତ୍ର ତଥା ମୋବାଇଲ ମେସେଜ ମାଧମରେ ଆତ୍ମୀୟ ଏବଂ ବନ୍ଧୁବାନ୍ଧବମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରାଯାଉଛି। ଏ ବର୍ଷ ଇଂରାଜୀ ତାରିଖ ଅନୁଯାୟୀ ୧୩ ଅପ୍ରେଲ ୨୦୨୧ ମଙ୍ଗଳବାର ଦିନ ଆମ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ପଡୁଛି। ଏହା ଭାରତୀୟ ନବବର୍ଷ ଅଥବା ହିନ୍ଦୁ ନବବର୍ଷ ନାମରେ ସାରା ଦେଶରେ ପାଳିତ ହୋଇଥାଏ। ଏହିଦିନ ବିକ୍ରମ ସମ୍ବତ୍ ୨୦୭୮ର ପ୍ରବେଶ, ତେଲୁଗୁ ନବବର୍ଷ ତଥା କଳିଯୁଗାବ୍ଦ ୫୧୨୩ର ନୂତନ ସମ୍ବତ୍ସର ପ୍ରାରମ୍ଭ ହେବ। ଏହି ପର୍ବକୁ ନିଜ ଶକ୍ତି ଅନୁଯାୟୀ ଦାନଧର୍ମ ସହିତ ପାଳନ କରିବା ଦ୍ୱାରା ଜନ୍ମଜନ୍ମର ପାପତାପ ରୋଗକଷ୍ଟ ଏବଂ ଦୁଷ୍ଟଗ୍ରହମାନଙ୍କର କୁଦୃଷ୍ଟିରୁ ରକ୍ଷା ମିଳେ ବୋଲି ବିଶ୍ୱାସ କରାଯାଏ। ଆସନ୍ତୁ ପରସ୍ପରକୁ ଶୁଭେଚ୍ଛା ଜଣାଇ ଅଶେଷ କଲ୍ୟାଣକାରୀ ଏହି ଉତ୍ସବକୁ ଘରେ ଘରେ ପାଳନ କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ରୀୟ ଚେତନାର ନବ ଉନ୍ମେଷ ଦିଗରେ ନିଜର ଯୋଗଦାନ ଦେବା।

## ଓଡିଶାର ପାରମ୍ପାରିକ ପର୍ବ ପଣା ସଂକ୍ରାନ୍ତି





ଧ୍ରୁବ ଚରଣ ବେହେରା

ବସନ୍ତ ଆଗମନର ପୁଣ୍ୟ ପଣତରେ, ଭାରତୀୟ ହିନ୍ଦୁ ସଂସ୍କୃତିର ପରିଚୟ ନେଇ ଅନେକ ପର୍ବ ପର୍ବାଣୀ ଧରଣୀ କୋଳରେ ଆନନ୍ଦ ଉଲ୍ଲାସକୁ ଏକତ୍ରିତ କରି ହସି ହସି ତାର କୋଳ ବିମଣ୍ଡିତ କରିଥାଏ । ଶ୍ୟାମଳ ସବୁଜିମା ବନରାଜି ସହିତ ଅନେକ କୁସୁମର ସୁଗନ୍ଧରାଜି ତା'ର ମହକିତ ବାସରେ ସାରା ଅବନୀକୁ ଆନ୍ଦୋଳିତ କରି ପକାଏ । କହିବାକୁ ଗଲେ ଭାରତୀୟ ସଂସ୍କୃତି ତା'ର ଏକ ଅନବଦ୍ୟ ସମ୍ଭାର ଭିତରେ ଅନେକ ପର୍ବପର୍ବାଣୀ ମଣିଷ ସମାଜକୁ ପରଶି ଦେଇଥାଏ ଭାଇଚାରା ସାମାଜିକ ମୂଲ୍ୟବୋଧର ଏକ ଅନନ୍ୟ ମଧୁର ମିଳନର ଶାନ୍ତି ମୈତ୍ରୀ ଓ ସାଙ୍ଗଠନିକ ମୂଲ୍ୟବୋଧ । ଧରାପୃଷ୍ଠରୁ ବିଦାୟ ନେଇ ଶୀତ ରାଣୀ ଫେରି ଯିବା ପରେ ମୃଦୁ ମଳୟର ଶୀତଳ ସ୍ପର୍ଶରେ ପ୍ରାଣୀମାନଙ୍କ ମନରେ ଫୁଟି ଉଠେ କୋମଳ ଶୀତଳତାର ଖୁସି । ଓଡିଶାର ଅନେକ ଜାତୀୟ ପର୍ବ ମଧ୍ୟରୁ ପଣା ସଂକ୍ରାନ୍ତି ଅନ୍ୟତମ ।ଏହା ହିନ୍ଦୁ ମାନଙ୍କର ଏକ ଜାତୀୟ ପର୍ବ ଭାବେ ବେଶ୍ ଜଣା ଶୁଣା । ଓଡିଆ ଚୈତ୍ର୍ୟ ମାସ ଚବିଶ ଦିବସରେ ଏହି ପର୍ବଟି ପଡେ । ମହାବିଷୁବ ସଂକ୍ରାନ୍ତି ଭାବେ ଏହାକୁ ପୁର ପଲ୍ଲୀରେ ଅନେକ ଆନନ୍ଦ ଉଲ୍ଲାସ ସହିତ ଲୋକ ଏହାକୁ ପାଳନ କରନ୍ତି । କିଛି କିଛି ସ୍ଥାନରେ ହନୁମାନ୍‌ଙ୍କ ଜନ୍ମ ଦିବସ ଭାବେ ମଧ ଏହାକୁ ଲୋକ ପାଳନ କରିଥାନ୍ତି । ଭଗବାନ୍ ବିଷ୍ଣୁଙ୍କର ସପ୍ତମ ଅବତାର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ପ୍ରିୟ ଭକ୍ତ ହନୁମାନ୍‌ଙ୍କ ଜନ୍ମ ଦିବସ ହୋଇ ଥିବାରୁ ଲୋକମାନେ ଏହାକୁ ଦେବ ପର୍ବ ବୋଲି ମଧ କହିଥାନ୍ତି । ଓଡିଶାର ଗ୍ରାମାଞ୍ଚଳ ମାନଙ୍କରେ ଏହା ବହୁତ ଧୁମ୍ ଧାମ୍‌ର ସହିତ ପାଳନ କରାଯାଏ । ଏହି ପଣା ସଂକ୍ରାନ୍ତି ପୂର୍ବରୁ ଓଡିଶାର ଅନେକ ଗ୍ରାମରେ ଦଣ୍ଡ ଯାତ୍ରା ଭାବେ ଏହାକୁ ପାଳନ କରା ଯାଇଥାଏ । ମୁଖ୍ୟତଃ ନୟାଗଡ, ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ପର୍ବକୁ ଦୀର୍ଘ ଏକୋଇଶ ଦିନ ଧରି ପାଳନ କରା ଯାଇଥାଏ । ଏହି ଦଣ୍ଡ ଯାତ୍ରାରେ ଯେଉଁ ଭକ୍ତ ମାନେ ସାମିଲ ହୋଇଥାନ୍ତି ତାଙ୍କୁ ଭଗତା ବୋଲି କୁହନ୍ତି । ଭଗତା ଭାବେ ଯୋଗ ଦେଇଥିବା ଭକ୍ତମାନେ ପୂଜା ବିଧିର ନୀତି ନିୟମ ପାଳନ କରି ଦିନକୁ ମାତ୍ର ଥରେ ଅରୁଆ ଅନ୍ନ ଭକ୍ଷଣ କରି ପୂରା ଦିନ ପାଣି ବା ପଣା ଗ୍ରହଣ କରି ରହିଥାନ୍ତି ଯାହା କୁ କାଷ୍ଠା ବା ଉପବାସ କୁହାଯାଏ । ଭଗତା ମାନେ ଲାଲ ରଙ୍ଗର ଗାମୁଛା ବା ହଳଦିଆ ରଙ୍ଗର ଧୋତି ପରିଧାନ କରି ପୂରା ଏକୋଇଶ ଦିନ ନୀତି ନିୟମରେ ରହି ଏହି ଯାତ୍ରାରେ ନିଜର ମାନସିକ ପୂରଣ କରିବା ଦିଗରେ ହେଉ କିମ୍ବା ରୋଗ ବ୍ୟାଧିରୁ ମୁକ୍ତ ହେବା ପାଇଁ ଦୃଢ ବିଶ୍ୱାସର ସହିତ ପାଳନ କରନ୍ତି । ଦଣ୍ଡ ଯାତ୍ରାପର୍ବରେ ଈଶ୍ୱର ବା ମହାଦେବଙ୍କୁ ଆରାଧନା କରା ଯାଇଥାଏ । ଏହା ଏକ ଋତୁ କାଳୀନ ପର୍ବ ଅଟେ ।ପ୍ରତ୍ୟେକ ବର୍ଷ ଅପ୍ରେଲ ମାସର ୧୩ କିମ୍ବା ୧୪ ତାରିଖରେ ଏହି ପର୍ବଟି ପଡେ । ଏହାକୁ ପଣା ସଂକ୍ରାନ୍ତି ମଧ କୁହନ୍ତି । ଏହି ପର୍ବ ସମୟରେ ସୂର୍ଯ୍ୟ ଦକ୍ଷିଣାୟନରେ ଅବସ୍ଥାନ କରୁଥିବାରୁ ଗ୍ରୀଷ୍ମ ପ୍ରବାହ ଖୁବ୍ ଅଧିକ ଅନୁଭୂତ ହୁଏ । ଭୂ-ପୃଷ୍ଠ ଅଧିକ ଗରମ ହୋଇଯାଏ । ଚାରିଆଡେ ଗରମର ପ୍ରକୋପ ବଢି ଯାଇଥାଏ । ବାଟୋଇମାନେ ଖରା ଦାଉରୁ ରକ୍ଷା ପାଇବା ପାଇଁ ବୃକ୍ଷମୂଳେ ଆଶ୍ରୟ ନିଅନ୍ତି । ଅନେକ ସାମାଜିକ ସଙ୍ଗଠନ ମାନେ ଏହି ଋତୁରେ ଅନେକ ପ୍ରକାରର ଜନମଙ୍ଗଳ କାର୍ଯ୍ୟକ୍ରମ କରି ଲୋକ ମାନଙ୍କର ଧନ ଜୀବନ ବଞ୍ଚାଇ ଦେଇଥାନ୍ତି ।ତେଣୁ ରାସ୍ତା କଡରେ ଥଣ୍ଡା ଜଳ ଛତ୍ର ବ୍ୟବସ୍ଥା କରିଥାନ୍ତି । କେଉଁଠି କେଉଁଠି ବେଲ ପଣାର ମଧ ବ୍ୟବସ୍ଥା କରା ଯାଇଥାଏ । ଗରିବ ଲୋକ ମାନଙ୍କୁ ଖରା ଦାଉରୁ ସେମାନଙ୍କ ପାଦକୁ ରକ୍ଷା କରିବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ଚପଲ, ଛତା, ଧୋତି ଓ ଗାମୁଛା ଇତ୍ୟାଦି ବଣ୍ଟନ କରିଥାନ୍ତି । ପଣା ସଂକ୍ରାନ୍ତିରେ ମୁଖ୍ୟତଃ ବେଲ ପଣାର ପୂଜା କରା ଯାଇଥାଏ । ଏହି ବେଲ ପଣାରେ ନାନା ପ୍ରକାର ପୂଜା ଫଳ ଗୁଡ, ମହୁ, ଗୋଲ ମରିଚ, ଇତ୍ୟାଦି ଅନେକ ବସ୍ତୁ ମିଶାଇ ପ୍ରସ୍ତୁତ କରା ଯାଇଥାଏ । ପଣା ସଂକ୍ରାନ୍ତି ପୂର୍ବ ଦିନ ମେରୁ ପଡେ । ମେରୁଦିନ ବୃନ୍ଦାବତୀ ବା ଚଉରା ଉପରେ କଞ୍ଚା ନଡିଆ ବାହୁଙ୍ଗାକୁ ବ୍ୟବହାର କରି ଛାମୁଣ୍ଡିଆ ପକାଇ ବେଲ ପଣାକୁ ପୂଜା କରା ଯାଏ । ବଙ୍ଗାଳୀ ଓ ବାଙ୍ଗଲାଦେଶରେ ଏହି ପର୍ବକୁ ପହିଲା ବୈଶାଖ ପର୍ବ ଭାବେ ପାଳନ କରାଯାଏ । ଓଡିଆ ଓ ବଙ୍ଗାଳୀଙ୍କ ନୂତନ ବର୍ଷ ଏହି ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥାଏ । ବଙ୍ଗାଳୀ ମାନେ ଏହି ପର୍ବକୁ ପହିଲା ବୈଶାଖ ଭାବେ ମହା ଆଡମ୍ବର ସହକାରେ ପାଳନ କରନ୍ତି ଓଡିଆ ମାନଙ୍କର କ୍ୟାଲେଣ୍ଡର ଏହି ପର୍ବ ଠାରୁ ଆରମ୍ଭ ହୋଇଥାଏ ।ଆସମରେ ଏହି ପର୍ବକୁ ବୋହାଗ ବିହୁ ଓ ତାମିଲନାଡୁର ଜନସାଧାରଣ ପୁଥାଣ୍ଡୁ ପର୍ବ ଭାବେ ପାଳନ କରିଥାନ୍ତି । କେରଳୀମାନେ ଭିସୁ, ଶ୍ରୀଲଙ୍କାରେ ଆଲୁଥୁ ଆଭୁଥ, ଥାଇଲ୍ୟାଣ୍ଡରେ ସୋଙ୍ଗାକ୍ରନ୍, କାନାଡାରେ ଚୋଲ୍ ଚାମ୍ ଥ୍ମ୍, ବର୍ମା ଦେଶର ଲୋକମାନେ ଏହି ପର୍ବକୁ ତିଙ୍ଗିଆନ୍ ପର୍ବ ଭାବେ ପାଳନ କରିଥାନ୍ତି । ଉତ୍ତର ଭାରତର ଲୋକମାନେ ଏହାକୁ ବୈଶାଖୀ ପର୍ବ ଭାବେ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳନ କରନ୍ତି । ଉତ୍ତର ଓଡିଶା ବାଲେଶ୍ୱର ଭଦ୍ରକରେ ଏହାକୁ ଚଡକ ପର୍ବ ଭାବେ ପାଳନ କରନ୍ତି । ଦୀର୍ଘ ସାତ ଦିନ ଧରି ପୂଜା ନୈବେଦ୍ୟ ସହ ମହା ଆଡମ୍ବର ପୂର୍ଣ୍ଣ ସହ ସମ୍ପାଦନ କରନ୍ତି । ସମୟର ସହ ତାଳ ଦେଇ ମାନବ ସମାଜ ତା'ର ବୌଦ୍ଧିକ ବିକାଶ ସହିତ ପୂଜା, ହୋମ, ଯଜ୍ଞ ଇତ୍ୟାଦିରେ ନିଜକୁ ସାମିଲ କରି ଭକ୍ତି ତଥା ଆଧାତ୍ମିକ ଚେତନାର ବିକାଶ କରିଥାଏ । କହିବାକୁ ଗଲେ ପଣା ସଂକ୍ରାନ୍ତି ଏକ ଆନନ୍ଦ ଓ ଐତିହାସିକ ପର୍ବ ଭାବେ ଓଡିଶାର ପୁରପଲ୍ଲୀରେ ବେଶ୍ ଆଦୃତ ଓ ସୁଦୂର ପ୍ରସାରୀ । କରୋନା ମହାମାରୀର ପ୍ରଭାବ ଯୋଗୁଁ ଏହି ପର୍ବ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ଟିକେ ଫିକା ଫିକା ଲାଗୁଛି । ତଥାପି ସାମଜିକ ଦୂରତାକୁ ଆଖି ଆଗରେ ରଖି ଏହି ପବିତ୍ର ପାବନ ହିନ୍ଦୁ ପର୍ବକୁ ଓଡିଶାବାସୀ ପାଳନ କରି ଏକ ଜାତୀୟତାର ମହନୀୟତା ସାମାଜିକ ପରମ୍ପରାର ଏକ ମୁଖ୍ୟ ନିଦର୍ଶନ ପ୍ରତିପାଦନ କରିଛନ୍ତି । କଳିଙ୍ଗ, ଉତ୍କଳର ଏକ ନିଆରା ପର୍ବ ଭାବେ ପଣା ସଂକ୍ରାନ୍ତି କେବଳ ଓଡିଶା କାହିଁକି ସାରା ଭାରତ ଭୂଖଣ୍ଡରେ ଏହା ଏକ ନିଆରା ହିନ୍ଦୁ ପର୍ବ ଭାବେ ସଂପର୍କର ସେତୁ ସ୍ଥାପନ କରି ପାରିଛି । ଆମ ପରମ୍ପରା, ଐତିହ୍ୟ ଓ କଳିଙ୍ଗର ସଂସ୍କୃତି ଭାବେ ଏହି ପଣା ସଂକ୍ରାନ୍ତି ଏକ ଅଭିନବ, ନୂତନ, ଆନନ୍ଦ ଉଲ୍ଲାସର ପର୍ବ ଭାବେ ବେଶ ପରିଚିତ ଅଟେ । ଋତୁ କାଳୀନ ପର୍ବ ଭାବେ ପଣା ସଂକ୍ରାନ୍ତି ଆମ ସଂସ୍କୃତିର ଅଭୁଲା ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ହିନ୍ଦୁ ନବବର୍ଷ



ଡକ୍ଟର ଶ୍ରୀହରି ପଣ୍ଡା

ଜାନୁଆରୀ ମାସର ପ୍ରଥମ ଦିନକୁ ଇଂରାଜୀରେ ନବବର୍ଷ କୁହାଯାଉଥିବା ଭଳି ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦାକୁ ହିନ୍ଦୁମାନଙ୍କ ନୂଆବର୍ଷ ରୂପେ ପାଳନ କରାଯାଏ। ଖ୍ରୀଷ୍ଟଙ୍କ ଅନୁସାରେ ଇଂରାଜୀ ନବବର୍ଷ ପାଳିତ ହୋଇ ତାହାର ପ୍ରାଧାନ୍ୟ ଆଜି ପର୍ଯ୍ୟନ୍ତ ବଜାଇ ରଖିଥିବା ସମୟରେ ହିନ୍ଦୁମାନଙ୍କର ନବ ବର୍ଷ ଏବେ ଗୁରୁତ୍ୱ ହରାଉଥିବା ଦେଖାଯାଉଛି । ଯତକିଞ୍ଚିତ ଏହି ନବବର୍ଷର ଗୁରୁତ୍ୱ କେବଳ ଭାରତୀୟ ଧାର୍ମିକ ପ୍ରତିଷ୍ଠାନମାନଙ୍କରେ ପାଳିତ ହେଉଥିବା ପରିଲକ୍ଷିତ ହେଉଛି । ହିନ୍ଦୁମାନଙ୍କ ନିମନ୍ତେ ଏହା ଏକ ପବିତ୍ରତମ ଦିବସ କାରଣ ଉକ୍ତ ଦିବସରେ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମା ସର୍ଜନା ଆରମ୍ଭ କରିଥିଲେ ।

"ଚୈତ୍ରେମାସି ଜଗତ୍
ବ୍ରହ୍ମା ସସର୍ଜ ପ୍ରଥମେଽହନି
ଶୁକ୍ଳପକ୍ଷେ ସମଗ୍ରେତୁ
ତଦା ସୂର୍ଯ୍ୟୋଦୟେ ସତି ।"

ଉକ୍ତତିଥିରେ ଯୁଗର ପ୍ରଥମ ଯୁଗ ସତ୍ୟଯୁଗର ଆରମ୍ଭ ହେବା ସହିତ ଉକ୍ତ ତିଥିର ରେବତୀ ନକ୍ଷତ୍ରରେ ବଷ୍କୁମ୍ଭ ଯୋଗରେ ଦିନବେଳା ଭଗବାନଙ୍କ ପ୍ରଥମ ଅବତାର ମତ୍ସ୍ୟରୂପର ଆବିର୍ଭାବ ଘଟିଥିଲା ।

"କୃତେ ଚ ପ୍ରଭବେ
ଚୈତ୍ର ପ୍ରତିପଦ୍ ଶୁକ୍ଳପକ୍ଷଗା
ରେବତ୍ୟାଂ ଯୋଗବିଷ୍କୁମ୍ଭେ
ଦିବା ଦ୍ୱାଦଶନାଡିକା
ମତ୍ସ୍ୟରୂପକୁମାର୍ଯ୍ୟା ଚ
ଅବତ୍ତୀର୍ଣ୍ଣୋ ହରିଃସ୍ୱୟମ୍ ।" (ସ୍ମୃତି କୌସ୍ତୁଭ)

ଯେତେବେଳେ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେତେବେଳେ ରଜ ଗୁଣର ପ୍ରେରିତ ସର୍ବପ୍ରଥମ ପ୍ରଜାପତି ହିରଣ୍ୟଗର୍ଭଙ୍କ ରୂପ ହିଁ ପ୍ରକଟ ହୋଇଥିଲା । ସିଏ ହିଁ ସକଳ ପ୍ରାଣୀଗଣଙ୍କ ସ୍ୱାମୀ । ପ୍ରତ୍ୟେକ କଳ୍ପରେ ସୃଷ୍ଟିକ୍ରିୟା ନିମନ୍ତେ ପ୍ରଥମେ ବ୍ରହ୍ମାଙ୍କର ହିଁ ଆବିର୍ଭାବ ହୋଇଥାଏ । ସୃଷ୍ଟିକର୍ତ୍ତାଙ୍କୁ ବେଦରେ ବିଶ୍ୱକର୍ମନି, ବ୍ରହ୍ମଣସ୍ପତି, ହିରଣ୍ୟଗର୍ଭ, ବ୍ରହ୍ମା ତଥା ପ୍ରଜାପତି ଆଦି ନାମରେ ସମ୍ବୋଧିତ କରାଯାଇଛି । ଉପନିଷଦୀୟ ସାହିତ୍ୟରେ ମଧ ବ୍ରହ୍ମା ପ୍ରଥମେ ସୃଷ୍ଟି ହୋଇ ସୃଷ୍ଟିପ୍ରକ୍ରିୟା ରଚନା କରିବା ସହିତ ସୃଷ୍ଟିରକ୍ଷା ନିମିତ୍ତ କାର୍ଯ୍ୟ କରିବାର ବର୍ଣ୍ଣନ ଦେଖିବାକୁ ମିଳେ। "ବ୍ରହ୍ମା ଦେବାନାଂ ପ୍ରଥମଃ ସମ୍ଭୂବ ବିଶ୍ୱସ୍ୟ କର୍ତ୍ତା ଭୂବନସ୍ୟ ଗୋପ୍ତା ।" ସେହିପରି ବ୍ରହ୍ମାଙ୍କର ପ୍ରଶସ୍ତି ପୁରାଣ ସାହିତ୍ୟମାନଙ୍କରେ ମଧ ଦେଖାଯାଏ । ପୁରାଣମାନଙ୍କର ବର୍ଣ୍ଣନା ଅନୁଯାୟୀ ପଦ୍ମ ଉପରେ ଶୟନ କରିଥିବା ବ୍ରହ୍ମା ନିଜେ ସ୍ୱତଃ ସୃଷ୍ଟିହୋଇ ଲକ୍ଷକଲେ ଯେ ଚତୁର୍ଦ୍ଦିଗ ଶୂନ । ନିଜର ଦୃଷ୍ଟି ଚତୁର୍ଦ୍ଦିଗକୁ ପ୍ରସାରିତ କରିଥିବାରୁ ଚତୁର୍ମୁଖ ବ୍ରହ୍ମାଙ୍କର ଆବିର୍ଭାବ ହୋଇଥିଲା । ନିଜର ସ୍ଥିତି ଏବଂ ସୃଷ୍ଟିର ଉଦ୍ଦେଶ୍ୟ ଜାଣିବାକୁ ଚେଷ୍ଟାକରି ବ୍ରହ୍ମା ଶୋଇଥିବା ପଦ୍ମର ନାଡିଧରି ବହୁ ଅନୁସନ୍ଧାନ କଲେବି ନିଜ ଉତ୍ପତ୍ତିର କାରଣ ଜାଣିପାରିନଥିଲେ । ଫଳରେ ନିଜକୁ ତପରେ ନିୟୋଜିତ କରିବାରୁ ବିଷ୍ଣୁଙ୍କର ନାଭିକମଳରୁ ତାଙ୍କର ସୃଷ୍ଟି ହୋଇଥିବା ସହ ନୂତନ ସର୍ଜନା ନିମନ୍ତେ ତାଙ୍କର ସୃଷ୍ଟି ବୋଲି ଜାଣି ସେହିକର୍ମରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କରି ଦ୍ୱାରା ବେଦ ଚତୁଷ୍ଟୟ ସୃଷ୍ଟି ହେବା ସହିତ ମରିଚୀ, ଅତ୍ରୀ, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ଭୃଗୁ, ବଶିଷ୍ଠ, ଦକ୍ଷ ତଥା କର୍ଦ୍ଦମ ପ୍ରମୁଖ ଦଶମୁଖ୍ୟ ପ୍ରଜାପତି ସୃଷ୍ଟିହୋଇଥିଲେ । ବ୍ରହ୍ମା ନିଜର ବାମାଙ୍ଗରୁ ଶତରୂପା ଏବଂ ଦକ୍ଷିଣରୁ ସ୍ୱାୟମ୍ଭୁବ ମନୁଙ୍କୁ ଜନ୍ମ ଦେଇଥିଲେ । ସେହିମାନଙ୍କ ନିକଟରୁ ମାନବର ସୃଷ୍ଟି ହୋଇଥିବା କଥା ପୁରାଣ ବର୍ଣ୍ଣନା କରନ୍ତି । ବ୍ରହ୍ମା କେବଳ ମାନବ ଜଗତ୍ ସୃଷ୍ଟି କରିନାହାନ୍ତି ପରନ୍ତୁ ସମସ୍ତ ଜୀବଜଗତ୍ ତାଙ୍କରି ଦ୍ୱାରା ସୃଷ୍ଟ । ତତ୍ ସହିତ ବ୍ରହ୍ମା ମଧ ବେଦ ଓ ପୁରାଣାଦି ସକଳ ଶାସ୍ତ୍ରର ସୃଷ୍ଟି କରିବା ସହିତ ସଂରକ୍ଷଣ କରିଥିଲେ । ତାଙ୍କରି ଦ୍ୱାରା ବେଦ ଓ ଚାରି ଉପବେଦ- ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଏବଂ ସ୍ଥପତ୍ୟବେଦ ସୃଷ୍ଟି ହୋଇଥିଲା । ସୃଷ୍ଟିପ୍ରକ୍ରିୟା, ସମ୍ବର୍ଦ୍ଧନ ଓ ପରିପାଳନ ଯୋଗୁଁ ବ୍ରହ୍ମାଙ୍କୁ ତତ୍ସମ୍ବନ୍ଧୀତ ଅନେକ ନାମରେ ସମ୍ବୋଧନ କରାଯାଏ ।

ବ୍ରହ୍ମାଽଽତ୍ମଭୂଃ ସୁରଜ୍ୟେଷ୍ଠ
ପରମେଷ୍ଠୀ ପିତାମହ
ହିରଣ୍ୟଗର୍ଭୋ ଲୋକେଶଃ
ସ୍ୱୟଂଭୂଶ୍ଚତୁରାନନ ।
ଧାତାବ୍ଜଯୋନି ଦ୍ରୁହିଣୋ
ବିରଞ୍ଚିଃ କମଳାସନ
ସ୍ରଷ୍ଟା ପ୍ରଜାପତି ବେଧା
ବିଧାତା ବିଶ୍ୱସୃଡ୍‌ବିଧିଃ ।
ନାଭିଜନ୍ମାଣ୍ଡଜଃ ପୂର୍ବାନିଧନଃ
କମଳୋଦ୍ଭବଃ
ସଦାନନ୍ଦୋ ରଜୋମୂର୍ତ୍ତି
ସତ୍ୟକୋ ହଂସବାହନଃ ।
(ଅମରକୋଷ)

ଅମୂର୍ତ୍ତ ଉପାସନା ଧାରାରେ ସର୍ବତ୍ର ପୂଜିତ ଏବଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତ୍ରିମୂର୍ତ୍ତି ଉପାସନାର ଆଦ୍ୟ ଦେବତା ହେଉଛନ୍ତି ବ୍ରହ୍ମା । ବାସ୍ତୁ ଉପାସନାର ମୁଖ୍ୟ ବ୍ରହ୍ମା, ବ୍ରହ୍ମାବର୍ତ୍ତ କ୍ଷେତ୍ର ତଥା ପୁଷ୍କରକ୍ଷେତ୍ରରେ ନିରନ୍ତର ଉପାସିତ । ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ହିନ୍ଦୁ ନବବର୍ଷ ଅବସରରେ ବାଲୁକାବେଦୀ ଉପରେ ବ୍ରହ୍ମାଙ୍କୁ ସ୍ଥାପନ କରାଯାଇ "ଓଁ ବ୍ରହ୍ମଣେ ନମଃ" ମନ୍ତ୍ରରେ ଆବାହନ କରାଯାଇ ଉପାସନା କରାଯାଏ । ଉକ୍ତ ଦିନ ପ୍ରାତଃକାଳରେ ସ୍ନାନ ଶୌଚାଦି କାର୍ଯ୍ୟ ସମାପ୍ତ କରି ଶୁଦ୍ଧପୁତ ଭାବରେ ହସ୍ତରେ ଅକ୍ଷତ, ପୁଷ୍ପ ଏବଂ ଜଳାଦି ଗ୍ରହଣ କରି ଦିଗକାଳନକୁ ଅଭିନନ୍ଦନ ଜଣାଇ ସୃଷ୍ଟିପରମ୍ପରାକୁ ସ୍ୱାଗତ କରି ବର୍ଷଟି ସୁଖମୟ ଏବଂ ବିଘ୍ନହାନି ହେବାଲାଗି ବ୍ରହ୍ମାଙ୍କର ପୂଜନ କରାଯାଏ । ଏଥି ନିମନ୍ତେ ନୂତନ ମଣ୍ଡପ ନିର୍ମାଣ କରି ତା'ଉପରେ ଶ୍ୱେତବସ୍ତ୍ର ବିଛାଇ ହଳଦୀ ବା କେଶରରେ ଅରୁଆ ଚାଉଳ ମିଶାଇ ଅଷ୍ଟଦଳ ପଦ୍ମ ରଚନାକରି ବ୍ରହ୍ମାଙ୍କର ବିଗ୍ରହ ସ୍ଥାପନ କରି ଉପାସନା କରାଯାଏ । ପୂଜା ଶେଷରେ ସର୍ବସାଧାରଣ ଭୋଜନ ପୂର୍ବକ ନୂତନ ପଞ୍ଜିକା ପାଠ କରାଯିବା ସହିତ ଚୈତ୍ରାୟ ନମଃ, ବସନ୍ତାୟ ନମଃ ମନ୍ତ୍ର ପଠନ ପୂର୍ବକ ନୂତନ ବର୍ଷକୁ ସ୍ୱାଗତ କରାଯାଏ ।

ଉକ୍ତ ଦିବସଟି କେବଳ ପୌରାଣିକ ମହତ୍ତ୍ୱ ପ୍ରତିପାଦନ କରେନାହିଁ ପରନ୍ତୁ ଏହା ଐତିହାସିକ ମହତ୍ତ୍ୱ ମଧ ପ୍ରତିପାଦନ କରେ । ଏହି ଦିବସରେ ସମ୍ରାଟ ବିକ୍ରମାଦିତ୍ୟ ଶକମାନଙ୍କ ଉପରେ ବିଜୟପ୍ରାପ୍ତ ହୋଇ ଶକାବ୍ଦର ପ୍ରଚଳନକୁ ବ୍ୟାହତ କରି 'ବିକ୍ରମସମ୍ବତ'ପ୍ରଚଳନ କରିଥିଲେ ।

+ ॥ ଜୟ ଜଗନ୍ନାଥ ॥
ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

### ଓଡ଼ିଆ ନବ ବରଷ



ରାମ ଚନ୍ଦ୍ର ପ୍ରଧାନ

ଆସଛିରେ ଆଜି ନୂତନ ସକାଳ
ସପ୍ତରଙ୍ଗି ଆଭା ନେଇ
ସବୁରି ମନରେ ଅପୂର୍ବ ଉଲ୍ଲାସ
ସତେ ଅବା ଢ଼ାଳି ଦେଇ ।

ପଣା ସଂକ୍ରାନ୍ତିର ଶୁଭ ଲଗନରେ
ମନରେ ଭରେ ହରଷ
ସ୍ନେହ ପ୍ରେମର ଏ ଉତ୍କଳୀୟ ପର୍ବ
ଓଡ଼ିଆ ନବ ବରଷ ।

ବିଷମ ଗ୍ରୀଷମ ହୋଇ ଅଗ୍ନିଶମ
କରିଦିଏ ବାଟବଣା
ବେଲ, ଗୁଡ଼, ଦହି ନାରିକେଳ ନେଇ
ହୁଅଇ ପବିତ୍ର ପଣା ।

କିଏ କହେ ତାକୁ ବିଷୁବ ସଂକ୍ରାନ୍ତି
କିଏ କହେ ଠେକି ବସା
ଆଉ କିଏ କହେ ଏ ପଣା ସଂକ୍ରାନ୍ତି
ମନେ ବାନ୍ଧି କେତେ ଆଶା ।

ହନୁମାନଙ୍କର ଶୁଭ ଜନ୍ମଦିନ
ପଡ଼ଇ ଏଇ ତିଥିରେ
କରି ଜଳାର୍ପଣ ତାଙ୍କ ଶ୍ରୀପୟରେ
ପୂଜିବା ସର୍ବେ ଆସରେ ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

# ଶିକ୍ଷାର ପ୍ରତୀକ, ମୁକ୍ତି ସଂଗ୍ରାମର ସାରଥି ଓ ଶତାବ୍ଦୀର ଯୋଦ୍ଧା- ଡ଼ଃ ଆମ୍ବେଦକର



ମନୋରଂଜନ ଜେନା

ପରାଧୀନ ଭାରତ ବର୍ଷର ସାମାଜିକ ବୈଷମ୍ୟ, ଆର୍ଥିକ ବେଡ଼ି, ରାଜତନ୍ତ୍ର, ଫରାସୀ, ମୋଗଲ ଓ ବିଦେଶୀ ଇଂରେଜ ମାନଙ୍କ ଶାସନରେ ଆଧୁନିକ ଭାରତବର୍ଷ କବଳିତ ଥିଲା। ଶୋଷିତ, ନିର୍ଯ୍ୟାତିତ, ଲାଂଛିତ, ପ୍ରତାରିତ, ମଣିଷ ସମାଜ ଅଭିଶପ୍ତ ରୂପେ ବିବେଚନା କରାଯାଉଥିଲା। ଶୁଦ୍ର ସମାଜ ଉପରେ ଲାଗିଥିଲା ସାମାଜିକ କଟକଣା। ସାମାଜିକ ସ୍ୱତନ୍ତ୍ରତା ଅଧିକାର, ଜଳ, ଜମି, ଜଙ୍ଗଲ ସମେତ ସଂପତି ଗତ ଅଧିକାର, ବୃତିଗତ ଅଧିକାର, ଉତ୍ପାଦିତ ଦ୍ରବ୍ୟର ନିଜସ୍ୱ ଅଧିକାର, ଧାର୍ମିକ ଅଧିକାର, ମତବ୍ୟକ୍ତ ଅଧିକାର, ଅର୍ଥନୈତିକ ଅଧିକାର, ଶିକ୍ଷା ଅଧିକାର, ଉପରେ ଥିଲା ଅଘୋଷିତ କଟକଣା। ନାରୀ ସମାଜକୁ କୋଣ ଠେସା କରାଯାଇଥିଲା। ବିଭିନ୍ନତା ମଧ୍ୟରେ ବାସନ୍ଦତା ପୂର୍ଣ୍ଣ ଅନ୍ତଃଚିତ୍ତାର ବାହ୍ୟ କୁସ୍ଥାରଟନା ପୋଷଣର ଚାବୁକ ପ୍ରହାରରେ ନିରବୀ ଯାଇଥବା ଅନ୍ଧାକାର ସମାଜ ବର୍ହ୍ନ ମଧ୍ୟରେ ୧୮୯୧ ମସିହା ଏପ୍ରିଲ ମାସ ୧୪ ତାରିଖରେ ମଧ୍ୟପ୍ରଦେଶର ମହୁ ଜିଲାର ହିନ୍ଦୁ ବର୍ଣ୍ଣବାଦ ଅନୁସାରେ ଅଛୁଆଁ ମାହାର ଜାତିର ପିତା ରାମଜୀ ମାଲଜୀ ସତପାଲ ଓ ମାତା ଭୀମାବାଇଙ୍କ ଗର୍ଭସ୍ଥ ୧୪ତମ ସନ୍ତାନ ଥିଲେ ଭୀମରାଓ। ପିତା ବ୍ରିଟିଶ୍ ସରକାର ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ସୁବେଦାର ଥିଲେ। ଜନ୍ମ ହେବାର ୨ ବର୍ଷରୁ ଆରମ୍ଭ ହୋଇ ଯାଇଥିଲା ତାଙ୍କର ଦୁଃଖ ସେ ମାତାଙ୍କୁ ହରାଇଥିଲେ ଭୀମ। ଖୁଡ଼ିଙ୍କ ଲାଳନ ପାଳନରେ ବଢିଥିଲେ। "ଆମ୍ବେଦ' ଗ୍ରାମରେ ଜନ୍ମ ଗ୍ରହଣ କରିଥିବାରୁ "ଆମ୍ବେଦ୍ର୍'ଓ ତାଙ୍କ ଶିକ୍ଷକଙ୍କ ନାମ ଅନୁସାରେ କର ଯୋଡ଼ିବାରୁ "ଆମ୍ବେଦକର' ନାମରେ ନାମିତ ହୋଇଥିଲେ। ବାରିଷ୍ଟର ପରେ ମହାତ୍ମା ତାଙ୍କୁ ବାବାସାହବେ ଆଖ୍ୟା ଦେଇଥିଲେ। ୧୭ ବର୍ଷ ବୟସରେ ରମାବାଇଙ୍କୁ ବିବାହ କରିଥିଲେ।

ଶିକ୍ଷା- ୫ ବର୍ଷ ବୟସରେ ସ୍କୁଲକୁ ପାଠ ପଢିବା ପାଇଁ ଯାଇଥିବା ବେଳେ ତାଙ୍କୁ ଅସ୍ପୃଶ୍ୟତାର ଶିକାର ହେବାକୁ ପଡ଼ିଥିଲା। ଯାହାଫଳରେ ଭୀମ୍ରାଓ ବିଦ୍ୟାଳୟ ଶ୍ରେଣୀ ଗୃହ ମଧ୍ୟରେ ପାଠ ପଢିବାର ସୁଯୋଗ ନ ପାଇ ବାରଣ୍ଡାରେ ପାଠ ପଢୁଥିଲେ । ଏପରିକି ସହ ପାଠି ଓ ଶିକ୍ଷକମାନେ ମଧ୍ୟ ଛୁଇଁବାକୁ ମନା କରୁଥିଲେ। ତାଙ୍କ ପାଇଁ ପାଣି ଛୁଇଁ ପିଇବା ମନା ଥିଲା। ଦିନେ ଏକ ରିକ୍ସାରେ ସ୍କୁଲରୁ ଫେରୁଥିବା ବେଳେ ରିକ୍ସା ଚାଳକ ଅଛୁଆଁ ଜାଣିପାରି ରିକ୍ସାରୁ ତାଙ୍କୁ ପଲଟାଇ ଦେଇଥିଲା। ୧୮୯୭ ସ୍କୁଲରେ ଶିକ୍ଷା ଆରମ୍ଭ କରିଥିଲେ। ବରୋଦା ମହାରାଜ ସାହୁଜୀ ମହାରାଜ ତାଙ୍କୁ ଛାତ୍ରବୃତି ଦେଉଥିଲେ। ୧୯୦୭ରେ ସେ ମାଟ୍ରିକ୍ ପାଶ୍ "ଏଲିଫିଷ୍ଟୋନ୍' ହାଇ ସ୍କୁଲରେ ପାଶ୍ କଲେ। ୧୯୦୯ରେ ଏଲିଫିଷ୍ଟୋନ୍ କଲେଜ୍ ବମ୍ବେରେ ମଧମ ଓ ୧୯୧୨ ମସିହାରେ ବିଶ୍ୱବିଦ୍ୟାଳୟରେ ବି.ଏ ପାଶ୍ କରିଥିଲେ। ୧୯୧୫ ଅର୍ଥଶାସ୍ତ୍ର ଓ ସମାଜ ଶାସ୍ତ୍ର, ଇତିହାସ, ରାଜନୀତି ବିଜ୍ଞାନ "କଲୋମ୍ବିଆ ଇୟୁନିର୍ଭସିଟି ନିୟୁର୍କ'ରେ ଏମ୍.ଏ ଓ ୧୯୧୭ରେ ସେହିଠାରେ ପି.ଏଚ୍.ଡ଼ି କରିଥିଲେ। ୧୯୧୯ "ଲ ଗ୍ରେସ୍ ଇନ୍ ଲଣ୍ଡନ' ଓ ୧୯୨୧ରେ "ଏମ୍.ଏସ୍.ସି ଲଣ୍ଡନ ସ୍କୁଲ ଅପ୍ ଇକୋନୋସିସ୍ ଲଣ୍ଡନ' କରିଥିଲେ। ସେହି ସମୟରେ ୧୯୨୨-୨୩ରେ ଜର୍ମାନୀ ଅର୍ଥଶାସ୍ତ୍ର ୧୯୨୩ରେ ଡ଼ିଗ୍ରି ଅଫ୍ ସାଇନ୍ସ ଲଣ୍ଡନ ସ୍କୁଲ ଅଫ ଇକୋନୋମିସ୍ ୧୯୫୨ରେ "ଏଲ୍.ଏଲ.ଡ଼ି କଲୋମ୍ବିଆ ଇୟୁନିର୍ଭସିଟି '୧୯୫୩ ରେ "ଡ଼ି.ଏଲ.ଟି.ଟି ଓସ୍ମାନିଆ ଇୟୁନିର୍ଭସିଟି' ହାଇଦ୍ରାବାଦ୍ ପାଠ ଶେଷ କରିଥିଲେ। ମଧ ଶିକ୍ଷା ଉପରେ ଗବେଷଣା ଜାରି ରଖିଥିଲେ। ୨୦୧୫ରେ କଲୋମ୍ବିଆ ଇୟୁନିର୍ଭସିଟି ଆମେରିକା "ବିଶ୍ୱର ନମ୍ବର ୱାନ୍ ମେଧାବୀ ଜ୍ଞାନୀ' ବୋଲି ବିବେଚନା କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏସିଆ ମହାଦେଶର "ଶିକ୍ଷାର ଆଲୋକ ବା ବିଶ୍ୱ ଶିକ୍ଷାରତ୍ନ ଓ ବିଶ୍ୱମାନବ' ବୋଲି ବିବେଚନା କରାଯାଏ।

ଆନ୍ଦୋଳନ-ଉଚ୍ଚଶିକ୍ଷା ଲାଭ ପରେ ୧୯୨୩ରେ ସେ ଭାରତ ଫେରି ଆସିଥିଲେ । ଅସ୍ପୃଶ୍ୟତା ବିରୋଧରେ ଓ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ। ସେତେବେଳେ ମଣିଷକୁ ପଶୁ ପରି ବ୍ୟବହାର କରାଯାଉଥିଲା। ୧୯୨୪ରେ ମାର୍ଚ୍ଚ ୯ରେ ବହିସ୍କୃତ ହୀତକାରଣୀ ସଭା ନାମରେ ଏକ ସଂଗଠନ କରିଥିଲେ। ତାଙ୍କ ସଂଗ୍ରାମ ପାଇଁ ୧୯୨୭ ସର୍ବ ସାଧାରଣ କୁଅ ପାଣି ଉପରେ ଅଛୁତ ମାନଙ୍କୁ ଅଧିକାର ଦେଇଥିଲେ ଓ ମହିଳାମାନଙ୍କୁ ପାଦ ପର୍ଯ୍ୟନ୍ତ ଶାଢୀ ପିନ୍ଧିବାର ଅଧିକାର ଦେଇଥିଲେ। ମହାରାଷ୍ଟ୍ର ନାଶିକ୍ର କାଳାରାମ୍ ମନ୍ଦିରରେ ମାର୍ଚ୍ଚ୨ରେ ହିନ୍ଦୁ ଦଳିତ ପ୍ରବେଶ କରାଇବାକୁ ଯାଇ ସେ ବିରୋଧର ଶିକାର ହୋଇଥିଲେ। ଯାହାକି ସାଇମଣ୍ଡ କମିଶନଙ୍କୁ କ୍ଷୁବ୍ଧ କରିଥିଲା। ୧୯୩୦ରେ ଗୋଲ ଟେବୁଲ ବୈଠକରେ ଯୋଗ ଦେଇଥିଲେ। ୧୧ ଏପ୍ରିଲ ୧୯୪୭ରେ ସେ "ହିନ୍ଦୁ କୋଡ୍ ଲ' ବିଲ୍ ଆଣି ବହୁ ସଂସ୍କାର କରିଥିଲେ। ସମାଜସେବା ପାଇଁ ସେ ଅନେକ ବହି ଲେଖିଛନ୍ତି। ଶିକ୍ଷିତ ହେବାପାଇଁ ସବୁବେଳେ ଗୁରୁତ୍ୱ ଦେଉଥିବା ଆମ୍ବେଦକର ଶିକ୍ଷାର ମାନକୁ ପାଠରେ ଦେଖୁ ନଥିଲେ ସେ କହୁଥିଲେ ରାବଣର ୧୦ମୁଣ୍ଡ ତାକୁ ଅନ୍ଧ ଭାବେ ଗ୍ରହର କରି ନେବା ଶିକ୍ଷା ନୁହେଁ। ସେ ଥିଲେ "ଅଛୁଆଁ ରୋଗର ଡ଼ାକ୍ତର'। ମଣିଷକୁ ଗୋଲାମ ବନେଇ ହଜାର ହଜାର ବ୍ୟକ୍ତି ରାଜା ହୋଇଛନ୍ତି, କ୍ୱିନ୍ତୁ ଆମ୍ବେଦକର ଗୋଲାମୀକୁ ରାଜା ବନେଇବାର ବିଶ୍ୱକର୍ମା ପାଲଟିଛନ୍ତି। ତାଙ୍କୁ ସମସ୍ତ ଧର୍ମଗୁରୁ ନିଜ ଧର୍ମକୁ ଆମନ୍ତ୍ରଣ କରିଥିଲେ। ତାଙ୍କ ମତରେ ମୁଁ ଏମିତି ଧର୍ମରେ ଦିକ୍ଷୀତ ହେବାକୁ ଚାହୁଛି ଯେଉଁଠି ସ୍ୱତନ୍ତ୍ରତା,ସମାନତା,ଭାଇଚାରା ଓ ମାନବିକତା ଥିବା ସବୁ ଧର୍ମକୁ ପରଖି ସାରିଲା ପରେ ସେ କହିଥିଲେ, ହିନ୍ଦୁ ହୋଇ ଜନମ ହେବା ମୋର ଅଧିକାର ନଥିଲା କିନ୍ତୁ ମୁଁ ହିନ୍ଦୁ ହୋଇ ମରିବି ନାହିଁ। ୨୫ ଡ଼ିସେମ୍ବରରେ ୧୯୫୫ରେ ସେ ମନୁସ୍ମୃତି ପୁସ୍ତକକୁ ଦହନ କରିଥିଲେ। ୩୫ ବର୍ଷ ସବୁ ଧର୍ମ ଗବେଷଣା କଲାପରେ ଶେଷରେ ୧୪ ଅକ୍ଟୋବର ୧୯୫୬ ମସିହାରେ ସେ ୨ଲକ୍ଷ ଅଛୁତଙ୍କୁ ନେଇ ବୁଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ।

ଗାନ୍ଧୀ ଓ ଆମ୍ବେଦକର - ଉଭୟ ଦେଶରୁ ଜାତି ପ୍ରଥା ବିଲୋପ ପାଇଁ ପ୍ରୟାସ ଜାରି ରଖିଥିଲେ। ମାତ୍ର ଗାନ୍ଧିଜୀ ହିନ୍ଦୁ ବର୍ଣ୍ଣବ୍ୟବସ୍ଥା ମଧ୍ୟରେ ଜାତିପ୍ରଥା ହଟାଇବା ପାଇଁ କହୁଥିବା ବେଳେ ଆମ୍ବେଦକର ବର୍ଣ୍ଣ ବ୍ୟବସ୍ଥା ପାଇଁ ଜାତି ବ୍ୟବସ୍ଥା କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମୀୟ ସଂକୀର୍ଣ୍ଣତା ଓ ସାମାଜିକ ବୈଷମ୍ୟର ସୃଷ୍ଟି ବୋଲି କହୁଥିଲେ ତେଣୁ ଉଭୟଙ୍କ ବିଚାର ସମାନ ଥିବା ବେଳେ ପ୍ରକ୍ରିୟା ଭିନ୍ନ ଥିଲା। ୨୦୦ ବର୍ଷର ବିଦେଶୀ ଶାସନରୁ ଗାନ୍ଧିଜୀ ଦେଶର ଆଜାଦ୍ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଆମ୍ବେଦକର ଦେଶ ସହ ୪ ହଜାର ବର୍ଷର ମନୁବାଦରୁ ଓ ବିଦେଶରୁ ଆଜାଦ ଚାହିଁ ଥିଲେ। ଗାନ୍ଧୀଜୀ ଆମ୍ବେଦକରଙ୍କୁ ଡ଼କାଇ କଂଗ୍ରେସରେ ଯୋଗଦାନ ପାଇଁ କହିଥିଲେ ମାତ୍ର କଂଗ୍ରେସ ତାର ଅଧିବେଶନରେ ଅଛ୍ୟୁତମାନଙ୍କୁ ସମାନ ଅଧିକାର କଥା ଉଠାଇଥିଲେ। ସେ ଦର୍ଶାଇ ଥିଲେ କୁକୁର ବିଲେଇ ପଶୁଙ୍କ ପରି ଅଛ୍ୟୁତ ସମାଜ ପ୍ରତି ବ୍ୟବହାର କରାଯାଉଥିବାରୁ ଆମେ କେମିତି ଏହାକୁ ମାତୃଭୂମି କହିବୁ ବୋଲି କହିଥିଲେ। ମୁସଲମାନ,ଶିଖ୍ ଖ୍ରିଷ୍ଟିଆନ୍ ମାନଙ୍କ ରାଜନୈତିକ ଦାବୀକୁ ଇଂରେଜ ସରକାର ଚାପରେ ମାନି ନେଉଥିବା ବେଳେ ଗାନ୍ଧିଜୀ ଚୁପ ରହୁଥିଲେ । ଆମ୍ବେଦକର ଅଛୁତ ମାନଙ୍କ ଦ୍ୱୈତ ପ୍ରତିନିଧିତ୍ୱ କଥା ଦାବୀ କରିଥିଲେ। ଏହାକୁ ତତ୍କାଳୀନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ରାମ୍ସିଂ ଏଡ୍ୱାର୍ଡ଼ ଗ୍ରହଣ କରିଥିଲେ। ଯାହାକୁ ନେଇ ଗାନ୍ଧୀଜୀ ୨ୟ ଗୋଲ ଟେବୁଲ ବୈଠକରେ ଆପତି କରି ଥିଲେ। ମାତ୍ର ଗାନ୍ଧିଜୀଙ୍କୁ ଆମ୍ବେଦକର ଦେଶରେ ଏକାଠି ରୋଟି ଓ ଏକାଠି ବେଟି ବିବାହ ସହ ଧାର୍ମିକ, ଶିକ୍ଷା, ସଭା, ସମାନ ଭାଗିଦାରୀ କଥା ଉଠାଇ ଥିଲେ। ଗାନ୍ଧୀଜି ଚୁପ ରହିବା ପରେ ବ୍ରିଟିଶ୍ ସରକାର ଆମ୍ବେଦକରଙ୍କ ଦାବୀକୁ ମାନି ନେଇ ତଦନ୍ତ ପାଇଁ ନିଷ୍ପତି କରିଥିଲେ। ଏହି ମତାନ୍ତର ପରେ ଗାନ୍ଧିଜୀ ଭୋକିଲା ସତ୍ୟାଗ୍ରହ ଆରମ୍ଭ କରି ଦେଇଥିଲେ ଫଳରେ ଗାନ୍ଧୀଜୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବା ଦେଖି ତାଙ୍କ ପତ୍ନୀ କସ୍ତୁରିବା ଓ ପୁତ୍ର ଦେବଦାସ୍ ଗାନ୍ଧିଜୀଙ୍କ ଜୀବନ ଭିକ୍ଷା କରି ଆମ୍ବେଦକରଙ୍କ ପାଖକୁ ଯାଇଥିଲେ। ୨୧ ଦି ଅନଶନରେ ଦଳିତମାନଙ୍କ ରାଜନୀତି, ଚାକିରୀରେ ସ୍ଥାନ ସଂରକ୍ଷଣ ନେଇ ଏକ ଚୁକ୍ତି ପୁନାର ଏରୋଡ଼ା ଜେଲରେ ୧୯୩୨ ସେପ୍ଟମ୍ବର୨୪ ତାରିଖରେ ଚୁକ୍ତି ହୋଇଥିଲା ତାହା ଐତିହାସିକ "ପୁନା ଚୁକ୍ତି' ନାମରେ ନାମିତ। ଏଥିପାଇଁ ସାମାଜିକ ଗୁଲାମର ପରିସମାପ୍ତ ହୋଇ ଭାରତୀୟ ସିଭିଲ ସର୍ଭିସ୍ରେ ମଧ୍ୟ ସରଂକ୍ଷଣ କରାଯାଇଥିଲା। ଶାସନ ବ୍ୟବସ୍ଥାରେ ଆମ୍ବେଦକର- ୧୯୨୬ରେ ବମ୍ବେ ବିଧାନସଭା ସଭ୍ୟ ୧୯୩୫ ରେ ବ୍ରିଟିଶ୍ ସରକାରଙ୍କ ଦି.ଲ କଲେଜର ଅଧକ୍ଷ ହୋଇଥିଲେ। ୧୯୩୬ ମସିହା ରେଲେବର ପାର୍ଟି କରିଥିଲେ। "ମୂକ ନାୟକ" ପତ୍ରିକା ଛାପିଥିଲେ। ୧୯୪୭ ମସିହାର ଜବାହାରଲାଲ୍ ନେହୁର ମନ୍ତ୍ରିମଣ୍ଡଳ ସାମ୍ଭାବ୍ୟ ତାଲିକାରେ ଆମ୍ବେଦକରଙ୍କ ନାମ ନ ଥିଲା ଫଳରେ ଦଳିତ ଅସନ୍ତୋଷକୁ ଲକ୍ଷ ରଖି ଗାନ୍ଧିଜୀ ନେହୁରଙ୍କୁ କହିଥିଲେ ଏହା ଆଜାଦ୍ ଭାରତର କ୍ୟାବିନେଟ୍ ତେଣୁ ତାଙ୍କୁ ଦେଶର ପ୍ରଥମ ଆଇନ୍ ମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ। ତାପରେ ଦେଶର ସମ୍ବିଧାନ ପାଇଁ ଯୋଗ୍ୟ ବ୍ୟକ୍ତି ଖୋଜା ଯାଉଥିବା ବେଳ ବ୍ରିଟିଶ୍ ସରକାର ଆମ୍ବେଦକର ହିଁ ଭାରତର ଯୋଗ୍ୟ ବ୍ୟକ୍ତି ବୋଲି କହିଥିଲେ। ଫଳରେ ଏକ କମିଟି ଗଠନ ହୋଇଥିଲା। ସେଥିରେ ତାଙ୍କୁ ପ୍ରଣୟନ କମିଟିର ଅଧକ୍ଷ କରା ଯାଇଥିଲା। ୨ବର୍ଷ ୩ମାସ ୧୧ ଦିନରେ ୪୯୭ଟି ଧାରା ଓ ୯ ଉପଧାରକୁ ନେଇ ଭାରତର ସମ୍ବିଧାନ ଲେଖାଯାଇଥିଲା। ୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖରେ କାର୍ଯ୍ୟକାରି ହୋଇଥିଲା। ଏହି ସମ୍ବିଧାନ ବିଶ୍ୱର ବୃହତମ ସମ୍ବିଧାନ ଅଟେ। ଏହି ସମ୍ବିଧାନରେ ଭାରତ ଏକ ଧର୍ମ ନିରେପକ୍ଷ ସାର୍ବଭୌମ୍ୟ ଜନ ମଙ୍ଗଳ ରାଷ୍ଟ୍ର ମର୍ଯ୍ୟାଦା ପାଇଥିଲା। ଭାରତରୁ ସବୁଦିନ ପାଇଁ ରାଜତନ୍ତ୍ର, ସାମନ୍ତବାଦ, ଜମିଦାରୀ ପ୍ରଥା ଓ ଜାତି ବ୍ୟବସ୍ଥା ଲୋପ ପାଇଗଲା । ଏହି ଅମୂଲ୍ୟ ଦାନ ଭାରତ ଇତିହାସରେ ଏକ ମହାନ ଓ ଚିର ନମସ୍ୟ ହୋଇ ରହିଛି। ୧୯୫୬ ମସିହାରେ "ମହିଳା ସଂରକ୍ଷଣ ବିଲ' ପାଶ୍ ନ ହେବାରୁ ସେ ଆଇନ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।



ତାଙ୍କ ଲିଖିତ ପୁସ୍ତକ "ପ୍ରୋବ୍ଲେମ୍ ଅଫ୍ ରୂପି"କାଇଁ ଆଜି ୧୯୧୫ "ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ"ତାଙ୍କ ପାଇଁ ଗଡା ଯାଇପାରିଛି। ସେ ସର୍ବଦା ପଛୁଆ ବର୍ଗଙ୍କୁ ସଂରକ୍ଷଣ କଥା ଉଠାଉଥିଲେ। ୧୯୫୬ ମସିହା ଡ଼ିସେମ୍ବର ୬ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ବିୟୋଗରେ ୫ଟି ଦେଶର ଜାତୀୟ ପତାକା ଅର୍ଦ୍ଧ ନିମିତ ହୋଇଥିଲା। ୪ଟି ବିଭାଗର ମନ୍ତ୍ରୀଥିବା ଆମ୍ବେଦକରଙ୍କ ମୃତ୍ୟ ପରେ ତାଙ୍କର ବ୍ୟାଙ୍କର ଏକ ଖାତାରେ ମାତ୍ର ୧୫ ହଜାର ଟଙ୍କା ଜମା ଥିଲା । ଏହାର ଅର୍ଥ ସେ ରାଷ୍ଟ୍ର ସଂପତି କୌଣସି ଟଙ୍କାଟିଏ ବି ନିଜର ସଂପତି ଭାବି ନଥିଲେ। ତାଙ୍କର ଏକ ପୁଅ ରାଜରତନ ଅର୍ଥାଭାବରୁ ନିମୋନିଆ ଜ୍ୱରରେ ମୃତ୍ୟୁ ବରଣ କରିଥିଲେ। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ବ୍ରିଟିଶ୍ ଲେଖକ ମୋରିସ୍ଙ୍କ ମତରେ ଆମ୍ବେଦକର ଏତେ ବହି ଲେଖିଛନ୍ତି ଯେ ବିଶ୍ୱର କୌଣସି ଯୋଦ୍ଧା ଏକୁଟିଆ ଉଠାଇ ପାରିବନି। ଆମ୍ବେଦକର କହୁଥିଲେ ସମାଜ ପରିବର୍ତନ ପାଇଁ ମୋତେ ୧୦ ଡ଼ାକ୍ତର,୧୫ ଇଂଜିନିୟର୍, ୩୦ ଓକିଲର ଆବଶ୍ୟକ ଅଛି। ତାଙ୍କ ମତରେ ମୁଁ ବହୁତ "କଠିନ ପରିଶ୍ରମ କରି ସମ୍ବିଧାନ ରୂପକ ମନ୍ଦିର ଟିଏ ଗଢିଲି ହେଲେ ସେଠାରେ ଦେବତା ବଦଳରେ ମାନବ ରୂପକ ରାକ୍ଷସ ମାନେ ଅକ୍ତିଆର କରି ନେଲେ'। ତାଙ୍କ ସଂଗ୍ରାମ ପାଇଁ ହଜାର ହଜାର ବର୍ଷର କୁସଂସ୍କାରୁ ଦଳିତ ମାନଙ୍କୁ ମୁକ୍ତି ମିଳିଥିଲା। ସମସ୍ତ ଧର୍ମକୁ ସମାନ ଅଧିକାର, ଧର୍ମ ଉପରେ ସ୍ୱତନ୍ତ୍ରତା , ସ୍ୱାଧୀନ ମତବ୍ୟକ୍ତ ଓ ମହିଳା ମାନଙ୍କୁ ସମାନ ଅଧିକାର, ଶ୍ରମିକମାନଙ୍କୁ ଅଧିକାର ଦେଇଥଲେ। ସେ ସମ୍ବିଧାନର ମୁଖବନ୍ଧରେ ଜାତିଧର୍ମ, ଭାଷା, ଆଂଚଳିକ ଧନୀ, ଗରିବ ନିର୍ବିଶେଷରେ ଆମେ ଭାରତବାସୀ ବୋଲି ଉଲେଖ କରିଥଲେ। ଆମ୍ବେଦକର ଏପରି ଯୋଦ୍ଧା ଯେ କି ବିନା ରକ୍ତ ପାତରେ ସାଢେ ୪ ହଜାର ବର୍ଷର କଳଙ୍କିତ ଇତିହାରସକୁ ଯିଏକି ୪୦ ବର୍ଷରେ ପରିବର୍ତନ କରିପାରିଥିଲେ। ତାଙ୍କ ମତରେ ଶିକ୍ଷିତ,ସଂଗଠିତ ଓ ସଂଗ୍ରାମ ପାଇଁ ଗୁରୁତ୍ୱ ଦେଇଥିଲେ। ସତରେ ସାମାଜିକ ସମାନତା, ଅର୍ଥନୈତିକ ବିପ୍ଳବରେ ଡ଼କ୍ଟର ଭୀମ୍ରାଓ ଆମ୍ବେଦକର ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ରଷ୍ଟା ଓ ଭାରତୀୟ ସମ୍ବିଧାନର ଜନକ ଓ ଅଟନ୍ତି। ଉନବିଂଶ ଶତାବ୍ଦୀର ମୁକ୍ତି ସଂଗ୍ରାମର ସେ ଥିଲେ ଯୋଦ୍ଧା ।

+ଆମ୍ବେଦକର-ଲୋହିଆ
ବିଚାର ମଂଚ, ଓଡ଼ିଶ.
ଭୁବନେଶ୍ୱର
ମୋ-୯୪୩୭୦୮୬୬୭୯

# ମହା ବିଷୁବ ସଙ୍କ୍ରାନ୍ତି ଓ ଓଡ଼ିଆ ନବବର୍ଷ

ମହାବିଷୁବ ସଙ୍କ୍ରାନ୍ତି ଦିନ ହେଉଛି ଓଡ଼ିଆ ନୂଆବର୍ଷର ପ୍ରଥମ ଦିନ । ସୌରମାନ ମାସ ଅନୁସାରେ ତିଥି, ବାର ଇତ୍ୟାଦି ଗଣନା କରାଯାଏ । ଏହି ଗଣନା ଅନୁସାରେ ଆମେ ବାରମାସରେ ବାରଟି ସଙ୍କ୍ରାନ୍ତି ପାଳନ କରିଥାଉ । ଏହି ବାରଟି ସଙ୍କ୍ରାନ୍ତି ବାରଟି ରାଶିନାମରେ ନାମିତ ହୋଇଥାନ୍ତି, ଯଥା: ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା ବିଛା, ଧନୁ, ମକର, କୁମ୍ଭ, ମୀନ ଆଦି । ଗୋଟିଏ ସଙ୍କ୍ରାନ୍ତିରୁ ପରବର୍ତ୍ତୀ ସଙ୍କ୍ରାନ୍ତି ପର୍ଯ୍ୟନ୍ତ ସମୟକୁ ଗୋଟିଏ ମାସ କୁହାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହି ଦିନ ମେଷରାଶିରେ ପ୍ରବେଶ କରୁଥିବାରୁ ଏହି ସଂକ୍ରାନ୍ତିକୁ ମେଷ ସଙ୍କ୍ରାନ୍ତି ବୋଲି ମଧ କୁହାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହି ଦିନ ମେଷରାଶିରେ ଅବସ୍ଥାନ କରନ୍ତି । ଏହି ବିଷୁବ ସଙ୍କ୍ରାନ୍ତି ଠାରୁ ସୌରମାସର ପ୍ରଥମ ମାସ ଗଣନା କରାଯାଏ ଓ ଏହା ହିଁ ଓଡ଼ିଆ ନବବର୍ଷର ପ୍ରଥମ ଦିନ । ଏହିଦିନ ଠାରୁ ଓଡ଼ିଶାରେ ନୂତନ ପଞ୍ଜିକା ପ୍ରଚ଼ଳନ ହୁଏ ।



ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

ଏହି ଦିନଠାରୁ ସୂର୍ଯ୍ୟତାପ ପ୍ରଖରରୁ ପ୍ରଖରତର ହୁଏ । ତେଣୁ ଏହି ସମୟରେ ସୂର୍ଯ୍ୟ ଉପାସନା ସହ, ଦେବାଳୟରେ ହେଉଥିବା ପୂଜାର୍ଚ୍ଚନାରେ ଭଜା ଗହମ ଓ ଅରୁଆ ଚାଉଳରୁ ପ୍ରସ୍ତୁତ "ଛତୁଆ" ଭୋଗ ସହ "ପଣା" ଭୋଗ ମଧ କରାଯାଏ । "ପଣାରେ" ପାଚିଲା କଦଳୀ, ଛେନା, ଦୁଗ୍ଧ, ପାଚିଲା ବେଲ, ନଡ଼ିଆ, ଗୁଡ଼ ବା ଚିନି, ଛତୁଆ ମିଶିଥାଏ । "ପଣା" ଭୋଗ ଓ "ଛତୁଆ" ଭୋଗକୁ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିଲେ ଏହାର ତାତ୍ତ୍ୱିକ ଦିଗଟି ବୁଝାପଡ଼େ । ଦେହକୁ ସୂର୍ଯ୍ୟତାପରୁ ରକ୍ଷା କରିବା ପାଇଁ ପଣା ସେବନ ବିଧିକୁ ପୂଜାର୍ଚ୍ଚନା ମାଧମରେ ଯୋଗକରି, ମାନବ ସମାଜକୁ ଶିକ୍ଷା ଦିଆଯାଇଛି । ଏହି ଋତୁରେ ପ୍ରଚୁର ଜଳଗ୍ରହଣ ପାଇଁ କେବଳ ମାନବ ସମାଜ ସମେତ ଉଦ୍ଭିଦ ଓ ପ୍ରାଣୀଜଗତର ମଧ ପ୍ରଚୁର ଜଳ ଆବଶ୍ୟକ ହୋଇଥାଏ । ଏ କଥାରେ ମଧ ଅନ୍ୟସବୁ ଧର୍ମୀୟ ଚେତନା ସହିତ ଆଉ ଏକ ରୀତି ଖଞ୍ଜି ଦିଆଯାଇଛି । ତାହା ହେଲା ତୁଳସୀ ଚଉଁରାର "ତୁଳସୀ ପୂଜା" । ଏହିଦିନ "ତୁଳସୀ" ଗଛ ଉପରେ ନଡ଼ିଆ ପତ୍ରର ଛାମୁଡ଼ିଆ କରି, ତହିଁରୁ ଠିକ୍ ତୁଳସୀ ଗଛ ଉପର ପର୍ଯ୍ୟନ୍ତ ସରୁ ଦଉଡ଼ି ସାହାଯ୍ୟରେ ମାଟି ଘଡ଼ିଟିଏ ବାନ୍ଧି ଓହଳାଇ ଦିଆଯାଏ । ଏହି ଘଡ଼ିର ନିମ୍ନାଂଶରେ ଛୋଟ ଛିଦ୍ରଟିଏ କରାଯାଏ । ଘଡ଼ିରେ ପାଣି ଭରିଦେଲେ ଅନେକ ସମୟଧରି ସୂକ୍ଷ୍ମ-ଜଳଧାର ତୁଳସୀ ମୂଳକୁ ଓଦା ରଖେ, ଜଳ ତାପରୁ ରକ୍ଷାକରେ ଓ ସମଗ୍ର ଜୀବଜଗତ ସହିତ ଉଦ୍ଭିଦଜଗତ ପାଇଁ ଏହା ଅପରିହାର୍ଯ୍ୟ ବୋଲି ଏଥିରୁ ପ୍ରମାଣ ମିଳେ । ଓଡ଼ିଆ ମାନଙ୍କର ବାର ମାସରେ ତେର ପର୍ବ ପାଳନ ମଧ୍ୟରୁ ମହାବିଷୁବ ସଙ୍କ୍ରାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବେ ପାଳିତ ହୋଇଥାଏ। ସୂର୍ଯ୍ୟଙ୍କୁ ପୂଜା କରିବ। ପାଇଁ ଏହିଦିନ ଠାରୁ ଏକମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଘର ଚଉଁରାରେ ଠେକି ବସାଯାଇ ପାଣି ଢଳାଯାଇଥାଏ । ତେଣୁ ଏହି "ସଙ୍କ୍ରାନ୍ତି"କୁ "ଜଳ ସଙ୍କ୍ରାନ୍ତି" ନାମରେ ମଧ ଜଣାଯାଇଥାଏ । ଏହି ସମୟରେ ପଣାଦାନ କରାଯାଉଥିବାରୁ ଏହାର ଅନ୍ୟ ଏକ ନାମ ମଧ ପଣା ସଙ୍କ୍ରାନ୍ତି । ହିନ୍ଦୁମାନଙ୍କ ପୂଜାରୀତି ଅନୁଯାୟୀ ଏହିଦିନ ଲୋକ ମାନଙ୍କୁ ପଣା ଓ ଛତୁଆ ପ୍ରଦାନ କରାଯାଏ । ସାମର୍ଥ୍ୟ ଅନୁଯାୟୀ କେହି କେହି ପାଦକୁ ଜୋତା ଓ ଖରା ପାଇଁ ଛତା ମଧ ଦାନ କରିଥାନ୍ତି । ସାହି ପଡ଼ିଶା, ସାଙ୍ଗ ସାଥୀମାନଙ୍କୁ ଛତୁଆ ଓ ପଣା ପ୍ରଦାନ ପୂର୍ବକ ଭାବର ଆଦାନପ୍ରଦାନ ମଧ ଏହିଦିନ କରାଯାଇଥାଏ ।

ସେହିପରି ଏହି ଅବସରରେ କେତେକ ସ୍ଥାନରେ "ବିଷୁବମିଳନ" ଆୟୋଜନ କରାଯାଇ ବୁଦ୍ଧିଜୀବୀ, ସାହିତ୍ୟିକ ଓ କବିମାନଙ୍କୁ ଆମନ୍ତ୍ରଣ କରି ସାହିତ୍ୟ ଆଲୋଚନା ଏବଂ କବିତା ପାଠ ଆଦି କରାଯାଇଥାଏ। ଏହିଦିନ ମଧ ପବିତ୍ର ହନୁମାନ ଜୟନ୍ତୀ ପାଳନ କରାଯାଏ । ବାସ୍ତବିକ୍ ଧର୍ମୀୟ ଚେତନା, ବିଜ୍ଞାନ ସମ୍ବନ୍ଧୀୟ ତତ୍ତ୍ୱ, ପରିବେଶ ସଚେତନତା ଓ ଶରୀରଚର୍ଯ୍ୟା ପାଇଁ ଖାଦ୍ୟପେୟ ନିର୍ଦ୍ଧାରଣ ସହିତ ସହାବସ୍ଥାନ ଆଦି ସବୁ ଦୃଷ୍ଟିକୋଣରୁ ଏ ଦିବସର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ଆମେ ଓଡ଼ିଆମାନେ ଇଂରାଜୀ ନବବର୍ଷ ପରି ଓଡ଼ିଆ ନବବର୍ଷକୁ ପାଳନ କରି ନଥାଉ । ଯାହା ଖୁବ୍ ଦୁଃଖ ଦାୟକ ଓ ଲଜ୍ଜାକର ଆମର ଓଡ଼ିଆ ଜାତି ପାଇଁ କ୍ଷ

ଆସନ୍ତୁ ଏ ପବିତ୍ର ନବ ବର୍ଷକୁ ଆମ ଭିତରେ ଫେଣ୍ଟି ଦେଇ ସୁନ୍ଦର ଭାଇଚାରା ଗଠନ କରିବା ।



ଭାଗିରଥୀ ସ୍ୱାଇଁ

# ମୈତ୍ରେୟବନ

ପ୍ରାଚୀନ ଉତ୍କଳର ପୁଣ୍ୟ ଭୂମି ମାନଙ୍କ ମଧ୍ୟରେ ବିଶ୍ୱ ଐତିହ୍ୟ କୋଣାର୍କ ଅନ୍ୟତମ। ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀ ଠାରୁ ଉତ୍ତର-ପୂର୍ବ ପ୍ରାୟ ୨୨ ମାଇଲ୍ ଦୂରରେ ସମୁଦ୍ର କୂଳରେ ଅବସ୍ଥିତ। ଭାରତ ବର୍ଷର ଅନ୍ୟାନ୍ୟ ପୁଣ୍ୟକ୍ଷେତ୍ରମାନଙ୍କ ପରି କେବଳ ଆପଣାର ପୁରାଣ ମହିମାରେ ଏକ ପ୍ରାଧାନ୍ୟ ମୁକ୍ତିକ୍ଷେତ୍ର ରୂପେ ଅଦ୍ୟାବଧି ପରିଗଣିତ ହୋଇ ଆସୁଅଛି। ଦେଶର ଅନ୍ୟାନ୍ୟ ପୁଣ୍ୟ କ୍ଷେତ୍ରମାନଙ୍କ ପରି ପୁରାଣକାରମାନେ କୋଣାର୍କକୁ ନାନା ଭାବରେ ଅଭିହିତ କରିଅଛନ୍ତି। ବିଭିନ୍ନ ପୁରାଣରେ ଏହାର ନାମ ଭିନ୍ନ ଭିନ୍ନ ହୋଇଥିବାର ଦେଖାଯାଏ। ବ୍ରହ୍ମପୁରାଣ ଏହାକୁ କୋଣାଦିତ୍ୟ ଏବଂ ସ୍କନ୍ଧପୁରାଣ ସୂର୍ଯ୍ୟକ୍ଷେତ୍ର ବୋଲି ଅଭିହିତ କରିଅଛନ୍ତି। ପ୍ରାଚୀ ମାହାତ୍ମ୍ୟରେ ଏହା ଅର୍କକ୍ଷେତ୍ର ବା ରବିକ୍ଷେତ୍ର ନାମରେ ସୁପରିଚିତ। ଭବିଷ୍ୟପୁରାଣ ମିତ୍ରବନ, ଶାମ୍ବ ପୁରାଣ ମୈତ୍ରବନ ଏବଂ କପିଳ ସଂହିତା ରବିକ୍ଷେତ୍ର ବା ମୈତ୍ରେୟବନ ନାମରେ ଆଖ୍ୟାୟତ କରିଛନ୍ତି। ବର୍ତ୍ତମାନ ପ୍ରଚଳିତ ରବିକ୍ଷେତ୍ର, ଅର୍କକ୍ଷେତ୍ର, ସୂର୍ଯ୍ୟକ୍ଷେତ୍ର ପ୍ରଭୃତି ଆଖ୍ୟାରେ ଅଭିହିତ ହେବା ପୂର୍ବରୁ ଏହା ମୈତ୍ରେୟବନ ନାମରେ ପ୍ରସିଦ୍ଧ ଥିଲା। କପିଳ ସଂହିତାରେ ଉଲ୍ଲେଖ ଅଛି "ମୈତ୍ରେୟତପସାର୍ଜିତଂ" ଅର୍ଥାତ୍ ମୈତ୍ରେୟ ମହର୍ଷିଙ୍କ ତପସ୍ୟା ପ୍ରଭାବରେ ସ୍ଥାନର ଉତ୍ପତ୍ତି ହୋଇଥିବାରୁ ଏପରି ନାମକରଣ କରାଯାଇଛି। କ୍ଷେତ୍ର ଆରମ୍ଭ ଅବସ୍ଥାରେ କେତେକ ସମୟ ପର୍ଯ୍ୟନ୍ତ କୋଣାର୍କର ନାମ ମୈତ୍ରେୟବନ ଥିଲା। ସୂର୍ଯ୍ୟ ନାରାୟଣଙ୍କ ସହିତ ଏହାର ସମ୍ବନ୍ଧ ଥିବାରୁ ଏହା ମିତ୍ର ବନ ବା ମୈତ୍ର ବନ ନାମରେ ପରିଚିତ ହେଉଥିଲା। ଐତିହାସିକ ଡ଼ାକ୍ତର ରାଜେନ୍ଦ୍ର ଲାଲଙ୍କ ମତାନୁସାରେ ମିତ୍ର ଅର୍ଥାତ୍ ବନ୍ଧୁ। ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କର କୁଷ୍ଠ ରୋଗ ଆରୋଗ୍ୟରେ ଏହା ସହାୟ ହୋଇଥିବାରୁ ସ୍ଥାନର ନାମ ମିତ୍ରବନ ବା ମୈତ୍ର ହୋଇଥିଲା ବୋଲି ସେ ଅଭିହିତ କରିଛନ୍ତି। ସୂର୍ଯ୍ୟ ଆପଣାର ଗତି ପଥରେ ଦ୍ୱାଦଶ ରାଶି ପାର ହୋଇ ଭ୍ରମଣ କରୁଥିଲେ ବୋଲି ପୁରାଣ ବର୍ଣ୍ଣନାରୁ ଜଣାଯାଏ। ପୁରାଣ ବଚନ ଅନୁସାରେ ପ୍ରତ୍ୟେକ ରାଶିରେ ଉପସ୍ଥିତ ହେଲାବେଳେ ସୂର୍ଯ୍ୟଙ୍କର ଭିନ୍ନ ଭିନ୍ନ ନାମ ହୋଇଥାଏ। ଦ୍ୱାଦଶ ମାସରେ ସୂର୍ଯ୍ୟ ଦ୍ୱାଦଶ ନାମରେ ଅଭିହିତ ହୋଇଥାନ୍ତି। ଯଥା -

ଏକସୌ ବହୁଧାଭୂତ୍ୱା କାଳଭେଦାଦନିନ୍ଦିତଃ।
ମାସେ ମାସେ ତୁ ପତତି ଏକୋଦ୍ୱାଦଶତାଂ ବ୍ରଜେତ୍ ।।
ମିତ୍ରୋ ମାର୍ଗଶିରେମାସି ପୌଷେ ବିଷ୍ଣୁଃ ସନାତନଃ।
ବରୁଣୋ ମାଘମାସେ ତୁ ସୂର୍ଯ୍ୟୋ ବୈ ଫାଲ୍ଗୁନେପିଚ ।।
ଚୈତ୍ର ମାସେ ତପେଦ୍ଭାନୁ ବୈଶାଖେ ତାପନଃସ୍ମୃତଃ।
ଜ୍ୟେଷ୍ଠମାସେ ତପେଦିନ୍ଦ୍ର ଆଷାଢ଼େ ତପତେ ରବି ।।
ଗଭସ୍ତିଃ ଶ୍ରାବଣେ ମାସେ ଯମୋ ଭାଦ୍ରପଦେ ତଥା।
ହିରଣ୍ୟ ରେତାଶ୍ୱ ୟୁଜିଃ କାର୍ତ୍ତିକେ ତୁ ଦିବାକରଃ ।।
ଇତ୍ୟେତେ ଦ୍ୱାଦଶାଦିତ୍ୟା ମାସି ମାସି ପ୍ରକୀର୍ତ୍ତିତାଃ ।
ଉଗ୍ରରୂପା ମହାତେଜା ୟୁଗାନ୍ତାଳ ନବର୍ଚ୍ଚସଃ ।।

ଉପରୋକ୍ତ ଦ୍ୱାଦଶାଦିତ୍ୟାଙ୍କ ମଧ୍ୟରୁ ପ୍ରଥମ ସୂର୍ଯ୍ୟଙ୍କର ନାମ ମିତ୍ର। ମିତ୍ର ବା ସୂର୍ଯ୍ୟଙ୍କର ପ୍ରିୟ ବନ ହୋଇଥିବାରୁ ସ୍ଥାନର ନାମ ମିତ୍ର, ମୈତ୍ର ବା ମୈତ୍ରେୟବନ ହୋଇଥିବାର ବିଶ୍ୱାସ କରାଯାଏ। ସୂର୍ଯ୍ୟଙ୍କ ସହିତ ଏହି ବନ ସମ୍ବନ୍ଧରେ ମୈତ୍ରେୟବନର ପୌରାଣିକ ଆଖ୍ୟାୟିକା ସ୍ୱରୂପ ଗୋଟିଏ ଅତି ରହସ୍ୟମୟ ଉପାଖ୍ୟାନ ଶାମ୍ବ ପୁରାଣରେ ବର୍ଣ୍ଣିତ ହୋଇଛି। ଶାମ୍ବ ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର। ତାଙ୍କ ମାତାଙ୍କ ନାମ ଜାମ୍ବବତୀ। ଯାଦବ କୂଳରେ ସେ ସର୍ବସୁନ୍ଦର ଥିଲେ। ତାଙ୍କର ଗର୍ବ ମଧ ଅସୀମ ଥିଲା। ବୟସ, ଜ୍ଞାନ ଓ ପଦଗୌରବ ପ୍ରତି ଶାମ୍ବଙ୍କର ଆଦୌ ଆସ୍ଥା ନଥିଲା। ଭଗବାନ ଶ୍ରୀକୃଷ୍ଣ ଓ ତାହାଙ୍କ ପିତା ବସୁଦେବ ଏବଂ ସମସ୍ତ ଯାଦବମାନେ ମହର୍ଷି ନାରଦଙ୍କୁ ଅସାଧାରଣ ଭକ୍ତି କରୁଥିଲେ। କିନ୍ତୁ ଶାମ୍ବ ଭକ୍ତି କରିବା ଦୂରର କଥା ଉପାହାସରେ ମହର୍ଷି ନାରଦଙ୍କୁ ଉଡ଼ାଇ ଦେଉଥିଲେ। ଉପଦେଶ ଦ୍ୱାରା ନାରଦ ଶାମ୍ବଙ୍କର ସ୍ୱଭାବ ପରିବର୍ତ୍ତନ କରାଇବାରେ ବହୁ ଚେଷ୍ଟା କରିଥିଲେ ମଧ ତାହା ଫଳପ୍ରଦ ହୋଇନଥିଲା। ପରିଶେଷରେ ଶାମ୍ବଙ୍କର ସର୍ବନାଶ ସାଧନରେ ନାରଦ କୃତସଂକଳ୍ପ ନେଇଥିଲେ। କିଛି ଦିନ ପରେ ଦିନେ କୃଷ୍ଣ ରୈବତକ ପର୍ବତକୁ ଯାଇଥିଲେ। ଏଥି ମଧ୍ୟରେ ନାରଦ ଶାମ୍ବଙ୍କୁ କହିଲେ, ରୈବତକ ପର୍ବତରେ ଶ୍ରୀକୃଷ୍ଣ ତୁମ୍ଭଙ୍କୁ ଅପେକ୍ଷା କରି ରହିଛନ୍ତି। ତୁମ୍ଭେ ଶୀଘ୍ର ସେ ସ୍ଥାନକୁ ମୋ ସହିତ ଆସ। ନାରଦଙ୍କ କଥାନୁସାରେ ଶାମ୍ବ ରୈବତକ ପର୍ବତକୁ ଯାଇଥିଲେ। ସେଠାରେ ଗୋପବାଳାମାନେ ଗୋଟିଏ ପୁଷ୍କରିଣୀ ମଧ୍ୟରେ ଜଳକେଳୀ କରୁଥିଲେ। ଶାମ୍ବଙ୍କୁ ଦେଖିବା ମାତ୍ରେ ସେମାନେ ତାହାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯାଇଥିଲେ। ଏହାପରେ ନାରଦ ଶ୍ରୀକୃଷ୍ଣଙ୍କ ନିକଟକୁ ଯାଇ ଗୋପୀଗଣଙ୍କ ମଧ୍ୟରେ ଶାମ୍ବଙ୍କୁ ଦେଖାଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କର ଆଉ ସନ୍ଦେହ ରହିଲା ନାହିଁ। କୁଷ୍ଠ ହୋଇ ତୋର ସୌନ୍ଦର୍ଯ୍ୟ ଲୁପ୍ତ ହେଉ କହି ଶାମ୍ବଙ୍କୁ ଅଭିଶାପ ଦେଇଥିଲେ। ଏହା ପରେ ମହର୍ଷି ନାରଦଙ୍କ ଉପଦେଶାନୁସାରେ ଏହି କଠିନ ରୋଗରୁ ମୁକ୍ତି ଲାଭ ପାଇଁ ଶାମ୍ବ ମୈତ୍ରେୟବନରେ ୧୨ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିବା ନିମନ୍ତେ ପ୍ରସ୍ଥାନ କରିଥିଲେ। ଚନ୍ଦ୍ରଭାଗା ନଦୀକୂଳବର୍ତ୍ତୀ ସୁରମ୍ୟ ମୈତ୍ରେୟବନରେ ପ୍ରବେଶ କରି ଶାମ୍ବ ଘୋର ତପସ୍ୟା କରିଥିଲେ। ଶାନ୍ତ, ଦାନ୍ତ, ନିରାହାର ଓ ଜିତେନ୍ଦ୍ରିୟ ହୋଇ ଶାମ୍ବ ୧୨ ବର୍ଷ ପର୍ଯ୍ୟନ୍ତ ସୂର୍ଯ୍ୟନାରାୟଣଙ୍କ ଧାନରେ ମଗ୍ନ ହୋଇଥିଲେ। ତାଙ୍କର ପୂଜା ଉପାସନାଦି ଦ୍ୱାରା ପ୍ରସନ୍ନ ହୋଇ ଦିନେ ସୂର୍ଯ୍ୟ ନାରାୟଣ ଶାମ୍ବଙ୍କୁ ସ୍ୱପ୍ନରେ ଦେଖାଦେଲେ ଏବଂ ଅଚଳ ଭକ୍ତି ଓ ବିଶ୍ୱାସ ସହ ତାହାଙ୍କର ଏକୋବିଂଶତି ନାମସ୍ମରଣ କରିବାକୁ ଆଦେଶ ଦେଇଥିଲେ। ୧୨ ବର୍ଷ ତପସ୍ୟା ପରେ ଭଗବାନ ସୂର୍ଯ୍ୟ ନାରାୟଣ ଅତୀବ ପ୍ରସନ୍ନ ହୋଇ ଶାମ୍ବଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ତପସ୍ୟାରେ ମୁଗ୍ଧ ସୂର୍ଯ୍ୟ ନାରାୟଣ ବର ମାଗିବାକୁ ଆଦେଶ ଦେବାରେ ଶାମ୍ବ ପ୍ରାର୍ଥନା କରିଥିଲେ। ଯାହା କପିଳ ସଂହିତାର ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଯଥା -

"ଭାସ୍କରୋ ଭଗବାନ ସୂର୍ଯ୍ୟଶ୍ଚିତ୍ର ଭାନୁର୍ବିଭାବସୁଃ।
ଯମସ୍ତୋତୋଶୁଂମାଳୀ ଚ ଯମୁନା - ପ୍ରୀତି - ଦାୟକଃ ।।
ଦିବାକରୋ ଜଗନ୍ନାଥଃ ସପ୍ତାଶ୍ୱଶ୍ଚ ପ୍ରଭାକରଃ।
ଲୋକ ଚକ୍ଷୁଃ ସ୍ୱୟମ୍ଭୁଶ୍ଚ ଛାୟା - ରତି - ପ୍ରଦାୟକଃ ।।
ତିମିରାର୍ଦ୍ଦନ ଧବୋ ଲୋକତ୍ରୟ - ପ୍ରକାଶକଃ।
ଭକ୍ତବନ୍ଧୁର୍ଦୟାସିନ୍ଧୁ କର୍ମସାକ୍ଷୀ ପରାପ୍ରଃ ।।
ଏକ ବିଂଶତି ନମାନି ଯଃ ପଠେତ୍ତୁ ଦିତେମୟୀ।
ତସ୍ୟ ଶାନ୍ତି ପ୍ରଯଚ୍ଛାମି ସ୍ୱୟଂସତ୍ୟଂ ବଦାମ୍ୟହଂ ।।

ହେ ପ୍ରଭୁ ସବୁବେଳେ ଆପଣଙ୍କ ଠାରେ ମୋର ଭକ୍ତି ରହିଥାଉ। ଶାମ୍ବ ପ୍ରାର୍ଥନା କଲେ ତୁମ୍ଭ ପ୍ରସାଦରୁ ମୋର ଏହି ଶରୀର ରୋଗମୁକ୍ତ ହେଉ। ତତ୍କ୍ଷଣାତ୍ ଶାମ୍ବ ପୂର୍ବ ରୂପ ଲାବଣ୍ୟ ପ୍ରାପ୍ତ ହୋଇଥିଲେ। ସୂର୍ଯ୍ୟ ଶାମ୍ବଙ୍କୁ କହିଲେ ଆଜିଠାରୁ ଯେ, ମୋ ନାମରେ ମର୍ତ୍ତ୍ୟରେ ମନ୍ଦିର ନିର୍ମାଣ କରି କ୍ଷେତ୍ରସ୍ଥାପନ କରିବ, ସେ ସନାତନ ଲୋକ ପ୍ରାପ୍ତ ହେବ। ଶାମ୍ବ ସୂର୍ଯ୍ୟଙ୍କ ଆଦେଶ ପାଳନ କରିଥିଲେ। ପ୍ରାତଃକାଳରେ ଚନ୍ଦ୍ରଭାଗା ନଦୀ କୂଳରେ ସ୍ନାନ କରୁକରୁ ସୂର୍ଯ୍ୟଦେବଙ୍କର ଗୋଟିଏ ପ୍ରସ୍ତର ପ୍ରତିମୂର୍ତ୍ତି ପଦ୍ମାସନରେ ନଦୀର ବିଶୁଦ୍ଧ ଜଳରେ ବିରାଜମାନ ହୋଇଥିବାର ଶାମ୍ବ ଦେଖିଥିଲେ। ଗୋଟିଏ ସୁନ୍ଦର ମନ୍ଦିର ନିର୍ମାଣ କରି ଉକ୍ତ ବିଗ୍ରହଟିକୁ ତହିଁରେ ସ୍ଥାପନା କରିଥିଲେ। ସୂର୍ଯ୍ୟଦେବଙ୍କ ଉପଦେଶ ଅନୁସାରେ ଶାମ୍ବ କେତେକ ଭୈଷଜ (ବୈଦ୍ୟ) ଶାକଦ୍ୱୀପୀ ବ୍ରାହ୍ମଣଙ୍କୁ ସେବା କାର୍ଯ୍ୟରେ ନିଯୁକ୍ତ କରାଇଥିବା କପିଳ ସଂହିତାରେ ବର୍ଣ୍ଣିତ ହୋଇଛି। ଗୋୟୀଚନ୍ଦ୍ର ସଂକ୍ଷିପ୍ତସାର ବ୍ୟାକରଣ ଟୀକାରେ ଲେଖିଛନ୍ତି-

" ଆ ରୋ ଗ୍ୟ ଂ ଭାସ୍କରାଦିଚ୍ଛେଦ ଜ୍ଞାନମିଚ୍ଛେତ୍ତୁ ଶଙ୍କରାତ୍।
ମୁକ୍ତିଞ୍ଚ କେଶବାଦିଚ୍ଛେଦ୍ଧନ ମିଚ୍ଛେଦ୍ଧୁତା ଶନାତ୍ ।।"

ସୂର୍ଯ୍ୟଙ୍କ ଠାରୁ ଆରୋଗ୍ୟ, ଶଙ୍କରଙ୍କ ଠାରୁ ଜ୍ଞାନ, ବିଷ୍ଣୁଙ୍କ ଠାରୁ ମୁକ୍ତି ଏବଂ ଅଗ୍ନିଙ୍କ ଠାରୁ ଧନ ଇଚ୍ଛା କରାଯାଏ। ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କ ପ୍ରିୟ ବନ ହୋଇଥିବାରୁ ଏହାର ନାମ ମୈତ୍ରେୟବନ ନାମରେ ନାମିତ ହୋଇଥିବା ଯଥାର୍ଥତା ପ୍ରତିପାଦିତ କରୁଛି।

+ଯୁବ ସ୍ତମ୍ଭକାର
କୋଣାର୍କ, ପୁରୀ
ମୋ-୯୪୩୮୦୪୦୮୭୧

## ଚାରିଦିନ ଧରି ଶୁକୃଳି ବ୍ଲକରେ ତାଲା, ପ୍ରଶାସନ ବେଫିକର

### ତାଲା ପକାଇ ବ୍ଲକ ଆଗରେ ଧାରଣାରେ ବସିଛନ୍ତି ବ୍ଲକଅଧକ୍ଷା ଓ ପିଆରଆଇ ମେମ୍ବର



ବାରିପଦା,୧୩/୦୪ (ନି.ପ୍ର): ଶୁକୃଳି ବ୍ଲକର ଦଶଟି ପଂଚାୟତର କୋଡିଏ ଜଣ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ଅଧକ୍ଷଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଆଜିକୁ ଚାରିଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ଜିଲ୍ଲା ପ୍ରସାସନ ବେଫିକର ବାବରେ ।ଖିକାନ ବନ୍ଦ କରି ବସିରହିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ସ୍ଥାନୀୟ ବୁଦ୍ଧିଜିବୀ। ବିଭିନ୍ନ ଦାବୀ ସହିତ ବ୍ଲକ ବିଡ଼ିଓଙ୍କୁ ତୁରନ୍ତ ରିଲିଫ ଦାବୀରେ ବ୍ଲକ କାର୍ଯ୍ୟାଳୟ ସମେତ ମୁଖ୍ୟ ଫାଟକରେ ତାଲା ବନ୍ଦ ଆନ୍ଦୋଳନ ଚଳାଇଛନ୍ତି ଶୁକୃଳି ବ୍ଲକ ଅଧକ୍ଷା ବାସନ୍ତୀ ଚାତାର ଏବଂ ପିଆରଥିବ ମେମ୍ବର ମାନେ। ବ୍ଲକ ବିଡ଼ିଓଙ୍କ ବଦଳି ହୋଇଥିଲେ ମଧ୍ୟ ତାଙ୍କୁ ରିଲିଫ କରାନଯିବା ରୁ ତାଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ବର୍ତମାନ ସୁକୃଳି ବ୍ଲକରେ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇ ପଡ଼ିଥିବା ବେଳେ ତୁରନ୍ତ ନୂତନ ବିଡ଼ିଓ ନିଯୁକ୍ତି ଦାବୀ କରିଛନ୍ତି ଆନ୍ଦୋଳନରତ ନିର୍ବାଚିତ ଜନ ପ୍ରତିନିଧି ମାନେ। ସୂଚନା ମୁତାବକ ଜାନୁଆରୀ ମାସରୁ ସୁକୃଳି ବିଡିଓ ଙ୍କ ବଦଳି ହୋଇଥିଲେ ମଧ୍ୟ ତାଙ୍କୁ ରିଲିଫ କରାଯାଉ ନାହିଁ । ବିଡିଓ ବଦଳି ଆଳରେ ଅଫିସ ମଧ୍ୟ ଆସୁନାହାନ୍ତି। ତା ଛଡା ବ୍ଲକରେ ସହକାରୀ ଯନ୍ତ୍ରୀ ପଦବୀ ଏବଂ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀ ମଧ ଦୀର୍ଘଦିନ ହେବ ଖାଲି ପଡ଼ିଛି। ଯାହାଫଳରେ ବ୍ଲକ ଅଂଚଳରେ ଉନୟନ ମୂଳକ କାମ ଗୋଟେ ପ୍ରକାର ଠପ ହୋଇଯାଇଛି। ଲୋକେ ବିଭିନ୍ନ କାମ ପାଇଁ ବାରମ୍ୱାର ବ୍ଲକର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ଖାଲିଥିବା ପଦବୀ ପୂରଣ ପାଇଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦ୍ୱାରା ଦାବୀ ହୋଇ ଆସୁଥିଲେ ମଧ କୌଣସି ସୁଫଳ ନମିଳିବାରୁ ପୁରୁଣା ବିଡ଼ିଓଙ୍କ ରିଲିଫ ଦାବୀ କରି ଶୁକ୍ରବାର ସକାଳ ଠାରୁ ବ୍ଲକ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ଗେଟ ସମୁଖ୍ୟରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି ସମସ୍ତ ପିଆରଆଇ ମେମ୍ବର। ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ତେବେ ବ୍ଲକ ଗେଟ ସମୁଖ୍ୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ବ୍ଲକ ଅଧକ୍ଷା ସମେତ ସମସ୍ତ ପିଆରଆଇ ମେମ୍ବର।

## ୬୦ନଂ ଜାତୀୟ ରାଜପଥରେ ସଡକ ଦୁର୍ଘଟଣା : ୧ ଆହତ, ୧ ଗୁରୁତର

ଜଳେଶ୍ୱର, ୧୩/୪ (ନିପ୍ର) : ଆଜି ମଧ୍ୟାହ୍ନରେ ହାଓଡାରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଝୋଟ ବୋଝେଇ ଟ୍ରକ ଡବ୍ଲୁବି୬୩ଏ-୩୨୭୪ ଆଗରେ ଚାଲିଥିବା ଅନ୍ୟଏକ ଟ୍ରକ୍ ଏପି୬୭ଟିଡବ୍ଲୁ-୨୧୮୮କୁ ପଛରୁ ବାଡେଇବାରୁ ଜଣେ ଡ୍ରାଇଭର ଗୁରୁତର ହୋଇ ଚିକିତ୍ସାଧିନ ଅଛନ୍ତି । ଝୋଟ ବୋଝେଇ ଟ୍ରକ୍ର ଆଗ ଅଂଶ ଭାଂଗି ଚେପି ଯାଇଥିବାରୁ ଡ୍ରାଇଭର ମୁର୍ଜଫିର ରହମନ ଗୁରୁତର ହୋଇ ପ୍ରଥମେ ଜିକେଭଇର ଓ ପରେ କୋଲକତା ସ୍ଥାନାନ୍ତର ହୋଇଛନ୍ତି । ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅର୍ନ୍ତଗତ ଆର୍ଶିବାଦ ନର୍ସିହେମ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି । ଡ୍ରାଇଭରର ଘର କୁଚାବିର ଥାନା ଅନ୍ତର୍ଗତ ତୋଫାନଗଂଜ ବୋଲି ଜଣାପଡିଛି ।

## ଉଦଳାରେ ହିନ୍ଦୁ ନବବର୍ଷ ପାଳିତ

ଉଦଳା ୧୩/୦୪(ନି.ପ୍ର)- ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଉଦଳା ସହର ମଧ୍ୟରେ ହିନ୍ଦୁ ନବବର୍ଷ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ସେଥିପାଇଁ ଆଜି ପ୍ରତ୍ୟୁଷରୁ ସହର ମଧ୍ୟରେ ଥିବା ସମସ୍ତ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ପୂଜା ପାଠର ଆୟୋଜନ କରାଯାଇଥିଲା । କେତେକ ସ୍ଥାନରେ ଭଜନ, କିର୍ତ୍ତନ ସାଙ୍ଗକୁ ଅଷ୍ଟ ପ୍ରହର ନାମଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା । ପ୍ରତିବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦରେ ହିନ୍ଦୁ ନବବର୍ଷ ପାଳିତ ହୁଏ। ତେବେ ଆଜି ଠାରୁ ଯୁଗାବ୍ଦ - ୫୧୨୩, ବିକ୍ରମ ସମ୍ବତ୍ - ୨୦୭୮ ଆରମ୍ଭ ହେଲା। ଶାସ୍ତ୍ର ମତ ଅନୁସାରେ ଆଜି ବ୍ରହ୍ମାଙ୍କ ଦ୍ୱାରା କାଳଗଣନା ଆରମ୍ଭ ହୋଇଥିଲା । ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ରାଜା ଯୁଧିଷ୍ଠିରଙ୍କର ମଧ ଆଜିର ଦିନରେ ରାଜ୍ୟାଭିଶେକ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ଏକଲ ଅଭିଯାନ, ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଭୃତିରେ ଏଥିପାଇଁ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । କୋଭିଡ଼ ନିୟମ କାନୁନକୁ ମାନି ଆଜି ଦିବସ ବ୍ୟାପି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାର ଦାବିରେ ରେମୁଣାରେ ଗଣ ସତ୍ୟାଗ୍ରହ




ବାଲେଶ୍ୱର,୧୩/୦୪ (ନି.ପ୍ର): ରେମୁଣା ଅଞ୍ଚଳରେ ଭୁଶୁଡ଼ି ପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର ଦାବିରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମନ୍ଦିର ଛକଠାରେ ମଙ୍ଗଳବାର ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ମଞ୍ଚର ଆବାହକ ବିଧାନଚନ୍ଦ୍ର ରାୟ ସଭାପତିତ୍ୱ କରିଥିଲେ। ଶ୍ରମିକ ନେତା ପ୍ରେମ ରଞ୍ଜନ ପାତ୍ର, ସରପଞ୍ଚ ଷ୍ଟାଲିନ ମିଶ୍ର, କୃଷକନେତା ଅରୁଣ ଜେନା, ଅଧ୍ୟାପକ ସତ୍ୟନାରାୟଣ ପାକଳ, ସମାଜସେବୀ ଦୁଷ୍ମନ୍ତ ଦାସ, ରବିନାରାୟଣ ସେଠୀ, ନାରୀନେତ୍ରୀ ବିଦ୍ୟୁତ ଲତା ସାହୁ, ଚନ୍ଦ୍ରକାନ୍ତି ପ୍ରଧାନ, ହରପ୍ରିୟା ସାହୁ, ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ରେମୁଣା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନସେବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ସମ୍ପ୍ରତି ରେମୁଣା ଅଞ୍ଚଳରେ ଲଗାତର ଘଟି ଚାଲିଥିବା ଅସାମାଜିକ କାର୍ଯ୍ୟ, ବିନା ପରମିଟରେ ବାଲି ଉଠାଣ, ସହ ସରକାରୀ ଓ ବ୍ୟକ୍ତିଗତ ଜମିରୁ ଚୋରା ମାଟି ଚାଲାଣ, ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କୁ ଧରିନେଇ ଚୋରାରେ ବାହାରକୁ ଚାଲାଣ କରିବା, ଅବାଧ ନିଶା କାରବାର, ଚୋରୀ ଡକାୟତି ସାଂଗକୁ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଆଦି ସଂବେଦନଶୀଳ ସମସ୍ୟା ସମାଧାନରେ ପ୍ରଶାସନର ଚରମ ଉଦାସୀନତାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରେମୁଣା ଥାନା ଅଧିକାରୀଙ୍କ ଅପାରଗତା ଓ କଳା କାରନାମା, ଦୁର୍ନୀତି ଓ ପକ୍ଷପାତିତାକୁ ଖୋଲାସା କରିବା ସହ ସମସ୍ତ ଲାଭଖୋର ସରକାରୀ ଅଫିସରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବକ୍ତାମାନେ ଦାବି କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ରେମୁଣା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ସୁରଜିତ ପୋଥାଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ରକ୍ତଦାନ ଶିବିର

ବାରିପଦା,୧୩/୦୪ (ନି.ପ୍ର): ବାରିପଦା ତକତପୁର ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ଯୁବ ମୋର୍ଚ୍ଚାର ସଭାପତି ବଳରାମ ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ପ୍ରାରମ୍ଭରେ ମୟୂରଭଞ୍ଜ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଇଂ ବିଶେଶ୍ୱର ଟୁଡୁଙ୍କ ସମେତ ଜିଲ୍ଲା ସଭାପତି କାନ୍ଦ୍ରା ସରେନ, ବାରିପଦା ବିଧାୟକ ପ୍ରକାଶ ସରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, ସୁଗଦା ମୁର୍ମୁ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ପ୍ରବୀଣ କୁମାର ପାତ୍ର, କୁମାର ମଙ୍ଗଳମ, ମମତା ମଣ୍ଡଳ, ଅମ୍ବିକା ବାରିକ, ମମତା ସାହୁ, ଶୋଭାବତୀ ହୋତା, ସରୋଜିନୀ କିସ୍କୁ, ପାୟେଲ ରାୟ ପ୍ରମୁଖ ଉପସ୍ଥିତି ରହି ରକ୍ତଦାତା ମାନଂକର ଉତ୍ସାହ ବୃଦ୍ଧି କରିଥିଲେ। ପ୍ରଥମେ ମୁଖ୍ୟ ଅତିଥି ସାଂସଦ ଇଂ ଟୁଡୁ ଫିତା କାଟି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ବହୁ କର୍ମୀ ତଥା ସ୍ୱେଚ୍ଛାସେବୀ ରକ୍ତଦାନ କରିଥିବା ବେଳେ, ଏହି ଶିବିରରେ ମୋଟ ୫୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ବେହେରା, ଚିନ୍ମୟ ପଲେଇ, ସୁବ୍ରତ ମୁଖୀ, ରସାନନ୍ଦ ଧୀର, କୁନା ମହାନ୍ତ, ଏମ୍.ଡ଼ି ଅନିରୁଦ୍ଧ, ନିରଞ୍ଜନ ଦାସ, ଦିଲ୍ଲୀପ ଦାସ, ଲେମ୍ବୁଧର ବେହେରା, ଗୋପାଳ ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ପାଇଁ ଗ୍ରାମବାସୀଙ୍କ ଦାବି

ନୀଳଗିର,୧୩/୦୪ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଭାଲୁକାଶୋଣି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ (ଏମ.ଏଇ.ଇ) ଶିକ୍ଷକ ଘାସିରାମ ପୂର୍ତ୍ତିଙ୍କୁ ୪ବର୍ଷ ଧରି ଅନ୍ୟତ୍ର ଡେପୁଟେସନ ରେ ଯାଇଥିବା ବେଳେ ଶିକ୍ଷା ଦାନରେ ବ୍ୟତିକ୍ରମ ଘଟିଥିବାରୁ ତାଙ୍କୁ ପୁନଃ ଭାଲୁକାଶୋଣି ବିଦ୍ୟାଳୟରେ ନିଯୁକ୍ତି ଦେବା ଦାବୀରେ ଶତାଧିକ ଅଭିଭାବକ, ସ୍କୁଲ କମିଟିର ସଦସ୍ୟ, ଗ୍ରାମବାସୀମାନେ ମିଳିତ ଭାବେ ନୀଳଗିରି ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଥାଉକି ଶିକ୍ଷକ ଶ୍ରୀ ପୂର୍ତ୍ତି ଭାଲୁକାଶୋଣି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନ । ଶ୍ରୀ ପୂର୍ତ୍ତିଙ୍କ ଶିକ୍ଷାଦାନ ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ସଠିକ୍ ରହୁଥିବା ବେଳେ ତାଙ୍କର ବ୍ୟବହାର ଓ ଗୁଣବତାକୁ ନେଇ କମିଟିର ସମସ୍ତ ସଭ୍ୟା, ସଭ୍ୟା,ଅଭିଭାବକ ବୃନ୍ଦ, ଗ୍ରାମବାସୀମାନେ ସନ୍ତୋଷ ଜନକ ଥିଲା । ଏବେ ଶିକ୍ଷାଦାନରେ ଅହେତୁକ ଅବହେଳା ହେଉଥିବା ବେଳେ ପୁନଃ ଘାସିରାମ ସାରଙ୍କୁ ଉକ୍ତ ବିଦ୍ୟାଳୟର ନିଯୁକ୍ତି ଦିଆଯାଉ ବୋଲି ସ୍କୁଲ ଚେୟାରମେନ୍ ଗୋପାଳ ଚନ୍ଦ୍ର ସିଂ, ସଭ୍ୟ ଶ୍ୟାମସୁନ୍ଦର ସିଂ, ସରସ୍ୱତୀ ସିଂ, ଲକ୍ଷ୍ମଣ କୁମାର ସିଂ, ଶାନ୍ତି ସିଂ, ଗଙ୍ଗାଧର ସିଂ, ଅଜୟ ସିଂ, ବଳରାମ ସିଂ, ଦୁର୍ଗାଚରଣ ସିଂ ସମେତ ବହୁ ଗ୍ରାମବାସୀ ନିଜ ନିଜର ଦସ୍ତଖତ କରି ନୀଳଗିରି ବି.ଇ.ଓ.ଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବାଲେଶ୍ୱରର ବିକାଶ ପାଇଁ ....

ଏହାସହିତ କ୍ରୀଡାବିତ ମାନଙ୍କ ପାଇଁ ଉଚ୍ଚ ମାନର ତାଲିମ ବ୍ୟବସ୍ଥା କରାଯିବ। ୫୩ କୋଟି ଟଙ୍କା ଖର୍ଚ୍ଚରେ ବୁଢାବଳଙ୍ଗ ନଦୀବନ୍ଧର ସୁରକ୍ଷା ସହିତ ସୌନ୍ଦର୍ଯ୍ୟକରଣ କରାଯିବ। ବାଲେଶ୍ୱର ସହରବାସୀଙ୍କ ପାଇଁ ଅବସର ବିନୋଦନ ନିମନ୍ତେ ବୁଢାବଳଙ୍ଗ ନଦୀକୂଳର ଆବଶ୍ୟକ ବିକାଶ କରାଯିବ। ବାଲେଶ୍ୱର ମ୍ୟୁନିସିପାଲିଟି ଅଂଚଳର ମୁଖ୍ୟ ପୋଖରୀ ଗୁଡିକ ଯଥା ଗଡଗଡିଆ ପୋଖରୀ, ଶୋଭାରାମପୁର ପୋଖରୀ, ବଡଖୁଆ ପୋଖରୀ, ନୂଆ ପୋଖରୀ, ହରଚନ ପୋଖରୀ ଓ ହରଗଙ୍ଗା ପୋଖରୀ ଆଦିର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ । ବାଲେଶ୍ୱର ମ୍ୟୁନିସିପାଲିଟି ଅଂଚଳର ଡ୍ରେନେଜ୍ ଚ୍ୟାନେଲ ଓ ତତସଂଯୁକ୍ତ ରାସ୍ତା ଗୁଡିକର ୭ କୋଟି ଟଙ୍କା ବ୍ୟୟରେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାଲେଶ୍ୱର ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ନିମନ୍ତେ ୨୭୫ କୋଟି ଟଙ୍କାର କାମ ଚାଲୁ ରହିଛି । ସେହପରି ଗତ ୪୫ ମାସ ହେବ ବାଲେଶ୍ୱର ମ୍ୟୁନିସିପାଲିଟି ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟରେ ସହରରେ ସିମେଂଟ କଂକ୍ରିଟ ରୋଡ, କମ୍ୟୁନିଟି ସେଂଟର ଆଦି ବିଭିନ୍ନ ଭିତିଭୂମି ବିକାଶ କାମ ମଧ ଜାରି ରହିଛି । ଏ ସବୁ କାମ ଶୀଘ୍ର ଆରମ୍ଭ ହେବ ଓ ପ୍ରଥମିକତାର ସହ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆମେ କାମ କରି ଚାଲିବୁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏ ଦିଗରେ ବାଲେଶ୍ୱର ଜିଲ୍ଲାର ଭାଇ ଭଉଣୀ ମାନଙ୍କ ସହଯୋଗ କାମନା କରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଜି (ମଙ୍ଗଳବାର) ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫- ଟି) ଶ୍ରୀ ଭି.କେ ପାଣ୍ଡିଆନ ଓ ପୂର୍ତ୍ତ ସଚିବ ଶ୍ରୀ କିଷନ କୁମାର ସକାଳେ ବାଲେଶ୍ୱର ଯାଇ ବିଭିନ୍ନ ପ୍ରକଳ୍ପ ଅଂଚଳ ବୁଲି ଦେଖିଥିଲେ । ସେଠାରୁ ଫେରି ସେମାନେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଏହାକୁ ଭିତି କରି ମୁଖ୍ୟମନ୍ତ୍ରୀ ଏହି ଘୋଷଣା କହିଛନ୍ତି ।

### ପିପିଲିରେ କେନ୍ଦ୍ରମନ୍ତ୍ରୀଙ୍କ ବିଶାଳ....

ନବକୃଷ୍ଣ ଚୌଧୁରୀ, ରମା ଦେବୀ, ମାଳତୀ ଦେବୀ, ଆଚାର୍ଯ୍ୟ ହରିହରଙ୍କ ଭଳି ଓଡ଼ିଶାର ତୁଙ୍ଗ ନେତୃତ୍ୱ। ସେ ସମୟରେ ଦେଶର ସ୍ୱତନ୍ତତା ସଂଗ୍ରାମ ପାଇଁ ଅର୍ଥନୀତି, ସ୍ୱଦେଶୀ ନୀତି, ଖଦି, ଜାତିପ୍ରଥା, ସେବା ତଥା ବିଭିନ୍ନ ସମାଜ ସଂସ୍କାରର ଆଲୋଚନା ଏ ପବିତ୍ର ମାଟିରେ ହୋଇଥିଲା। ସ୍ୱାଧୀନତାର ସବୁଠୁ ବଡ଼ ଉପଲବ୍ଧି ଗଣତନ୍ତ୍ର। ଶାନ୍ତି ଓ ଭାଇଚାରା ସବୁଠୁ ବଡ଼ ଉପଲବ୍ଧି। ମାତ୍ର ବିଗତ ୪୦ ବର୍ଷ ଧରି ପିପିଲିରେ ଶାନ୍ତି ନାହିଁ। ଏଠାରେ ଶାନ୍ତି ହଜି ଯାଇଛି। ପିପିଲିରେ ଶାନ୍ତି ଆସିଲେ ଅଂଚଳର ବିକାଶ ହେବ ଓ ପ୍ରଗତି ହେବ। ଏଠାରେ ରୋଜଗାର ବଢ଼ିବ, ଦାରିଦ୍ର୍ୟ ମୁକ୍ତ ହେବ, ପିପିଲି ଚାନ୍ଦୁଆ ବିକ୍ରି ହେବ, କୃଷି ଉତ୍ପାଦିତ ସାମଗ୍ରୀ ବିକ୍ରି ହେବ ଏବଂ ଲୋକଙ୍କ ଭିତରେ ସମ୍ପନ୍ନତା ଆସିବ। ତେଣୁ ପିପିଲିର ସବୁ ଭୋଟର ଭାଇ ଭଉଣୀ, ରାଜନୈତିକ ଦଳ ଓ ରାଜନୈତିକ ନେତୃତ୍ୱଙ୍କୁ ପିପିଲିରେ ଶାନ୍ତି ଆପଣାଇବା ପାଇଁ ବିନମ୍ର ଅନୁରୋଧ କରିଛନ୍ତି। ପିପିଲିରେ ଶାନ୍ତି ପ୍ରତିଷ୍ଠା ହେଲେ ମୋଦିଙ୍କ ସବକା ସାଥ୍ ସବକା ବିକାଶ ମନ୍ତ୍ର ପୂରଣ ହୋଇପାରିବ। ଶ୍ରୀ ପ୍ରଧାନ ପୋଲିସ ଡ଼ିଜିଙ୍କ ସହ କଥା ହୋଇ ପିପିଲିରେ ନିରପେକ୍ଷ ନିର୍ବାଚନ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେବା ନେଇ ନିବେଦନ କରିଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖରେ ମଧ ପିପିଲିରେ ଶାନ୍ତି ପ୍ରତିଷ୍ଠା ପାଇଁ ନିରପେକ୍ଷ ନିର୍ବାଚନ ହେବା ନେଇ ଅପେକ୍ଷା ରଖିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପିପିଲି ବ୍ଲକର ଉତରା ଛକ ଠାରୁ ଗୁଡିଆ ପୋଖରୀ, ଜଇସନ ପାଟଣା, ପିପିଲି ଏନଏସି, ଜଟଣୀ ଛକ, ଜଟଣୀ ରୋଡ, ଡଙ୍ଗୋହିରି, ହାଟସାହୀ, ବାଜପେୟୀ, ଦାଣ୍ଡ ମୁକୁନ୍ଦପୁର, ମଙ୍ଗଳପୁର, ତେଇସିପୁରୁ ଦେଇ ସାତଶଙ୍ଖ ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିଥିଲେ। ଏହାସହ ପରେ ସାତଶଙ୍ଖ ଠାରୁ ପଚନାୟିକା, ମୋହିନୀମଠ, ପିଢାପାଟଣା, ଷ୍ଟେସନ ବଜାର ପର୍ଯ୍ୟନ୍ତ ନିର୍ବାଚନ ଶୋଭାଯାତ୍ରା କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ ।

### କାଳବୈଶାଖୀ ସମ୍ଭାବନା....

କନ୍ଧମାଳ ଓ ନୂଆପଡା ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ଓ ଘୂର୍ଣ୍ଣିଝଡର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ଏହା ବ୍ୟତୀତ ମାଲକାନଗିରି , କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ସକାଳ ଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ କୋରାପୁଟ , ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର , ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ , ଦେବଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ଝଡବର୍ଷା ଓ ବଜ୍ରପାତ ହୋଇପାରେ। ଏସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର....

ଜନକ ବିବୃତି ନଦେଇ ନିଜ ଦାୟିତ୍ୱ ସଠିକ ଭାବେ କରନ୍ତୁ ନିଭାନ୍ତୁ ବୋଲି କହିଛନ୍ତି ବିଜୟ ମହାପାତ୍ର । ହାଇଦରକୁ ଖସାଇବା ପାଇଁ ଡ଼ିସେମ୍ବର ମାସରୁ ପ୍ରସ୍ତୁତି ଚାଲିଥିଲା । ସେହି ପ୍ରସ୍ତୁତିରେ ଓଡ଼ିଶାର ବଡ଼ ବଡ଼ କିଛି ଅଫିସରଙ୍କ ସମ୍ପୃକ୍ତି ରହିଛି ବୋଲି ସେ କହିଛନ୍ତି ।

## ଓଡ଼ିଆ ନବବର୍ଷରେ ସବୁଜ ସଂକଳ୍ପ : ଗଛରେ ପଣା ଦେଇ ଶୁଭ ମନାସିଲେ ପରିବେଶବିତ୍

ଭୁବନେଶ୍ୱର,୧୩/୦୪ (ନି.ପ୍ର): ଆଜି ପବିତ୍ର ମହାବିଷୁବ ତଥା ପଣା ସଂକ୍ରାନ୍ତି। ଉତ୍କଳୀୟ ନବବର୍ଷ। ଉତ୍କଳର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଉଲ୍ଲାସର ସହ ପଣା ପିଇ ପର୍ବଟିକୁ ପାଳନ କରିଥାନ୍ତି। ପ୍ରତ୍ୟେକ ଓଡ଼ିଆ ପରିବାରରେ ପଣାର ଆସର ଦେଖିବାକୁ ମିଳିଥାଏ। ଏହି ଦିନ ଦେବା, ଦେବୀଙ୍କ ନିକଟରେ ପଣା ଲାଗି କରାଯାଇଥାଏ। ଆଧାତ୍ମିକ ପରିବେଶ ମଧ୍ୟରେ ପ୍ରତ୍ୟେକ ଓଡ଼ିଆ ପରସ୍ପରକୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପଣା ପିଇ ନୂଆ ବର୍ଷକୁ ସ୍ୱାଗତ କରିଥାନ୍ତି। ସାଧାରଣତଃ ଏହି ପର୍ବଟି ଗ୍ରୀଷ୍ମଋତୁରେ ପଡ଼ିଥାଏ। ପରମ୍ପରା ଅନୁସାରେ ରୌଦ୍ରତାପର ପ୍ରଚଣ୍ଡ ପ୍ରଭାବକୁ ପ୍ରଶମିତ କରିବା ପାଇଁ ସୂର୍ଯ୍ୟ ଦେବତାଙ୍କୁ ଏହି ଦିନରେ ପଣା, ଛତୁଆ ଇତ୍ୟାଦି ଭୋଗ ଲାଗି କରାଯାଇଥାଏ। ତତ୍‌ସହିତ ବୃନ୍ଦାବତୀ ଅର୍ଥାତ୍ ତୁଳସୀ ଗଛରେ ପଣା, ପାଣି ଦେଇ ପୂଜା ଅର୍ଚ୍ଚନା କରିବାର ବିଧି ରହିଥାଏ। ଓଡ଼ିଆ ଜାତିର ଏହି ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସ୍ମାର୍ଟନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏହି ଅବସରରେ ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତା ଦେବାକୁ ପ୍ରୟାସ କରିଛନ୍ତି। ଶ୍ରଦ୍ଧା ଓ ଭକ୍ତିର ସହ ବୃନ୍ଦାବତୀ ଅର୍ଥାତ୍ ତୁଳସୀ ଗଛ ସ୍ଥାପନ କରି ଫୁଲ, ଚନ୍ଦନ, ସିନ୍ଦୁର ଲଗାଇ ବୃନ୍ଦାବତୀଙ୍କୁ ପୂଜା ଅର୍ଚ୍ଚନା କରିଛନ୍ତି। ଜଳଦାନ ଲାଗି ଛୋଟ କଳସରେ ପଣା, ପାଣି ରଖି ଚଉରା ଉପରେ ଝୁଲାଇଛନ୍ତି। ଏ ସମ୍ପର୍କରେ ଶ୍ରୀ ସାହୁ କୁହନ୍ତି ମହାବିଷୁବ ସଂକ୍ରାନ୍ତି ଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ଜଳଦାନ ଦ୍ୱାରା ତୁଳସୀ ଗଛ ଗ୍ରୀଷ୍ମ ଦାଉରୁ ସୁରକ୍ଷିତ ରହିବା ସହ ଆଗାମୀ ବର୍ଷା ଋତୁର ସୂଚନା ଦେଇଥାଏ। ଏତଦ୍‌ସହ ବସୁଧାକୁ ଶୀତଳ ରଖିବା ପାଇଁ ବୃନ୍ଦାବତୀ ନିକଟରେ ପୂଜା କରିବା ସହ ପ୍ରାର୍ଥନା କରାଯାଇଥାଏ। ଏହି ସଂକ୍ରାନ୍ତି 'ଜଳ ସଂକ୍ରାନ୍ତି' ଭାବେ ବି ପରିଚିତ। ସମ୍ପ୍ରତି ସାରା ବିଶ୍ୱରେ ଦିନକୁ ଦିନ ଗ୍ଲୋବାଲ ୱାର୍ମିଂର ପ୍ରଭାବ ବଢିବାରେ ଲାଗିଛି। ଏହି ପବିତ୍ର ଦିନରେ ନିଜ ଚତୁଃପାର୍ଶ୍ୱରେ ଅନ୍ତତଃ ସଭିଏଁ ଗୋଟିଏ ଲେଖାଏଁ ତୁଳସୀ ଗଛ ହେଉ ନଚେତ୍ ଯେକୌଣସି ଗୋଟିଏ ବୃକ୍ଷ ଲଗାଇବା ପାଇଁ ସଭିଏଁ ସଂକଳ୍ପ ନିଅନ୍ତୁ ବୋଲି ଶ୍ରୀ ସାହୁ ଏହି ଅବସରରେ ଆଶାପ୍ରକଟ କରିଛନ୍ତି।

## ପରକୀୟା ପ୍ରୀତିର କରୁଣ ପରିଣତି : ସ୍ତ୍ରୀକୁ ପୋଡି ମାରିଲା ସ୍ୱାମୀ : ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍

ଜଳେଶ୍ୱର, ୧୩/୪ (ନିପ୍ର) : ଆଜି ମଂଗଳବାର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧିନ ଚକହରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ପରକୀୟାପ୍ରିତୀକୁ ବିରୋଧ କରିବାରୁ ସ୍ତ୍ରୀକୁ କିରୋସିନି ଢାଳି ସ୍ୱାମୀ ପୋଡି ମାରିଥିବା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ମହୁଲିଆ ଗାଁର କାଳିଚରଣ ଦାସଙ୍କ ଝିଅ କାବେରୀ ଦାସ(୪୦)କୁ ଚକହରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ ବୈଦିକ ରିତୀରେ ବିବାହ କରିଥିଲେ । ପୂର୍ଣ୍ଣଚନ୍ଦ୍ର ସ୍ଥାନୀୟ ଏକ ଇଟାଭାଟିରେ କାର୍ଯ୍ୟ କରି ଆସୁଥିଲେ। ସେଠାରେ ଜଣେ ଆସିବାସୀ ମହିଳାଙ୍କ ସହିତ ତାଙ୍କର ପ୍ରେମ ସଂପର୍କ ଗଢିଉଠିଥିଲା । ଏହାକୁ କାବେରୀ ବିରୋଧ କରିବାରୁ ତାକୁ ମାରପିଟ କରୁଥିଲା । ଏ ନେଇ ଉଭୟ ପରିବାର ମଧ୍ୟରେ ଆଲୋଚନା ପରେ ଆପୋଷ ସମାଧାନ ହୋଇଥିଲା । ଗତକାଲି ରାତିରେ ଜନୈକା ମହିଳାଙ୍କ ଏକ ଫୋନ୍‌କଲ୍‌କୁ କେନ୍ଦ୍ରକରି ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା । କାବେରୀକୁ ସବୁଦିନ ଲାଗି ରାସ୍ତାରୁ ହଟାଇବାଲାଗି ପୂର୍ଣ୍ଣଚନ୍ଦ୍ର ଯୋଜନାବଦ୍ଧଭାବେ ଏକ କାଠଫାଳିଆରେ ପିଟିପିଟି ମାରିଦେଇଥିଲା । ଶବକୁ ମଧ୍ୟରାତ୍ରୀରେ ସୁବର୍ଣ୍ଣରେଖା ନଦୀପଠା ଛାଉଁଜଂଗଲକୁ ଆଣି ସେଠାରେ କିରୋସିନୀ ଢାଳି ପୋଡି ଦେଇଥିବାର ଅଭିଯୋଗ ହୋଇଛି । ଆଜି ସକାଳେ ଗ୍ରାମବାସୀ ଅଧାପୋଡା ଶବକୁ ଦେଖି ଚିହ୍ନଟ କଲାପରେ ବାପଘର ଲୋକଙ୍କୁ ଖବର ଦେଇଥିଲେ । ବାପଘର ଲୋକେ ଏ ସଂପର୍କରେ ଜଳେଶ୍ୱର ଥାନାକୁ ଜଣାଇଲାପରେ ଥାନା ଆଇଆଇସି ମାନସ ଦେଓ ଓ ସତ୍ୟନାରାୟଣ ବଳ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ୍ କରିଥିଲେ । ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରାଯାଇଛି । ସାଇଣ୍ଟିଫିକ୍‌ଟିମ୍ ଘଟଣାସ୍ଥଳକୁ ଆସି ପରୀକ୍ଷା ନିରିକ୍ଷା କଲାପରେ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ କାବେରୀ ଦାସଙ୍କ ଦୁଇପୁତ୍ର ଓ ଜଣେ ବିବାହିତ କନ୍ୟା ଅଛନ୍ତି । ଏହି ହତ୍ୟାକାଣ୍ଡରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାବେରୀର କକା କାଂଗାଳି ଦାସ ଦାବି କରିଛନ୍ତି ।

## ବ୍ୟାଙ୍କ ଅଫ ଇଣ୍ଡିଆ ଉଦଳାରେ ଖୋଲିଲା କରୋନା ସଂକ୍ରମଣ କେନ୍ଦ୍ର



ଉଦଳା,୧୩/୦୪ (ନି.ପ୍ର): କରୋନା ମୁକାବିଲା ପାଇଁ ସବୁ ପ୍ରକାର ସତର୍କତା ଅବଲମ୍ବନ କରିବାକୁ ବାରମ୍ବାର ଚେତାବନୀ ଦିଆଯାଉଥିବା ବେଳେ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଉଦଳାରେ କରୋନା ସଂକ୍ରମଣ କେନ୍ଦ୍ର ଖୋଲା ଯାଇଛି । ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଆପଣ ଥରୁଟିଏ ଉଦଳା ସହର ମଧ୍ୟରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆର ଶାଖାକୁ ବୁଲିଆସନ୍ତୁ, ଦେଖିବେ ଏହାର ବାସ୍ତବ ଚିତ୍ର । ଏଠାରେ ନିୟମିତ ଶହ ଶହ ସଂଖ୍ୟାରେ ଲୋକଙ୍କର ଭିଡ଼ ଜମେ । ଆଜକୁ ଗୋଟିଏ ବର୍ଷ ବିତିଗଲା ଏହିଭଳି ଅବସ୍ଥା ଏଠାରେ ଲାଗି ରହିଛି । ଏହାକୁ ଦେଖି ଏବେ ସାଧାରଣରେ ଚର୍ଚ୍ଚା ହେଉଛି, 'ବ୍ୟାଙ୍କ ଅଫ ଇଣ୍ଡିଆ ଉଦଳାରେ ଖୋଲିଛି କରୋନା ସଂକ୍ରମଣ କେନ୍ଦ୍ର'। ତେବେ କରୋନାକୁ ଆଖି ଆଗରେ ରଖି ବ୍ୟାଙ୍କ ସେବା ଲୋକଙ୍କୁ ଯୋଗାଇ ଦେବା ପାଇଁ ବିକଳ୍ପ ବ୍ୟବସ୍ଥା ଏଠାରେ କାର୍ଯ୍ୟରତ କର୍ମଚାରୀ ମାନେ ଜାଣି ଶୁଣି ଗ୍ରହଣ କରୁ ନାହାଁନ୍ତି । ଏହାହିଁ ସବୁଠାରୁ ଅଧିକ ଦୁଃଖ ଦାୟକ ବିଷୟ ବୋଲି ଅନେକ ମତ ଦେଉଛନ୍ତି । ତେବେ ଏହାକୁ କେନ୍ଦ୍ର କରି ପ୍ରବଳ ଜନଅସନ୍ତୋଷ ଖେଳି ଯାଇଥିବା ବେଳେ ଖୁବ୍ ନିକଟରେ ଏଥିପାଇଁ ଏକ ଆନ୍ଦୋଳନ ମୁଣ୍ଡ ଟେକୁଛି । ପ୍ରଶାସନ ଏଥିରେ ହସ୍ତଖେପ କରିବାକୁ ସାଧାରଣରେ ଦାବୀ ହେଉଛି ।

## ବାରମ୍ବାର ହାରୁଥିବା ବିଜେପି ଏବେ ହତାଶ ଓ ନିରାଶ : ବିଜେଡି

ଭୁବନେଶ୍ୱର,୧୩/୦୪ (ନି.ପ୍ର): ସାଧାରଣ ନିର୍ବାଚନ ଓ ଉପନିର୍ବାଚନମାନଙ୍କରେ ବାରମ୍ବାର ହାରି ବିଜେପି ଆଜି ଅତ୍ୟନ୍ତ ହତାଶ ଓ ନିରାଶ ଅବସ୍ଥାରେ ପହଂଚିଛି । ପିପିଲି ଉପନିର୍ବାଚନରେ ମଧ ବିଜେପି ନିଜର ପରାଜୟକୁ ଏକ ପ୍ରକାର ସ୍ୱୀକାର କରିସାରିଲାଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର। ଡକ୍ଟର ପାତ୍ର କହିଛନ୍ତି ଯେ ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ଯେମିତି ଅଭ୍ୟାସଗତ ଭାବରେ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ କରିବା ଓ ନିର୍ବାଚନ ଅଧିକାରୀଙ୍କ ଦପ୍ତରକୁ ଦୌଡ଼ିବାର ନାଟକ କରୁଥିଲା ବର୍ତମାନ ପିପିଲି ଉପନିର୍ବାଚନରେ ଅନୁରୂପ ନୀତି ଆପଣେଇଛି। ପାରମ୍ପରିକ ଭାବେ ବିଜେପି ଟଙ୍କା ବାଂଟିବା ଓ ହିଂସାକାଣ୍ଡ ଭିଆଇବା କାର୍ଯ୍ୟରେ ଲିପ୍ତ ଥିଲାବେଳେ, ଦଳର ଦୁଇ ସହଯୋଗୀ ପିପିଲିରେ ୫୦ଲକ୍ଷ ଟଙ୍କା ସହିତ ଧରାପଡି ଏହାକୁ ପ୍ରମାଣ କରିଛନ୍ତି। ଓଡିଶାବାସୀଙ୍କ ପାଖରେ ଯେତେବେଳେ ବିଜେପି ଗ୍ରହଣୀୟ ହୋଇ ପାରୁନାହିଁ ସେତେବେଳେ ଗଣମାଧମରେ ରହିବା ପାଇଁ ଏ ପ୍ରକାରର ସାମ୍ବାଦିକ ସମ୍ମିଳନୀ କରି ମିଛ ଓଗାଳୁଛି। ତେବେ ବିଜେପିର ଏଭଳି କାର୍ଯ୍ୟକୁ ପିପିଲିବାସୀ ଭଲଭାବେ ବୁଝିଛନ୍ତି ଏବଂ ପୂର୍ବ ଉପନିର୍ବାଚନଗୁଡିକ ଭଳି ଏଠାରେ ମଧ ବିଜେପିକୁ ପରାଜୟର ବାଟ ଦେଖାଇବାକୁ ସ୍ଥିର କରିଛନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଚଡକ ଯାତ୍ରା ଉଦ୍‌ଯାପିତ

ବାଲିଆପାଳ,୧୩/୦୪ (ନି.ପ୍ର): ବାଲିଆପାଳ ବ୍ଲକର ପ୍ରମୁଖ ଶୈବ ପୀଠ ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଆଜି କରୋନା କଟକଣାଭିତରେ ଚଡକ ଯାତ୍ରା ପାଳିତ ହୋଇଯାଇଛି ।ଖଗଡେଶ୍ୱର ପୀଠରେ ତେର ଦିନ ଧରି ବ୍ରତ ଧାରଣ କରିଥିବା ବ୍ରତାଧାରୀ ମାନେ ଆଜି ଅପରାହ୍ନରେ ଏକ ଶୋଭାଯାତ୍ରାରେ ତେର ଭକ୍ତଙ୍କ ସହ ମଧୁପୁରା ସ୍ଥିତ ହାକାଣ୍ଡ ପୋଖରୀ କୁ ଯାଇଥିଲେ ।ପରମ୍ପରା ଅନୁଯାଇ ଏହି ଭକ୍ତ ମାନେ ମାଳଚନ୍ଦିନୀ ହେବା ପରେ ଦେବ ଦେବ ମହାଦେବ ଙ୍କ ନିକଟରେ ନିଜର ମାନସିକ କରିଥିଲେ ।ଏହି ଦିନରେ ନିଜ ଶରୀରକୁ କଷ୍ଟଦେଇ ଶିବଙ୍କୁ ଆରଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ବିଶ୍ୱାସରେ ରେ କିଛି ଭକ୍ତ ନିଜ ଦେହଓ ଜିଭକୁ କୁ ଲୁହା କଣ୍ଟା ଛୁଞ୍ଚି, ଏବଂ ବେଲୁନ ଫୋଡି ବାଦ୍ୟ ର ତାଳେ ତାଳେ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ ।ସେହିପରି ମହିଳାଭକ୍ତ ମୁଣ୍ଡରେ ଧୁଣାସରା ମୁଣ୍ଡାଇ ମନ୍ଦିର ପର୍ଯ୍ୟନ୍ତ ଆସି ବେଢା ପରିକକ୍ରମା କରିଥିଲେ ।ଦୀର୍ଘ ତେର ଦିନ ଧରି ଚାଲିଥିବା ଏହି ପର୍ବର ଉଦଯାପନ ଉତ୍ସବରେ ଭକ୍ତସମେତ ସାଧାରଣ ଦର୍ଶକ ମ୍ନ ମହାଦେବ ଙ୍କ ନିକଟରେ ନିଜର ଶୁଭ ମନାସିଥିଲେ। କରୋନା କଟକଣା ଯୋଗୁଁ ଯାକଜକମରେ ପାଳିତ ନହୋଇ କେବଳ ବିଧି ମୂତାବକ ଏହି ଯାତ୍ରା ପାଳିତ ହୋଇଛି ।ଚଳିତ ବର୍ଷ ପାଟଭକ୍ତା ଭାବେ ପଦ୍ମୋଲୋଚନ ସାହୁ,ଶ୍ରୀବେକିଡି ଭାବେ ପ୍ରଭାସ କୁମାର ସାହୁ, ପୂଜକ ଜୀତେନ୍ଦ୍ରନାଥ ପାଠୀ ରହିଥିଲାବେଳେ ଖଗଡାପାଳ ଗ୍ରାମକମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିଭଳି ଜଗାଇସ୍ଥିତ ନାଭଡେଶ୍ୱର, ନିଖିରେଶ୍ୱର, କୁଶୁଡିହା, ଜାଠିଆ, ଚାନ୍ଦମଣି ପ୍ରଭୃତି ପୀଠରେ ଚଡକଯାତ୍ରା ପାଳିତ ହୋଇଯାଇଛି ।

ବାଲେଶ୍ୱର, ବୁଧବାର, ୧୪ ଅପ୍ରେଲ ୨୦୨୧

# ଧ୍ୱନି ପ୍ରତିଧ୍ୱନି



## ସୁବର୍ଣ୍ଣରେଖା ନଦୀ ଗର୍ଭରୁ ରାଇବଣିଆ କଳାକୃତି ଉଦ୍ଧାର : ସଂଗ୍ରହାଳୟ ଦାବି

ଜଳେଶ୍ୱର, ୧୩/୪ (ନିପ୍ର) : ଏକଦା ପୂର୍ବ ଭାରତର ସର୍ବବୃହତ୍ ରାଇବଣିଆ ଦୁର୍ଗ ପତନ ହୋଇଥିଲେ ମଧ୍ୟ ତାର ବିଭିନ୍ନ କଳାକୃତି ବିଭିନ୍ନ ସ୍ଥାନରୁ ମିଳୁଥିବାରୁ ଦୁର୍ଗନିକଟରେ ଏକ ସଂଗ୍ରାହାଳୟ ଲାଗି ଦାବି କରାଯାଇଛି । ଆଜି ସୁବର୍ଣ୍ଣରେଖା ନଦୀରୁ ୫ଫୁଟ ଉଚ୍ଚର ଏକ କଳାକୃତି ପଥର ଉଦ୍ଧାର ହେବାପରେ ବିଭିନ୍ନ ସମୟରେ ମିଳୁଥିବା ଏହି ପଥର ସମୁହକୁ ସାଇତି ରଖିବା ଆବଶ୍ୟକ ବୋଲି ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଂଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି । ସୁବର୍ଣ୍ଣରେଖା ନଦୀର ଶିଖରପୁରସ୍ଥିତ ବରାଳବାଲୁକେଶ୍ୱର ହାଇସ୍କୁଲ ସମ୍ମୁଖ ନଦୀଗର୍ଭରେ ଏକ କଳାକୃତିଶିଳାକୁ କେତେକ ବ୍ୟକ୍ତି ଦେଖିଥିଲେ । କୌତୁହଳ ବଶତଃ ବାଲି ତାଡି ଶିଳାଟିକୁ ବାହାର କରିନପାରି ଗ୍ରାମବାସୀମାନଙ୍କୁ ଖବର ଦେଇଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ନିକଟସ୍ଥ ୪/୫ଟି ଗ୍ରାମର ବହୁ ଲୋକ ସେଠାରେ ଭିଡ ଜମାଇଥିଲେ । ତାହା ଏକ ମନ୍ଦିରର ଦଧିନଉତି ମନେ କରି ଜେସିବି ଲଗାଇ ବାଲି ତାଡିଥିଲେ । ଶେଷରେ ଏକ ୫ଫୁଟ ଉଚ୍ଚର ଏକ କଳାକୃତି ପଥର ଉଦ୍ଧାର ହୋଇଥିଲା । ଏହି ପଥରର କଳାକୃତି ସହିତ ରାଇବଣିଆ ଦୁର୍ଗ ପଥର ସହିତ ସାମଞ୍ଜସ୍ୟଥିବା କୁହାଯାଇଛି । କେବଳ ଖଣ୍ଡିଏ ପଥର ନୁହେଁ, ସେଠାରୁ ଅନ୍ୟଏକ ପଥର ମଧ୍ୟ ଉଦ୍ଧାର ହୋଇଛି । ଗ୍ରାମବାସୀ ପଥର ୨ଟିକୁ ନିକଟସ୍ଥ ହାଟପଦା ବରଗଛ ମୂଳରେ ରଖି ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି । ପ୍ରକାଶଯୋଗ୍ୟ ଗତ ୩ବର୍ଷ ପୂର୍ବେ ରାଇବଣିଆ ଗଡ ମଧ୍ୟରେ ବିକ୍ଷିପ୍ତଭାବେ ପଡିରହିଥିବା କଳାକୃତି ପଥରକୁ ମାଫିଆମାନେ ଟ୍ରାକ୍ଟର ଯୋଗେ ନେଇଗଲା ବେଳେ ରାଇବଣିଆ ଗଡ ସୁରକ୍ଷା ପରିଷଦ ପକ୍ଷରୁ ରାଇବଣିଆ ଥାନାରେ ଅଭିଯୋଗକ୍ରମେ ଉଦ୍ଧାର କରଯାଇଥିଲା । ପରିଷଦର ବରିଷ୍ଠ ସଦସ୍ୟ ନାରାୟଣ ଚନ୍ଦ୍ର ଦାସ ଏକ ଧାନବିଲରୁ କଳାକୃତି ଦେବିମୂର୍ତ୍ତୀ ଉଦ୍ଧାର କରିଥିଲେ । ଗତ କିଛିବର୍ଷ ପୂର୍ବେ ବରଡିହାର ଏକ ପୋରୀରୁ ତତ୍କାଳୀନ ବ୍ୟବହୃତ ୨ଟି କମାଣକୁ ଉଦ୍ଧାର କରାଯାଇଥିଲା । ରାଇବଣିଆ ଦୁର୍ଗର ବିଭିନ୍ନ ସ୍ଥାନରେ କଳାକୃତି ପଥରଗୁଡିକ ବିକ୍ଷିପ୍ତଭାବେ ପଡି ରହିଛି । ଏବେବି ଗଡମଧ୍ୟରେ ଯେ କୌଣସି ସ୍ଥାନରେ ତାଡିଲେ କଳାକୃତି ପଥର ମିଳିଥାଏ । ସେଠାରୁ ମିଳିଥିବା କେତେକ ପଥରରେ ଏକ ଜଗନ୍ନାଥ ମନ୍ଦିରର ପାଚେରୀ ନିର୍ମାଣ କରାଯାଇଛି ।

## ଭୁବନେଶ୍ୱରରୁ ୧୯୧ କରୋନା ପଜିଟିଭ୍

ଭୁବନେଶ୍ୱର,୧୩/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ମଙ୍ଗଳବାର ଦିନ ଆଉ ୧୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସଂଗରୋଧରୁ ୪୫ ଜଣ ଓ ସ୍ଥାନୀୟ ସଂକ୍ରମଣ ଯୋଗୁଁ ୧୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଆଜି ଭୁବନେଶ୍ୱରରେ ୬୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥି ସହିତ ଭୁବନେଶ୍ୱରରେ କରୋନା ସଂକ୍ରମିତ ଲୋକଙ୍କ ସଂଖ୍ୟା ୩୩୮୯୩ ରେ ପହଂଚିଛି । କରୋନା ଆକ୍ରାନ୍ତରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ୩୨୩୮୬ରେ ପହଂଚିଛି । ଏଯାଏଁ ୨୫୦ ଜଣ ଲୋକଙ୍କର ମୃତ୍ୟୁ ହୋଇଛନ୍ତି । ଏବେ ୧୨୩୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଆଜି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡଗିରିରୁ ସର୍ବାଧିକ ୧୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାବ୍ୟତୀତ ପଟିଆରୁ ୧୩ ଜଣ, ଓଲ୍ଡ ଟାଉନ୍ ରୁ ୯ , ରସୁଲଗଡ ଓ ସୁନ୍ଦରପଦାରୁ ୮ ଜଣ ଲେଖାଏଁ, ୟୁନିଟ୍ ୩ରୁ ୭ ଜଣ, ନୟାପଲ୍ଲୀରୁ ୬ ଜଣ , ଝାରପଡା ଓ ବଡଗଡରୁ ୫ ଜଣଲେଖାଏଁ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି ।

## ବିଗୁଡୁଛି ବାଲେଶ୍ୱରର କରୋନା ସଂକ୍ରମଣ ସ୍ଥିତି : ଦିନକରେ ୭୨ ଜଣ ନୂଆ ପଜିଟିଭ ଚିହ୍ନଟ

ବାଲେଶ୍ୱର,୧୩/୦୪ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲାରେ ସଂକ୍ରମଣ ହାର କ୍ରମଶଃ ବୃଦ୍ଧି ପାଇବାକୁ ନେଇ ବିଭିନ୍ନ ମହଲରେ ଆତଙ୍କ ସୃଷ୍ଟି ହେବାରେ ଲାଗିଛି । ଏପ୍ରିଲ ମାସ ପହିଲାରୁ ୧୨ ତାରିଖ ପର୍ଯ୍ୟନ୍ତ ମୋଟ ୩୦୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ପୁଣି ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପ୍ରଥମ ଲହାରଠାରୁ ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୨,୯୪୪ରେ ପହଞ୍ଚିଛି । ତନ୍ମଧ୍ୟରୁ ୧୨,୪୮୬ ଜଣ ସୁସ୍ଥ ହୋଇସାରିଥିବା ବେଳେ ଏବେ ୩୫୭ ଜଣ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି । ତେବେ ଦ୍ୱିତୀୟ ଲହରରେ ଅଦ୍ୟାବଧି କୌଣସି ସଂକ୍ରମିତଙ୍କର ମୃତ୍ୟୁ ହୋଇନଥିବା ବେଳେ ପୂର୍ବର ମୃତ୍ୟୁ ସଂଖ୍ୟା ଏବେ ୯୬ରେ ସ୍ଥିର ରହିଛି । ତେବେ ଦ୍ୱିତୀୟ ଲହରୀକୁ ମୁକାବିଲା ପାଇଁ କୋଭିଡ ନିୟମ କଡ଼ାକଡ଼ି ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ କୁହାଯାଉଥିଲେ ବି ବିହୀତ ବ୍ୟବସ୍ଥା ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଲକ୍ଷ୍ୟ କରାଯାଇଛି । ଟ୍ରେସିଂ, ଟ୍ରାକିଙ୍ଗ ଓ ଟ୍ରିଟମେଣ୍ଟ ପ୍ରଭୃତି ୩-ଟି ବାଲେଶ୍ୱରରେ ବିଶେଷ କାର୍ଯ୍ୟକାରୀ ହେଉନଥିବା ପରିଲକ୍ଷିତ ହୋଇଛି । ବାହାର ରାଜ୍ୟ ଓ ଜିଲାରୁ ଆସୁଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ପରୀକ୍ଷା ଓ ଏକାନ୍ତବାସ ନେଇ ଅଦ୍ୟାବଧି କୌଣସି ବ୍ୟବସ୍ଥା କରାଯାଇନାହିଁ । ଏକ ଅଙ୍କରୁ ହଠାତ ସଂକ୍ରମଣ ହାର ଦେଢ଼ଶହ ଅତିକ୍ରମ ପରେ ବି ପ୍ରଶାସନ ପକ୍ଷରୁ ଏବେ ସୁଦ୍ଧା ତତ୍ପରତା ପ୍ରକାଶ ପାଇନାହିଁ । କେଉଁ ଉତ୍ସରୁ ଏହି ସଂକ୍ରମଣ ହାର ବଢ଼ିଲା ସେ ନେଇ ଅଦ୍ୟାବଧି କୌଣସି ନିର୍ଯ୍ୟାସ ବାହାରି ନାହିଁ । ମାସ୍କ ଓ ସାମାଜିକ ଦୂରତା ରକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ଜିଲାଭଳି ବାଲେଶ୍ୱରରେ କଡ଼ାକଡ଼ି ଯାଞ୍ଚ ମଧ୍ୟ ହେଉନାହିଁ । କେବଳ ପୌରପାଳିକା ପକ୍ଷରୁ ମାଇକ ପ୍ରଚାରରେ ସଚେତନ କରାଯାଉଥିବା ବେଳେ ସହରର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ମଲମାନଙ୍କରେ ପୂର୍ବଭଳି ଭିଡ଼ ଲକ୍ଷ୍ୟ କରାଯାଇଛି । ବାଲେଶ୍ୱରରେ ଏଭଳି ସ୍ଥିତି ଆଗାମୀ ଦିନ ପାଇଁ ସଙ୍ଗୀନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଅଂଚଳମଣି ଗଦାଧର ଗିରିଙ୍କ ୮୩ ତମ ଜନ୍ମଜୟନ୍ତୀ

ଜଳେଶ୍ୱର, ୧୩/୪ (ନିପ୍ର) : ପୂର୍ବତନ ବିଧାୟକ, କ୍ଷେପଣାସ୍ତ୍ରଘାଟି ବିରୋଧି ସମିତିର ସଭାପତି ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଗଦାଧର ଗିରିଙ୍କ ୮୩ ତମ ଜୟନ୍ତୀ ଶାଳିକୋଠା ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇ ଯାଇଛି । ଏଥିରେ ରାମଚନ୍ଦ୍ର ଦେଓ ସଭାପତିତ୍ୱ କରିଥିଲେ । ଶାଳିକୋଠାସ୍ଥିତ ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦର ସଂପାଦକ ସୁଧାଂଶୁ ସେଖର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ଗଦାଧର ଗିରି ଆଜୀବନ ତ୍ୟାଗି, ନିସ୍ୱାର୍ଥପର ଜନସେବାର ଜଣେ ଅଗ୍ରଦୂତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ପଣ୍ଡା, ଦେବବ୍ରତ ପ୍ରଧାନ, ଦେବେନ୍ଦ୍ର ନାଥ ଭୂୟାଁ, ଡ. ନମିତା ଦେଓ, ଗଣେଶ ଚନ୍ଦ୍ର ଗିରି, ଅଜୟ ଚକ୍ରବର୍ତ୍ତୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ମୋ ସ୍କୁଲ ଅଭିଯାନର ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦପତ୍ର ପ୍ରଦାନ



ବାଲିଆପାଳ,୧୩/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଗୋଷ୍ଠି ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ମୋ ସ୍କୁଲ ଅଭିଯାନକୁ ସଫଳ କରିଥିବା ବିଭିନ୍ନ ବିଦ୍ୟାଳୟର ବିଶିଷ୍ଟ ଆଲୁମିନି ମାନଙ୍କୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଆସିଥିବା ଧନ୍ୟବାଦ ପତ୍ର ପ୍ରଦାନ କରାଯାଇଛି । ଏନେଇ ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକଶିକ୍ଷାଅଧିକାରୀ ନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ବାଲିଆପାଳ ବିଡିଓ ଲଳିତ ସରେଙ୍ଗ, ମୁଖ୍ୟ ବକ୍ତା ଭାବରେ ତହସିଲଦାର ଦୀପକ କୁମାର ଦାସ, ସମ୍ମାନୀତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ଦୁଃଖିଶ୍ୟାମ ଦାସ, ଏବିଇଓ ନମିତା ପ୍ରଭା ସାମଲ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସରକାରଙ୍କ ମୋ ସ୍କୁଲ ଅଭିଯାନ ଏକ ଫଳପ୍ରଦ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ ରଖିଥିଲେ । ବାଲିଆପାଳ ବ୍ଲକରେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପୂରାତନ ଛାତ୍ର ତରଫରୁ ୨ କୋଟି ୬୩ ଲକ୍ଷ ୫୦ ହଜାର ଟଙ୍କା ଜମା କରଥିବା ବେଳେ ସରକାରଙ୍କ ତରଫରୁ ଏହାର ଦୁଇଗୁଣା ଅନୁଦାନ ପାଇ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଥିବା ବ୍ଲକଶିକ୍ଷାଅଧିକାରୀ ଶ୍ରୀ ଦାସ ସୂଚନା ଦେଇଥିଲେ । ଏହି ଅବସରରେ ବ୍ଲକର ପ୍ରମୁଖ ପୂରାତନ ଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ସିଆରସିସି ମାନଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକର ଗୋଷ୍ଠୀଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମସ୍ତ ସିଆରସିସି, ଶିକ୍ଷକ ନିତାଇ ଚରଣ ରାଉଳ, ଧନଞ୍ଜୟ ଚରଣ ଦେ, ଅଜିତ କୁମାର ବାରିକ, ଅଶୋକ କୁମାର ଗିରି, ଜ୍ୟୋତିପ୍ରକାଶ ଜେନା, ବ୍ୟୋମକେଶ ସାହୁ, ତନ୍ମୟ ସାମଲ, ପରମାନନ୍ଦ ସାହୁ, କଳ୍ପନା ସାହୁ, ଜଶୋବନ୍ତ ଜେନା, ମନୋରଞ୍ଜନ ପ୍ରଦାନ ପ୍ରମୁଖ ପରିଚାଳନା କରିଥିଲେ ।

## ଧାନବିକ୍ରି ଭଳି ପରିବା ବିକ୍ରି ପାଇଁ ଇ-ନାମ ରେଜିଷ୍ଟ୍ରେସନ୍ ଆରମ୍ଭ

ଜଳେଶ୍ୱର, ୧୩/୪ (ନିପ୍ର) : ଧାନ ଉତ୍ପାଦନ ପରେ ଚାଷୀମାନେ ବିକ୍ରି କରିବାଲାଗି ସମବାୟ ସମିତି ଜରିଆରେ ନାମ ପଂଜିକୃତ କଲାପରି ଏଣିକି ପରିବା ବିକ୍ରିଲାଗି ସମବାୟ ସମିତି ଜରିଆରେ ପ୍ରତିଦିନ ଇ-ନାମରେ ନାମ ପଂଜିକୃତ କରିବାର ବ୍ୟବସ୍ଥା ହୋଇଛି । ଓଲମରା ଓ ମାକିଡିଆ ପଂଚାୟତ ୨ଟି ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ସେଠାରୁ ବ୍ୟାପକ ପରିବା ଉତ୍ପନ୍ନ ହୋଇ ନିକଟସ୍ଥ ଦାନ୍ତୁନ ବଜାରରେ ସ୍ୱଳ୍ପ ମୂଲ୍ୟରେ ବିକ୍ରି ହୋଇଥାଏ । କିନ୍ତୁ ସେମାନଙ୍କ ପରିବାକୁ ଜାତୀୟ ସ୍ତରେ ବିକ୍ରିଲାଗି ସମବାୟ ସମିତି ଜରିଆରେ କିଣାଯିବାର ନୂତନ ବ୍ୟବସ୍ଥା ହୋଇଛି । ଆଜି ମାକିଡିଆ ହାଟ ପଡିଆଠାରେ ଇ-ନାମ ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଜଳେଶ୍ୱର ଇ-ନାମ ତରଫରୁ ଚାଷୀମାନଙ୍କୁ ଇ ନାମ ସମ୍ପର୍କରେ ସବିଶେଷ ତଥ୍ୟ କୁହାଯାଇଛି । ପରିବା ବଜାର ସୃଷ୍ଟି ଓ ଅଧିକ ମୂଲ୍ୟରେ ବିକ୍ରିଲାଗି ଏପରି ଏକ ଅଭିନବ ବ୍ୟବସ୍ଥା ଚାଷୀଙ୍କୁ ଆନନ୍ଦ ଆଣି ଦେଇଛି । ଇଣ୍ଟର ନେଟ୍ ସାମହାର୍ଯ୍ୟରେ କୃଷିଜାତ ଜିନିଷର ବିକା-କିଣା ଏହା ଏକ ମାଧ୍ୟମ , ଜାତୀୟସ୍ତରର ଏକ ପୋଟାଲ । ଏଥିରେ ଉତ୍ପାଦକ (ଚାଷୀ), ଉତ୍ପଦକ ସଂଘ, ବ୍ୟବସାୟୀ ଓ ପ୍ରକ୍ରିୟାକାରୀମାନେ ନାମ ପଂଜିକରଣ କରି ଇଣ୍ଟରନେଟ ସହାୟତାରେ ଖରି-ବିକ୍ରି କରିପାରିବେ । ଚାଷୀମାନେ ଆଧାରକାର୍ଡ, ବ୍ୟାଙ୍କ ଆକାଉଣ୍ଟ, ସେମାନଙ୍କ ଫଟୋ ଦେଇ ପଂଜିକରଣ କରିପାରିବେ ବୋଲି ଉପସ୍ଥିତ ହୋଇଥିବା ଭବେଶ ମଲ୍ଲିକ, ସୃଷ୍ଟିଧର ବେହେରା, ମାନୋରଂଜନ ସାମଲ, ଭବାନୀ ଜେନା ପ୍ରମୁଖ ଚାଷୀମାନଙ୍କୁ ବୁଝାଇଥିଲେ । ଆଜି ଏଥିରେ ସରପଂଚ ଜତିନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ କୁଇଲା, ଅମୂଲ୍ୟ ମହାନ୍ତି, ରାଜକୁମାର ଘୋଷ, ରାଧାବଲ୍ଲଭ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଘୋଷ, ରବିନାରାୟଣ ଘୋଷ, ପ୍ରଦୀପ ଘୋଷ, କ୍ଷେତ୍ରମୋହନ ଜେନା, ସମ୍ଭୁନାଥ ବେହେରା, ଲକ୍ଷ୍ମୀଧର ପାଣି ପ୍ରମୁଖ ନାମ ପଂଜିକୃତ କରିଥିବା ଜଣାଯାଇଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ, ୭୨୫ ବାହନ ଜବତ

ଭୁବନେଶ୍ୱର,୧୩/୦୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୫୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୮,୬୩,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଗହଣା ଦୋକାନରେ କଳାକନା ବୁଲାଇଲେ ଚୋର



ବାରିପଦା,୧୩/୦୪ (ନି.ପ୍ର): ବାରିପଦା ସହରରେ ଚୋରୀ ଡକାୟତି, ଲୁଟ ଆଦି ଘଟଣା ଦିନକୁ ଦିନ ବେଶ ଦୃତଗତିରେ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଥିବା ବେଳେ, ଅନେକ ସ୍ଥଳରେ ପୋଲିସ ଅଭିଯୁକ୍ତକୁ ଠାବ କରିବାରେ ବିଫଳ ହେଉଥିବାର ଦେଖିବାକୁ ମିଳୁଛି । ସୂଚନା ମୁତାବକ ବାରିପଦା ଟାଉନ ଥାନା ଅନ୍ତର୍ଗତ ସରକାରୀ ବସ ଷ୍ଟାଣ୍ଡ ସମ୍ମୁଖରେ ଥିବା କେଡିପି ସନ୍ସ ଜୁଏଲ୍ଲର୍ସ ଗହଣା ଦୋକାନରୁ ୨୦ରୁ ୨୫କେଜିର ରୁପା ସହିତ ୫୦-୧୦୦ଗ୍ରାମ ସୁନାକୁ ଗତକାଲି ରାତିରେ ଚୋର ମନେ ଚୋରି କରିନେଇଥିବା ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କାରୀ ହେଲେ କୁଳିଅଣା ଥାନା ଅନ୍ତର୍ଗତ ଗାଞ୍ଜାରାଜ ଅଂଚଳର କାଳିପଦ ଦେଙ୍କ ପୁଅ କିଶୋର କୁମାର ଦେ(୩୪) । ତେବେ ରବିବାର ରାତ୍ରି ପ୍ରାୟ ୧୨:୩୦ ମିନିଟରୁ ପ୍ରାୟ ସକାଳ ୫ଟା ମଧ୍ୟରେ ଚୋରମାନେ ଦୋକାନରେ ପଶି ସିସିଟିଭି ଭାଙ୍ଗି ଥିବା ବେଳେ ଦୋକାନର ଛାତ ଉପର ପଟୁ ଦୋକାନ ମଧ୍ୟରେ ପଶିଥିବା ସନ୍ଦେହ କରାଯାଉଛି । ଘଟଣା ସ୍ଥଳରେ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ପୋଲିସ ଟିମ ପହଂଚି ଦୁଇଟି ଗ୍ୟାସ କଟର ପାଇଁ ବ୍ୟବହାର ହୋଇଥିବା ଦୁଇଟି ଗ୍ୟାସ ସିଲିଣ୍ଡର, ଗ୍ୟାସ କଟର, ଶାବଳ, ସ୍କ୍ରୁଡ୍ରାଇଭର, ରଶି ଆଦି ପୋଲିସ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ତେବେ ସୂଚନା ଅନୁସାରେ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ସକାଳୁ ଦୋକାନ ଖୋଲିବାକୁ ଆସିଥିବା ବେଳେ, ଦୋକାନ ତାଲା ଭଙ୍ଗା ଯାଇଥିବା ଦେଖି ପୋଲିସ କୁ ଖବର ଦିଆଯାଇଥିଲା । ତେବେ ଦୋକାନରୁ ସମସ୍ତ ରୂପା ଓ ସୁନା ଅଳଂକାର ଚୋରମାନେ ଚୋରୀ କରି ନେଇଥିବା ବେଳେ, ଲୋକରକୁ ଭାଙ୍ଗିବାକୁ ଚେଷ୍ଟା କରିଥିବା ବେଳେ, ଲୋକର ଭିତରେ ଥିବା ଅଳଙ୍କାର ସୁରକ୍ଷିତ ଥିବା ଜଣାଯାଇଛି । ଏହି ଦୋକାନଟି ବସ ଷ୍ଟାଣ୍ଡ ପାଖ ହେଉଥିବା ବେଳେ ସବୁବେଳେ ଲୋକଙ୍କ ଯିବା ଆସିବା ଲାଗିରହିଥାଏ । ତେବେ ସହରର ଏଭଳି ଏକ ମୁଖ୍ୟ ରାସ୍ତା କଡ ଦୋକାନରୁ ଚୋରୀ ହୋଇଥିବାରୁ ପୋଲିସର ନାଇଟ ପେଟ୍ରୋଲିଂ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ସହରର ବୁଦ୍ଧିଜିବୀ ମାନେ । ଏବାବଦରେ ବାରିପଦା ଟାଉନ ଥାନାରେ କେସନଂ- ୩୬୪/୨୧ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପୋଲିସ ପହଂଚି ମାଲିକଙ୍କ ବୟାନ ଅଭିଯୋଗରେ ଦୋକାନର ସିସି ଟିଭିର ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ।

## ଥଇଥାନ ନକରି ଉଠା ଦୋକାନୀଙ୍କ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କଲା ମାସା ଆର୍ମି



ବାରିପଦା,୧୩/୦୪ (ନି.ପ୍ର): ବାରିପଦା ପୌରପାଳିକା ଅଧୀନରେ ରାସ୍ତାକଡରେ ବସି ବ୍ୟବସାୟ କରୁଥିବା ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ ପ୍ରତିବାଦରେ ଆଜି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ମୟୂରଭଞ୍ଜ ଉପ ଜିଲ୍ଲାପାଳ ତଥା ବାରିପଦା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାସା ଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶା ଯାଇଛି ଯେ, ବର୍ଷେ ପାଖାପାଖି କରୋନା ମହାମାରୀ ଯୋଗୁଁ ଲକ ଡାଉନ ଓ ସର୍ଟ ଡାଉନରେ ବହୁ ଲୋକ ନିଜର ଜୀବନ ଜୀବିକା ହରାଇଛନ୍ତି । ଗରିବ ଲୋକ ମାନେ ଜୀବନ ଜୀବିକା ନିର୍ବାହ କରିବା ପାଇଁ ଛୋଟମୋଟ ଦୋକାନ ଖୋଲି ନିଜର ପରିବାର ଚଳାଉଛନ୍ତି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଏହି ରାସ୍ତାକଡ ଉଠା ଦୋକାନୀ ମାନଙ୍କୁ ଥଇତାନ ନକରି ଯଦି ଉଚ୍ଛେଦ କରା ଯାଏ ତେବେ ମାନଙ୍କର ପରିବାର ଚଳିବ କେମିତି ? ତେଣୁ ଏ ମାନଙ୍କୁ ହଠାତ ଉଚ୍ଛେଦ କରା ନଯାଇ ସେମାନଙ୍କୁ ପ୍ରଥମେ ଥଇଥାନ କରାଯାଇ ପରେ ସେମାନଙ୍କୁ ଉଚ୍ଛେଦ କରିବାକୁ ଦାବୀ କରାଯାଇଛି । ଥଇଥାନର କୌଣଷି ପନ୍ଥା ବାହାର ନକରି ଯଦି କେବଳ ଉଚ୍ଛେଦ କରାଯାଏ ତେବେ ମାସା ଆର୍ମୀ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି ।


ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ହିନ୍ଦୁ ନବବର୍ଷ, ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଓ ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଗୁରୁଜନ ଓ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ।

ବିଜେପିର ବାଲେଶ୍ୱର ଜିଲ୍ଲା ସଭାପତି
ଉମାକାନ୍ତ ମହାପାତ୍ର

ଓଡ଼ିଆ ନବବର୍ଷ ଏବଂ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ଓଡ଼ିଆ ନବବର୍ଷ ୨୦୨୧ ଓ ପଣାସଂକ୍ରାନ୍ତି ଅବସରରେ ବାଲେଶ୍ୱରବାସୀ ଏବଂ ଓଡ଼ିଶାର ଜନସାଧାରଣଙ୍କର ସୁଖ, ଶାନ୍ତି, ସମୃଦ୍ଧି ଓ ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଚଲାପଥ କୁସୁମିତ ହେଉ । ଏହା ହିଁ ମହାପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ବିକ୍ରମଜୀତ୍ କର

ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ହିନ୍ଦୁ ନବବର୍ଷ ଓ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି, ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଗୁରୁଜନ ଓ ଭାଇଭଉଣୀଙ୍କୁ ଶୁଭ କାମନା ।

ବିଜେପିର ବାଲେଶ୍ୱର ଜିଲ୍ଲାର ନଗର ସଭାପତି
ଚିତ୍ତରଂଜନ ପଣ୍ଡା (ସୁଲିଆ ନନା)

ଓଡ଼ିଆ ନବବର୍ଷ ଏବଂ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ନୂତନ ସୌର ହିନ୍ଦୁବର୍ଗ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ଧ୍ୱନି ପ୍ରତିଧ୍ୱନି ତଥା ସମସ୍ତ ଜନସାଧାରଣଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ଏହି ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ । ଧ୍ୱନି ପ୍ରତିଧ୍ୱନି ଆଜିର ବେଳରେ ଏକ ନିରପେକ୍ଷ ତଥା ଆଗଧାଡ଼ିର ସମ୍ବାଦପତ୍ର ଏହାର ସମ୍ପାଦକୀୟ ଓ ସମ୍ବାଦ ଠିକ୍ ବଡ଼ ବଡ଼ ଖବରକାଗଜ ପରି । ମୋର ସବୁ ଦିନର ସକାଳକୁ ସରସ, ସୁନ୍ଦର କରେ ଧ୍ୱନି ପ୍ରତିଧ୍ୱନି ଖବର କାଗଜ । ଏହାର କବିତା, ବିଚିତ୍ରା, ବିବିଧ ବିଶ୍ୱ, ଗଳ୍ପ, ପ୍ରବନ୍ଧ, କୁନି ରାଇଜ, ବିଜ୍ଞାନ ଭିତ୍ତିକ କଥାସବୁ ରସରେ ଭରପୁର ତଥା ଏହା ମୋତେ ସକାଳର ଉର୍ଜାଦିଏ । ତେଣୁ ଏହାର ପ୍ରକାଶକ, ସମ୍ପାଦିକା ତଥା ଲେଖକ ଲେଖିକାଙ୍କୁ ନବବର୍ଷର ଅନେକ ଅନେକ ବଧେଇ ଓ ସାଧୁବାଦ । ଆଜିର ସମୟରେ ସମସ୍ତେ କରୋନାକୁ ପ୍ରତିହତ କରି ସୁଖମୟ ଜୀବନ ଜିଅନ୍ତୁ । ଧ୍ୱନି ପ୍ରତିଧ୍ୱନି ଦୀର୍ଘାୟୁ ହେଉ ଏବଂ ନିର୍ଭୀକ ସମ୍ବାଦ ପରିବେଷଣ କରୁଥାଉ ଏହା ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା ।

ଅଞ୍ଜଳି ପଣ୍ଡା
ଚୌଧୁରୀ ସାହି, ବାଲେଶ୍ୱର

ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ଓଡ଼ିଆ ନବବର୍ଷ ୨୦୨୧ ଏବଂ ପଣାସଂକ୍ରାନ୍ତି ଅବସରରେ ବାଲେଶ୍ୱରବାସୀ ଓ ଓଡ଼ିଶାର ଜନସାଧାରଣଙ୍କର ସୁଖ, ଶାନ୍ତି, ସମୃଦ୍ଧି ଓ ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଚଲାପଥ କୁସୁମିତ ହେଉ, ଏହା ହିଁ ମହାପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ସୁଜିତ୍ ଦେବ



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo